Daily Edition:
RNI No.ODIODI/2010/33791

ଶୁକ୍ରବାର, ୫ ମଇ, ୨୦୨୩
ଭାଗ ୧୩, ସଂଖ୍ୟା ୨୩୭

Friday 5 May - 2023
Volume XIII, Issue No 237

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ଯୁଗାବ୍ଦ ୫୧୨୫, ସମ୍ବତ ୨୦୮୦
ମେଷ ୨୨, ପୂର୍ଣ୍ଣମୀ

www.srutinews.com

# ଶ୍ରୁତି SRUTI

ସତ୍ୟନିଷ୍ଠ ସୃଜନଶୀଳ ଖବରକାଗଜ

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠର ବିକାଶ ପାଇଁ ୧୦ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର , ୦୪/୦୫(ଶ୍ରୁ.ମି.) : ଅଲଚିକି ଲିପିର ଉଦ୍‌ଭାବକ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୧୦ କୋଟି ଟଙ୍କା ମଂଜୁର କରିଛନ୍ତି।

ସାନ୍ତାଳି ସମାଜ ଓ ସାନ୍ତାଳୀ ଭାଷା ଓ ସାହିତ୍ୟ ପ୍ରତି ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅବଦାନ ସର୍ବଜନ ବିଦିତ। ପଣ୍ଡିତ ମୁର୍ମୁ ଅଲଚିକି ଲିପି ଉଦ୍‌ଭାବନ କରି ସାନ୍ତାଳି ସମାଜର ସାଂସ୍କୃତିକ ପରିଚୟକୁ ସୁଦୃଢ କରିଯାଇଛନ୍ତି । ସାନ୍ତାଳି ଲିପି ଏକ ବିଜ୍ଞାନ ସମ୍ମତ ଲିପି ଭାବରେ ମଧ୍ୟ ସ୍ୱୀକୃତି ପାଇଛି। ସାନ୍ତାଳି ଭାଷାରେ ଅଲିଚିକି ଲିପିରେ ସେ ଅନେକ କାଳଜୟୀ ସାହିତ୍ୟ ସୃଷ୍ଟି କରିଛନ୍ତି। ତାଙ୍କର କାଳଜୟୀ କୃତୀ ପାଇଁ ସେ କେବଳ ସାନ୍ତାଳି ସମାଜ ନୁହେଁ, ସମଗ୍ର ଭାରତୀୟ ସାହିତ୍ୟ ଜଗତରେ ସ୍ମରଣୀୟ ହୋଇ ରହିଛନ୍ତି। ସାନ୍ତାଳି ସମାଜ ପାଇଁ ତାଙ୍କର ମହାନ ଅବଦାନ ତାଙ୍କୁ ସବୁବେଳେ ପୂଜନୀୟ କରି ରଖିଛି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତିରେ ରାଜ୍ୟ ସରକାର ବାରିପଦା ମେଡିକାଲ କଲେଜକୁ ତାଙ୍କ ନାମରେ ନାମିତ କରିଛନ୍ତି। ସାନ୍ତାଳି ଜାତି ପ୍ରତି ପଣ୍ଡିତ ମୁର୍ମୁଙ୍କ ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ତାଙ୍କ ଜୟନ୍ତୀ ବୁଦ୍ଧ ପୂର୍ଣ୍ଣିମାକୁ ମଧ୍ୟ ସରକାରୀ ଛୁଟି ଭାବରେ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ମାର୍ଚ୍ଚ ୨ ଓ ୩ ଦୁଇ ଦିନ ଧରି ମୟୁରଭଂଜ ଗସ୍ତରେ ଯାଇଥିବା ବେଳେ ଦାଣ୍ଡବୋସ ଯାଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପରିଦର୍ଶନ କରିଥିଲେ ଏବଂ ବାରିପଦାସ୍ଥିତ ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ମଧ୍ୟ ଯାଇଥିଲେ। ତାଙ୍କ ସ୍ମୃତି ପୀଠର ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ସେ ସାନ୍ତାଳି ଭାଇଭଉଣୀଙ୍କ ସହ ଆଲୋଚନା ବେଳେ ଶ୍ରୀ ପାଣ୍ଡିଆନ ପ୍ରତିଶୃତି ଦେଇଥିଲେ। ତଦ୍‌ନୁଯାୟୀ ସେଥିପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ଅଂଚଳର ବିକାଶ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଯୋଜନାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି। ତଦନୁଯାୟୀ ଦାଣ୍ଡବୋସ-କାପିବୁରୁ ଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ସମାଧୀ ପୀଠର ବିକାଶ ପାଇଁ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଆଉ ୭୫ ଲକ୍ଷ ଟଙ୍କା ଖର୍ଚ୍ଚରେ ସେଠାରେ ଧ୍ୟାନକେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏତଦ୍‌ବ୍ୟତୀତ କାପିବୁରୁର ପାଚେରୀ ଓ ସଂଯୋଗ ରାସ୍ତାର ବିକାଶ ପାଇଁ ୩ କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ଥିବାବେଳେ, ସେଠାରେ ଏକ ଅଡିଟୋରିମ ଓ ଗବେଷଣା କେନ୍ଦ୍ର ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେଠାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ସୁବିଧା ପାଇଁ ଡର୍ମିଟୋରୀ ଓ ଅନ୍ୟାନ୍ୟ ସୁବିଧା ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। କାପିବୁରୁର ସୌନ୍ଦର୍ଯ୍ୟକରଣ ଓ ସ୍ୱାଗତତୋରଣ ପାଇଁ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଦାଣ୍ଡବୋସ, ବିଦୁ ଚାନ୍ଦାନ ବାହାଗାଳର ବିକାଶ ତଥା ମାରାଙ୍ଗ-ଆହାରା ପୁଷ୍କରିଣୀ ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏତଦ୍‌ବ୍ୟତୀତ ପାନୀୟ ଜଳ, ବିଦ୍ୟୁତକରଣ ପାଇଁ ୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସ୍ଥିର କରାଯାଇଛି।

୫-ଟି ଉପକ୍ରମରେ ଏ ସମସ୍ତ କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ସଂପାଦନ କରାଯିବ। ଖୁବଶୀଘ୍ର କାମ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ଜନ୍ମମାଟିରେ ରାଷ୍ଟ୍ରପତି



ବାରିପଦା/ଭୁବନେଶ୍ୱର , ୦୪/୦୫(ଶ୍ରୁ.ମି.) : ଜନ୍ମମାଟି ମୟୂରଭଞ୍ଜ ଜିଲ୍ଲାରେ ପହଂଚିଛନ୍ତି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ୨୦ରେ ସେ ବାୟୁ ସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ରାଇରଙ୍ଗପୁରର ବାଦାମପାହାଡ଼ ଅସ୍ଥାୟୀ ହେଲିପ୍ୟାଡରେ ପହଂଚିଥିଲେ। ସେଠାରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସାରସକଣା ବିଧାୟକ ବୁଧାନ ମୁର୍ମୁ ଓ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି ପ୍ରମୁଖ ସ୍ୱାଗତ କରିଥିଲେ।

ରାଷ୍ଟ୍ରପତି ହେବା ପରେ ଏହା ଦ୍ରୌପଦୀ ମୁର୍ମୁଙ୍କ ପ୍ରଥମ ମୟୂରଭଞ୍ଜ ଗସ୍ତ ହୋଇଥିବାରୁ ସେଠାରେ ଲୋକଙ୍କ ଭିତରେ ନାହିଁ ନଥିବା ଉତ୍ସାହ ପରିଲକ୍ଷିତ ହୋଇଛି। ରାଷ୍ଟ୍ରପତିଙ୍କୁ ଦେଖିବାକୁ ବାଦାମପାହାଡ଼ରେ ଲୋକଙ୍କ ଭିତରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହେଲିପ୍ୟାଡରୁ ଓହ୍ଲାଇ ଉପସ୍ଥିତ ଲୋକଙ୍କୁ ହାତ ହଲାଇ ଅଭିବାଦନ ଗ୍ରହଣ କରିଥିଲେ। ପରେ ହେଲପ୍ୟାଡରୁ ଚାଲିଚାଲି ଆସି ତୁମେ ମାନେ ଭଲ ଅଛ କି ନାହିଁ ବୋଲି ଲୋକଙ୍କୁ ପଚାରିଥିଲେ। ରାଷ୍ଟ୍ରପତିଙ୍କୁ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ସହ ସ୍ୱାଗତ କରାଯାଇଥିଲା।

ଏହା ପରେ ରାଷ୍ଟ୍ରପତି ପାହାଡପୁର ଅଭିମୁଖେ ଯାଇ ସେଠାରେ ଟ୍ରାଇବାଲ୍ ଡେଭଲପମେଂଟ ପ୍ରୋଜେକ୍ଟ କମ୍ୟୁନିଟି ସେଂଟର ଓ ଲାଇଭ୍‌ଲିହୁଡ୍ ପ୍ରୋଗ୍ରାମର ଉଦ୍‌ଘାଟନ କରିଛନ୍ତି । ପରେ ସେ ହାଟବଦ୍ରା ଠାରେ ବ୍ରହ୍ମକୁମାରୀ କେନ୍ଦ୍ରକୁ ଗସ୍ତ କରିବେ ଏବଂ ସେଠାରେ ବ୍ରହ୍ମ କୁମାରୀ କେନ୍ଦ୍ରର ‘ନିଶାମୁକ୍ତ ଓଡ଼ିଶା’ ଅଭିଯାନ ଆରମ୍ଭ କରିଛନ୍ତି। ସନ୍ଧ୍ୟାରେ, ରାଷ୍ଟ୍ରପତି ରାଇରଙ୍ଗପୁର ଠାରେ ରାଇରଙ୍ଗପୁର ପୌରପାଳିକା ପକ୍ଷରୁ ତାଙ୍କ ସମ୍ମାନରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଜି ସେ ମହୁଲଡ଼ିହାସ୍ଥିତ ପିଡବ୍ଲୁଡି ବଙ୍ଗଳାରେ ରାତ୍ରିଯାପନ କରିବେ। ମେ’ ୫ ତାରିଖରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶିମିଳିପାଳ ଅଭୟାରଣ୍ୟ ବୁଲିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୬ ତାରିଖରେ ବାରିପଦାର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।



## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହାଟବାଦଡା ଠାରେ ନିଶା ମୁକ୍ତ ଓଡିଶା ଅଭିଯାନର କଲେ ଶୁଭାରମ୍ଭ




ରାଇରଙ୍ଗପୁର/ଭୁବନେଶ୍ୱର, ୦୪/୦୫(ଶ୍ରୁ.ମି.) : ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଗୁରୁବାର ଦିନ ମୟୁରଭଂଜ ଜିଲ୍ଲାର ହାଟବାଦଡା ସ୍ଥିତ ବ୍ରହ୍ମକୁମାରୀ କେନ୍ଦ୍ରରେ ନିଶା ମୁକ୍ତ ଓଡିଶା ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ ଉଦବୋଧନ ଦେଇ କହିଛନ୍ତି ଯେ ନିଶା ଏକ ବ୍ୟାଧି। ଏହା ଏକ ସାମାଜିକ, ଅର୍ଥନୈତିକ, ଶାରୀରିକ ଓ ମାନସିକ ଅଭିଶାପ। ନିଶା ସେବନ ଦଜ୍ୱାରା ପରିବାର ଓ ସମାଦରେ ବିବାଦ ତିଆରି ହୋଇଥାଏ। ତେଣୁ ନିଶା ସେବନର ପ୍ରତିକୂଳ ପ୍ରଭାବ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଇବାକୁ ପଡିବ। ଯେତେବେଳେ ଲୋକ ମାନେ ନିଶା ସେବନର ଖରାପ ପ୍ରଭାବ ସମ୍ପର୍କରେ ସଚେତନ ହେବେ ସେତେବେଳେ ସେମାନେ ନିଜେ ନିଶାକୁ ପରିତ୍ୟାଗ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ନିଶା ସମାଜର ସବୁଠାରୁ ବଡ ଶତ୍ରୁ। ତେଣୁ ଏ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଇବା ଏକ ପୁଣ୍ୟ କାର୍ଯ୍ୟ। ବ୍ରହ୍ମକୁମାରୀ କେନ୍ଦ୍ର ଦ୍ୱାରା ଆଧାତ୍ମିକତାର ଜାଗରଣ କରି ଏକ ସୁସ୍ଥ ସମାଜ ଗଠନ କରିବାର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ସେ ନିଶା ମୁକ୍ତ ଓଡିଶା ଅଭିଯାନର ସଫଳତା କାମନା କରିଛନ୍ତି।

ଏହା ପୂର୍ବରୁ ରାଷ୍ଟ୍ରପତି ପାହାଡପୁର ଗାଁରେ ପହଂଚି ଶ୍ୟାମଚରଣ ମୁର୍ମୁଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ସେ ସେ ଗାଁରେ ସ୍କିଲ ଟ୍ରେନିଂ ହବ ଓ କମ୍ୟୁନିଟି ସେଂଟରର ଭିତିପ୍ରସ୍ତର ସ୍ଥାପନା କରିବା ସହ ଲୋକ ମାନଙ୍କ ସହ ଆଲୋଚନା କରିଥିଲେ।

# ସମଗ୍ର ଦେଶରେ ୧୦୦ ଟି ସୁସ୍ଥ ଏବଂ ସ୍ୱଚ୍ଛ ଫୁଡ୍ ଷ୍ଟ୍ରିଟ୍ ବିକାଶ ପାଇଁ ‘ଫୁଡ୍ ଷ୍ଟ୍ରିଟ୍ ପ୍ରୋଜେକ୍ଟ’ର ସମୀକ୍ଷା କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ

ନୂଆଦିଲ୍ଲୀ, ୦୪/୫(ଏଜେନ୍ସି) : କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫଏସଏସଏଆଇ) ର ୧୦୦ ଟି ସୁସ୍ଥ ତଥା ସ୍ୱଚ୍ଛ ଖାଦ୍ୟ ଷ୍ଟ୍ରିଟର ବିକାଶ ପାଇଁ ‘ଫୁଡ୍ ଷ୍ଟ୍ରିଟ୍ ପ୍ରୋଜେକ୍ଟ’ର ସମୀକ୍ଷା କରିଛନ୍ତି। ଖାଦ୍ୟ ବ୍ୟବସାୟ ତଥା ସଦସ୍ୟଙ୍କ ମଧ୍ୟରେ ନିରାପଦ ଏବଂ ସୁସ୍ଥ ଖାଦ୍ୟ ଅଭ୍ୟାସକୁ ଉତ୍ସାହିତ କରିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ଖରାପ ଖାଦ୍ୟ ଦ୍ୱାରା ହେଉଥିବା ରୋଗକୁ ହ୍ରାସ କରିବା ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ମଧ୍ୟ ଏହି ଯୋଜନାର ଲକ୍ଷ୍ୟ ଅଟେ।

ଫୁଡ୍ ଷ୍ଟ୍ରିଟକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ୍) ପ୍ରତି ଫୁଡ ଷ୍ଟ୍ରିଟକୁ ୧ କୋଟି ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବ। ଏହା ମାଧ୍ୟମରେ ପାଇଲଟ୍ ପ୍ରକଳ୍ପ ଭାବରେ ଦେଶର ବିଭିନ୍ନ ସ୍ଥାନରେ ୧୦୦ ଟି ଫୁଡ ଷ୍ଟ୍ରିଟର ସ୍ଥାପନା କରାଯିବ। ଏହି ଅନୁଦାନ ଏନଏଚଏମ୍ ମାଧ୍ୟମରେ ୬୦:୪୦ କିମ୍ବା ୯୦:୧୦ ଅନୁପାତରେ ପରିଚାଳିତ ହେବ ଏବଂ ଏଥିରେ ସର୍ତ୍ତ ରହିଛି ଯେ ଏହି ଫୁଡ୍ ଷ୍ଟ୍ରିଟର ବ୍ରାଣ୍ଡିଂ ଏଫଏସଏସଏଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ କରାଯିବ।

ନିରାପଦ ପାନୀୟ ଜଳ ଯୋଗାଣ, ହାତ ଧୋଇବା, ଶୌଚାଳୟ ସୁବିଧା, ସାଧାରଣ ଅଞ୍ଚଳର ଟାଇଲ୍ ଚଟାଣ, ଉପଯୁକ୍ତ ତରଳ ଏବଂ କଠିନ ବର୍ଜ୍ୟବସ୍ତୁ ନିଷ୍କାସନ, ଡଷ୍ଟବିନ ଯୋଗାଣ, ବିଲବୋର୍ଡ ବ୍ୟବହାର, ଫାକେଡ୍ ପ୍ରସ୍ତୁତି ଏବଂ ସ୍ଥାୟୀ ପ୍ରକୃତିର ସାଇନେଜ୍ ଭଳି କାର୍ଯ୍ୟକଳାପ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହା ସହିତ ସାଧାରଣ ଷ୍ଟୋରେଜ୍ ସ୍ପେସ୍, ଆଲୋକୀକରଣ, ନିର୍ଦ୍ଦିଷ୍ଟ ପ୍ରକାରର ଟ୍ରେଡ, ବ୍ରାଣ୍ଡିଂ ଇତ୍ୟାଦି ପାଇଁ ସ୍ୱତନ୍ତ୍ର କାର୍ଟ ସୁବିଧା ମଧ୍ୟ ରହିବ।

ଏଫଏସଏସଏଆଇ ର ବୈଷୟିକ ସହାୟତା ବ୍ୟତୀତ ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରଣାଳୟ (ଏମଓୟୁଏଚଏ) ସହିତ ମିଳିତ ଭାବରେ ଏନଏଚଏମ ମାଧ୍ୟମରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହେବ। ବୈଷୟିକ ସହାୟତାରେ ରହିଛି ଫୁଡ୍ ଷ୍ଟ୍ରିଟର ଡିଜାଇନ୍, ଏକ ଏସଓପି ପ୍ରସ୍ତୁତି ଏବଂ ହାଜାର୍ଡ ଆନାଲିସିସ୍ ଆଣ୍ଡ କ୍ରିଟିକାଲ୍ କଣ୍ଟ୍ରୋଲ୍ ପଏଣ୍ଟସ (ଏଚଏସିସିପି) ପ୍ରୋଟୋକଲ୍ ଅଧୀନରେ ତାଲିମ ପ୍ରଦାନରେ ସହାୟତା ଅନ୍ତର୍ଭୁକ୍ତ ରହିଛି।

ଷ୍ଟ୍ରିଟ୍ ଖାଦ୍ୟ ଭାରତୀୟ ଖାଦ୍ୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଭାରତୀୟ ଖାଦ୍ୟ ଅର୍ଥନୀତିକୁ ବଜାୟ ରଖିବା ଏବଂ ଗଠନରେ ଏକ ଅତୁଳନୀୟ ଭୂମିକା ଗ୍ରହଣ କରିଛି । ଏହା କେବଳ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ସୁଲଭ ଏବଂ ସୁସ୍ୱାଦୁ ଖାଦ୍ୟର ଉତ୍ସ ନୁହେଁ ବରଂ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ପ୍ରମୁଖ ଯୋଗଦାନ ଦେଇଥାଏ। ଦ୍ରୁତ ସହରୀକରଣ ସହିତ, ଷ୍ଟ୍ରିଟ୍ ଫୁଡ୍ ହବ୍ ମାଧ୍ୟମରେ ସହଜରେ ସୁସ୍ୱାଦୁ ଖାଦ୍ୟ ମିଳିପାରୁଛି କିନ୍ତୁ ଏହି ହବ୍ ଗୁଡିକରେ ଖାଦ୍ୟ ସୁରକ୍ଷା ଏବଂ ସ୍ୱଚ୍ଛତା ଏକ ଚିନ୍ତାର ବିଷୟ ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଫୁଡ୍ ? ଷ୍ଟ୍ରିଟ୍ ହବ୍ ପାଇଁ ସ୍ୱଚ୍ଛତା ଏବଂ ଖାଦ୍ୟ ନିରାପତ୍ତା ମାନକର ପ୍ରୋଟୋକଲରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛି। ଏହି ପଦକ୍ଷେପଗୁଡ଼ିକରେ ଖାଦ୍ୟ ନିୟନ୍ତ୍ରକମାନଙ୍କର ତାଲିମ, ସ୍ୱାଧୀନ ତୃତୀୟ-ପକ୍ଷ ଅଡିଟ୍ ଏବଂ ଇଟ୍ ରାଇଟ୍ ଇଣ୍ଡିଆ ଆନ୍ଦୋଳନର କ୍ଲିନ୍ ଷ୍ଟ୍ରିଟ୍ ଫୁଡ୍ ହବ୍ ପଦକ୍ଷେପ ଅନ୍ତର୍ଗତ ପ୍ରମାଣପତ୍ର ଅନ୍ତର୍ଭୁକ୍ତ ରହିଛି।

# ଜମ୍ମୁ ଓ କଶ୍ମୀରର କିସ୍ତୱାଡରେ ସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ



ନୂଆଦିଲ୍ଲୀ, ୦୪/୦୫(ଏଜେନ୍ସି) : ଜମ୍ମୁ ଓ କଶ୍ମୀରର କିସ୍ତୱାଡ୍ ଜିଲ୍ଲା ଅନ୍ତର୍ଗତ ମାରୱା ତହସିଲ୍ ଅଂଚଳର ମାଛନା ଗାଁ ରେ ସେନାର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ସେନା ଅଧିକାରୀମାନଙ୍କ କହିବା ଅନୁସାରେ, ଏହି ହେଲିକପ୍ଟର ଦୁର୍ଘଟଣାରେ ପାଇଲଟ୍ ମାନେ ଆହତ ହୋଇଥିଲେ ବି ନିରାପଦ ଅଛନ୍ତି। ସେନାର ଗୋଟାଏ ‘ଏଏଲ୍ଏଚ୍ ଧ୍ରୁବ ହେଲିକପ୍ଟର’ ଜମ୍ମୁ ଓ କଶ୍ମୀରର କିସ୍ତୱାଡ଼ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। କିସ୍ତୱାଡ଼ ଜିଲ୍ଲାର ମାରୱା-ଦାଛନ ମଧ୍ୟରେ ପ୍ରବାହିତ ମରୁସୁଦର ନଦୀରେ ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରର ଭଗ୍ନାବଶେଷ ପଡ଼ିଥିବା ଦେଖିବାକୁ ମିଳିଥିଲା। ଦୁର୍ଘଟଣା ସ୍ଥାନରେ ତଲାସ ଓ ଉଦ୍ଧାର କାର୍ଯ୍ୟ ଚାଲିଛି।ଏଥିରେ ୩ ଜଣ ଥିଲେ ବୋଲି ସୂଚନା ମିଳିଛି। ଆହତ ହୋଇଥିଲେ ବି ପାଇଲଟ୍ ମାନେ ନିରାପଦ ଅଛନ୍ତି ଓ ସେମାନଙ୍କର ଚିକିତ୍ସା ଚାଲିଛି ବୋଲି ସେନା ଅଧିକାରୀମାନେ କହିଛନ୍ତି।

## ଜୟପୁର-ଅଜମେର ହାଇୱେରେ ଅଲୋଟ କାର ସହିତ ଟ୍ୟାଙ୍କର ଧକ୍କା, ୭ ଜଣଙ୍କ ମୃତ୍ୟୁ, ୩ ଆହତ

ଜୟପୁର, ୦୪/୫(ଏଜେନ୍ସି) : ଜୟପୁର-ଅଜମେର ହାଇୱେ ରେ ରାମନଗରର ଦୁଦୁ ନିକଟରେ ଗୁରୁବାର ଦ୍ୱିପହରରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଇଛି। ହାଇୱେରେ ଯାଉଥିବା ଟ୍ୟାଙ୍କର ଟାୟାର ଫାଟିଯିବା ଯୋଗୁଁ ଅନ୍ୟ ଲେନରେ ଯାଉଥିବା କାର ଉପରେ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ୟାଙ୍କର ପଡ଼ିବା ଯୋଗୁଁ କାରଟି ସମ୍ପୂର୍ଣ୍ଣ ଚାପି ହୋଇଯାଇଥିଲା। ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି।

# ୫ଟି ଜିଲ୍ଲାର ୩୫୯ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ

## ଜନସାଧାରଣଙ୍କ ଭାଗିଦାରୀର ପ୍ରକୃଷ୍ଟ ଉଦାହରଣ ହେଉଛି ସ୍କୁଲ ରୂପାନ୍ତର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର , ୦୪/୦୫(ଶ୍ରୁ.ମି.) : ସ୍କୁଲ ରୂପାନ୍ତରର ପ୍ରତ୍ୟେକ ସ୍ତରରେ ଜନସାଧାରଣ ସାମିଲ ହୋଇଛନ୍ତି। ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ରୂପାନ୍ତରିତ ସ୍କୁଲର ପରିକଳ୍ପନା ଠାରୁ ଆରମ୍ଭ କରି ରୂପାୟନର ସବୁ ସ୍ତରରେ ସଂଶ୍ଳିଷ୍ଟ ହୋଇଛନ୍ତି। କେଉଁ କାର୍ଯ୍ୟରେ କେତେ ଖର୍ଚ୍ଚ ହେଉଛି, ସେ ବିଷୟରେ ମଧ୍ୟ ସେମାନେ ଜାଣନ୍ତି। ତେଣୁ ସ୍କୁଲ ରୂପାନ୍ତର ହେଉଛି, ଜନ ଭାଗିଦାରୀର ଏକ ପ୍ରକୃଷ୍ଟ ଉଦାହରଣ। ଗୁରୁବାର ଦିନ ସ୍କୁଲ ରୂପାନ୍ତରର ତୃତୀୟ ପର୍ଯ୍ୟାୟର ଚତୁର୍ଥ ଦିନରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ତୃତୀୟ ପର୍ଯ୍ୟାୟର ଚତୁର୍ଥ ଦିନରେ ଗୁରୁବାର ୫ଟି ଜିଲ୍ଲାର ୩୫୯ଟି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଏଥିରେ ଭଦ୍ରକ ଜିଲ୍ଲାର ୧୨୪ଟି ହାଇସ୍କୁଲ, କନ୍ଧମାଳ ଜିଲ୍ଲାର ୭୭ଟି, ଢେଙ୍କାନାଳ ଜିଲ୍ଲାର ୩୫ଟି, ଗଜପତି ଜିଲ୍ଲାର ୮୦ଟି ହାଇସ୍କୁଲ ଏବଂ ସୁବର୍ଣ୍ଣପୁର ଜିଲ୍ଲାର ୪୩ଟି ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହାଦ୍ୱାରା ତୃତୀୟ ପର୍ଯ୍ୟାୟରେ ଚତୁର୍ଥ ଦିନରେ ସମୁଦାୟ ୧୪୯୩ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେଲା। ସୂଚନାଯୋଗ୍ୟ ଯେ ଗତ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୩୯୮୧ଟି ସ୍କୁଲ ରୂପାନ୍ତରିତ ହୋଇଛି । ତିନୋଟି ପର୍ଯ୍ୟାୟ ସଂପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୬୧୩୨ଟି ସ୍କୁଲ ରୂପାନ୍ତରିତ ହେବ ।

କାର୍ଯ୍ୟକ୍ରମରେ ୫-ଟି ସ୍କୁଲ ରୂପାନ୍ତର ସଂପର୍କରେ ନିଜର ଅଭିଜ୍ଞତା ବର୍ଣ୍ଣନା କରି ଭଦ୍ରକର ଛାତ୍ରୀ ଆୟୁଷା ମଲ୍ଲିକ, କନ୍ଧମାଳର ଛାତ୍ରୀ ପ୍ରମୋଦିନୀ ନାୟକ, ଢେଙ୍କାନାଳର ଭାଗ୍ୟଶ୍ରୀ ବେହେରା, ଗଜପତିର ମମତା ଗମାଙ୍ଗୋ ଓ ସୁବର୍ଣ୍ଣପୁରର ବର୍ଷା ସାହୁ ପ୍ରମୁଖ କହିଲେ ଯେ ୫-ଟି ସ୍କୁଲ ରୂପାନ୍ତର କେବଳ ଆମ ବିଦ୍ୟାଳୟର ଭୌତିକ ଓ ଶୈକ୍ଷିକ ପରିବେଶକୁ ଉନ୍ନତ କରିନାହିଁ, ତା ସହିତ ଆମର ଆତ୍ମବିଶ୍ୱାସ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଛି । ନିଜ ଉପରେ ଆମର ଭରସା ବଢ଼ିଛି।

କାର୍ଯ୍ୟକ୍ରମରେ ଉପସ୍ଥିତ ଭଦ୍ରକ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡଃ ବ୍ୟୋମକେଶ ରାଏ, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନନ୍ଦିନୀ ମଲ୍ଲିକ, ଢେଙ୍କାନାଳ ସାଂସଦ ମହେଶ ସାହୁ, ଗଜପତିରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଏବଂ ସୁବର୍ଣ୍ଣପୁରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରମୁଖ ସେମାନଙ୍କ ମତାମତ ରଖି କହିଥିଲେ ଯେ ସ୍କୁଲ ରୂପାନ୍ତର ଆଗାମୀ ପୀଢିର ଭବିଷ୍ୟତକୁ ଉଜ୍ଜଳ କରିଛି। ଏହା ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ପ୍ରକୃଷ୍ଟ ନିଦର୍ଶନ। ଓଡିଶାକୁ ସବୁ କ୍ଷେତ୍ରରେ ଆଜି ନମ୍ବର ୱାନ କରିବା ସହିତ ଆଜି ମୁଖ୍ୟମନ୍ତ୍ରୀ ରାଜ୍ୟର ଭବିଷ୍ୟତକୁ ମଧ୍ୟ ସୁରକ୍ଷିତ କରିବା ପାଇଁ ବଳିଷ୍ଠ ପଦକ୍ଷେପ ନେଇଛନ୍ତି ବୋଲି ସେମାନେ କହିଥିଲେ।

କାର୍ଯ୍ୟକ୍ରମକୁ ପରିଚାଳନା କରି ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଥିଲେ ଯେ ସ୍କୁଲ ରୂପାନ୍ତରରେ ଯେଉଁ ସବୁ ସମ୍ପତି ବା ଆସେଟ୍ ସୃଷ୍ଟି ହୋଇଛି, ସେ ସବୁ ସାରା ଓଡିଶାବାସୀଙ୍କ ଟଙ୍କାରେ ନିର୍ମିତ ହୋଇଛି ବୋଲି ପ୍ରକାଶ କରି ସେ କହିଲେ ଯେ ମୁଖ୍ୟମନ୍ତ୍ରୀ ସ୍କୁଲର ଆସେଟ୍ ଗୁଡିକର ରକ୍ଷଣାବେକ୍ଷେଣ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରନ୍ତି । ତେଣୁ ଆପଣମାନେ ନିଜର ସମ୍ପତି ଭଳି ସ୍କୁଲର ସମ୍ପତିର ରକ୍ଷଣାବେକ୍ଷଣ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଆଶା ଓ ଭରସା ରହିଛି ବୋଲି ସେ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ। ଉଚ୍ଚଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ବିଭାଗ ଓ ଅନ୍ୟାନ୍ୟ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

# ୨ ଦିନ ପରେ ବଢ଼ିବ ତାପମାତ୍ରା

ଭୁବନେଶ୍ୱର, ୦୪/୦୫(ଶ୍ରୁ.ମି.) : ରାଜ୍ୟରେ କମିବ କାଳବୈଶାଖୀର ପ୍ରଭାବ। ଆଗାମୀ ୨ ଦିନ ପରେ ରାଜ୍ୟରେ ଦିନ ତାପମାତ୍ରା ଧିରେ ଧିରେ ବୃଦ୍ଧି ପାଇବ। ଦିନ ତାପମାତ୍ରା ପ୍ରାୟ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଅପର ପକ୍ଷରେ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନା ଅନୁସାରେ ୨୪ ଘଂଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ଓ ବିଜୁଳି ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ୨୦ଟି ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୫ ତାରିଖ ପାଇଁ ୧୮ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ମାଲକାନଗିରି, କୋରାପୁଟ, ରାୟଗଡା, ଗଂଜାମ, ଗଜପତି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ମୟୁରଭଂଜ, କନ୍ଧମାଳ , କେନ୍ଦୁଝର ଓ ନବରଙ୍ଗପୁର।

# ମାଲକାନଗିରି ଚିତ୍ରକୋଣ୍ଡା ଟ୍ରାକ୍ଟର ଦୁର୍ଘଟଣାରେ ଚାରି ମୃତ

## ତିନି ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୪/୦୫(ଶ୍ରୁ.ମି.) : ଗତକାଲି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଅଂଚଳରେ ରେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ଚାରି ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି ।ଏହାସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ତିନି ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି ଏବଂ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

# ଖାଇବା ତେଲର ମୂଲ୍ୟ ହ୍ରାସ ଶୀଘ୍ର ଗ୍ରାହକଙ୍କୁ ମିଳିବା ଉଚିତ : ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ସଚିବ

ନୂଆଦିଲ୍ଲୀ, ୦୪ ମଇ (ହି.ସ.) ଖାଇବା ତେଲର ମୂଲ୍ୟ ହ୍ରାସ ଶୀଘ୍ର ଗ୍ରାହକଙ୍କୁ ମିଳିବା ଉଚିତ ବୋଲି ଡିଏଫପିଡି ସଚିବ ଶ୍ରୀ ସଞ୍ଜୀବ ଚୋପ୍ରା ଆଜି ଏଠାରେ ଅଗ୍ରଣୀ ଶିଳ୍ପ ପ୍ରତିନିଧିଙ୍କ ସହ ଏକ ବୈଠକରେ କହିଛନ୍ତି ।

ଆମଦାନୀ ହେଉଥିବା ଖାଇବା ତେଲର ଆନ୍ତର୍ଜାତୀୟ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି ଯାହା ଭାରତରେ ଖାଇବା ତେଲ କ୍ଷେତ୍ରରେ ସକାରାତ୍ମକ ଭାବେ ପ୍ରତିଫଳିତ ହୋଇଛି । ସୋଲଭେଣ୍ଟ ଏକ୍ସଟ୍ରାକସନ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏସ୍ଇଏଆଇ) ଏବଂ ଇଣ୍ଡିଆନ ଭେଜିଟେବୁଲ ଅଏଲ ପ୍ରଡ୍ୟୁସର୍ସ ଆସୋସିଏସନ (ଆଇଭିପିଏ) ର ପ୍ରତିନିଧୀମାନେ ଆର୍ନ୍ତଜାତୀୟ ସ୍ତରରେ ମୂଲ୍ୟ ହ୍ରାସ ପରିଲକ୍ଷିତ ହୋଇଥିବାରୁ ଖାଇବା ତେଲର ଖୁଚୁରା ମୂଲ୍ୟରେ ଅଧିକ ହ୍ରାସ ବିଷୟରେ ଆଲୋଚନା କରିଥିଲେ ।

ଶିଳ୍ପ ପକ୍ଷରୁ ସୂଚନା ଦିଆଯାଇଛି ଯେ ଗତ ଦୁଇ ମାସ ମଧ୍ୟରେ ବିଭିନ୍ନ ଖାଇବା ତେଲର ଆର୍ନ୍ତଜାତୀୟ ମୂଲ୍ୟ ଟନ୍ ପିଛା ୨୦୦ ରୁ ୨୫୦ ଡଲାର ହ୍ରାସ ପାଇଛି, କିନ୍ତୁ ଖୁଚୁରା ବଜାରରେ ଏହା ପ୍ରତିଫଳିତ ହେବାକୁ ସମୟ ଲାଗିଥାଏ ଏବଂ ଖୁଚୁରା ମୂଲ୍ୟ ଖୁବ୍ ଶୀଘ୍ର ହ୍ରାସ ପାଇବ ବୋଲି ଆଶା କରାଯାଉଛି । ଅଗ୍ରଣୀ ଖାଇବା ତେଲ ସଂଘକୁ ତୁରନ୍ତ ସେମାନଙ୍କ ସଦସ୍ୟଙ୍କ ସହ ଆଲୋଚନା କରିବାକୁ ଏବଂ ଯଥାଶୀଘ୍ର ତେଲର ଆନ୍ତର୍ଜାତୀୟ ମୂଲ୍ୟରେ ହ୍ରାସ ଆଧାରରେ ପ୍ରତ୍ୟେକ ତେଲର ଏମଆରପି ହ୍ରାସ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଥିଲା । ପ୍ରାଇସ ଟୁ ଡିଷ୍ଟ୍ରିବ୍ୟୁଟର୍ସ (ପିଟିଡି), ପ୍ରସ୍ତୁତକାରୀ ଏବଂ ରିଫାଇନର୍ସଙ୍କ ଦ୍ୱାରା ମୂଲ୍ୟ ମଧ୍ୟ ତୁରନ୍ତ ପ୍ରଭାବ ସହିତ ହ୍ରାସ କରାଯିବା ଆବଶ୍ୟକ, ଯାହାଫଳରେ ମୂଲ୍ୟ ହ୍ରାସ କୌଣସି ପ୍ରକାରେ ବ୍ୟତିକ୍ରମ ପରିଲକ୍ଷିତ ହେବନାହିଁ ।

ଏହା ମଧ୍ୟ କୁହାଯାଇଥିଲା ଯେ ଯେତେବେଳେ ବି ଉତ୍ପାଦନକାରୀ / ରିଫାଇନର୍ସ ଦ୍ୱାରା ବିତରକମାନଙ୍କୁ ମୂଲ୍ୟ ହ୍ରାସ କରାଯାଏ, ସେତେବେଳେ ମିଳୁଥିବା ଲାଭ ଶିଳ୍ପ ଦ୍ୱାରା ଗ୍ରାହକମାନଙ୍କୁ ଦିଆଯିବା ଉଚିତ ଏବଂ ଏହି ବିଭାଗକୁ ନିୟମିତ ଭାବେ ଅବଗତ କରାଯାଇପାରିବ । ଯେଉଁ କମ୍ପାନୀ ସେମାନଙ୍କର ମୂଲ୍ୟ ହ୍ରାସ କରିନାହାଁନ୍ତି ଏବଂ ସେମାନଙ୍କର ଏମଆରପି ଅନ୍ୟ ବ୍ରାଣ୍ଡ ତୁଳନାରେ ଅଧିକ, ସେମାନଙ୍କ ମୂଲ୍ୟ ହ୍ରାସ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।

ଏହି ବୈଠକରେ ମୂଲ୍ୟ ତଥ୍ୟ ସଂଗ୍ରହ ଏବଂ ଖାଇବା ତେଲର ପ୍ୟାକେଜିଂ ଭଳି ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ।

ଏହା ପୂର୍ବରୁ, ଅଗ୍ରଣୀ ଖାଇବା ତେଲ ସଙ୍ଗଠନଗୁଡିକ ସହିତ ବିଭାଗର ବୈଠକ ଆଧାରରେ ଶିଳ୍ପସଂସ୍ଥା ଦ୍ୱାରା ସୂର୍ଯ୍ୟମୁଖୀ ତେଲ, ସୋୟାବିନ୍ ତେଲ ଏବଂ ସୋରିଷ ତେଲ ଭଳି ଖାଇବା ତେଲର ଏମଆରପି ହ୍ରାସ କରାଯାଇଥିଲା । ଆନ୍ତର୍ଜାତୀୟ ଖାଇବା ତେଲ ମୂଲ୍ୟ ହ୍ରାସ ପରେ ଏବଂ ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ହ୍ରାସ ହେବା ପରେ ଖାଇବା ତେଲର ଦର କମିଥିଲା । ହ୍ରାସ ହୋଇଥିବା ଡ୍ୟୁଟି ହ୍ରାସର ସମ୍ପୂର୍ଣ୍ଣ ଲାଭ ଗ୍ରାହକଙ୍କୁ ଦିଆଯିବା ନିଶ୍ଚିତ କରିବାକୁ ଶିଳ୍ପସଂସ୍ଥାଙ୍କୁ ପରାମର୍ଶ ଦିଆଯାଇଥିଲା ।

ଖାଇବା ତେଲ ମୂଲ୍ୟ ହ୍ରାସ ଧାରା ଦେଖାଇବା ଆରମ୍ଭ କରିବା ସହ ଖାଇବା ତେଲ ଶିଳ୍ପ ଦ୍ୱାରା ଅଧିକ ହ୍ରାସ ହେବାକୁ ଯାଉଥିବାରୁ ଭାରତୀୟ ଗ୍ରାହକମାନେ ସେମାନଙ୍କ ଖାଇବା ତେଲ କମ୍ ଦରରେ କିଣିବାର ଆଶା କରିପାରନ୍ତି । ଖାଇବା ତେଲ ଦର ହ୍ରାସ ହେବା ସହିତ ମୁଦ୍ରାସ୍ଫୀତିକୁ ହ୍ରାସ କରିବାରେ ସାହାଯ୍ୟ କରିବ ।

# ଭଞ୍ଜ କଳାମଣ୍ଡପରେ ନାଟକନଷ୍ଟ ରାଗିଣୀ ଦର୍ଶକଙ୍କ ମନ ମୋହିଲା



ବ୍ରହ୍ମପୁର, ୪।୫ (ଶ୍ରୁମି.) : ପ୍ରେମ ଚିରନ୍ତନ,ପ୍ରେମ ଶାଶ୍ୱତ । ଆଶ୍ରମ ଭିତରର ନୀତି ନିୟମରେ ବନ୍ଧା ଦୁଇ ଅନ୍ତେବାସୀ କରିବସନ୍ତି ପ୍ରେମ ଯ ହେଲେ ଏଭଳି କାର୍ଯ୍ୟ ପାଇଁ ରହିଛି କଠୋର ମୃତ୍ୟୁଦଣ୍ଡର ନିୟମ । ତଥାପି ଯୁବ ସୁଲଭ ବୟସରେ ସବୁକିଛି ନିୟମକୁ ଜଳାଞ୍ଜି ଦେଇ ପ୍ରେମ କରନ୍ତି ଆଉ ପବିତ୍ର ସମ୍ପର୍କରୁ ରାଗିଣୀ ହୁଏ ଗର୍ଭବତୀ । ତା ଗର୍ଭରେ ପ୍ରେମର ସନ୍ତକ । ଆଶ୍ରମ ଭିତରେ ଏଭଳି ଘଟଣା ମନା । ହେଲେ ଶେଷରେ ରାଗିଣୀ କଣ ନିଜ ପ୍ରେମକୁ ପାଏ ନା ନଷ୍ଟ ରାଗିଣୀ ହୋଇରୁହେ ଏଭଳି ଏକ ସୁନ୍ଦର କଥାବସ୍ତୁ କୁ ନେଇ ମଙ୍ଗଳବାର ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପରେ ମଂଚସ୍ଥ ହୋଇଛି ଦିବଂଗତ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ରଚିତ ନାଟକନଷ୍ଟ ରାଗିଣୀ । ବ୍ରହ୍ମପୁର ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟସଂସ୍ଥା ତରଫରୁ ରବି ନାରାୟଣ ବେହେରାଙ୍କ ବଳିଷ୍ଠ ଓ ସମୟ ଚିତ୍ତ ନିର୍ଦ୍ଦେଶନା ଓ କଳାକାର ମାନଙ୍କ ନିଖୁଣ ଅଭିନୟ ଦ୍ୱାରା ମଂଚସ୍ଥ ଏହି ନାଟକ ଶେଷ ଯାଏଁ ଦର୍ଶକଙ୍କୁ ବାନ୍ଧି ରଖିବା ସହ ମନ ମୋହିଥିଲା । ଏଭଳି ଉଚ୍ଚ କୋଟିର ନାଟକ ହିଁ ଦର୍ଶକଙ୍କୁ ବାନ୍ଧି ରଖି ଚିରକାଳ ନାଟକ ବଞ୍ଚି ରହିବ ବୋଲି ଦର୍ଶକ ଓ ସମାଲୋଚକ ଗଣ ମତ ରଖିଥିଲେ । ନାଟକରେ କାହ୍ନୁ ମହାପାତ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଆଲୋକ ଓ ମାର୍ଗଦର୍ଶକ ଭାବେ ଶାଶ୍ୱତୀ ସଂସ୍ଥାର ସଭାପତି ରାମଚନ୍ଦ୍ର ସାସମଲ ଦାୟିତ୍ୱ ନିର୍ବାହ କରିଥିଲେ । ସୁନୀଲ କୁମାର ସ୍ୱାଇଁ ମଂଚ ପରିଚାଳନା କରିଥିବା ବେଳେ ବ୍ରହ୍ମପୁର ଜଗନ୍ନାଥ ଚିତ୍ରାଳୟ ବେଶ ସଜ୍ଜା କରିଥିଲେ । ନାଟକରେ ପ୍ରଦୀପ ପଣ୍ଡା,ଗିରିଜା ଶଙ୍କର ଦାଶ,ରାଜେଶ ନାୟକ,ସାଗର ପଣ୍ଡା, ସରୋଜ ପଣ୍ଡା, ମନୋଜ ରଥ,ବଳରାମ ମାଳି, ଚନ୍ଦନ ପାତ୍ର, ସୌମ୍ୟ ରଞ୍ଜନ,ଦଣ୍ଡ ନାୟକ,ଜଗଦୀଶ,ସସ୍ମିତା ରାଣୀ ରାଉତ, ପ୍ରିୟାଶା ନାୟକ ଓ କିଛି ନୃତ୍ୟ ଶିଳ୍ପୀ ଅଭିନୟ କରିଥିଲେ । ନାଟକରେ ଇଂ.ଅକ୍ଷୟ ମହାନ୍ତି,କୈଳାସ ପାଣିଗ୍ରାହୀ ଓ ଇଂ.ମନୋଜ ଦାଣ୍ଡପାଟ ବିଶେଷ ସହଯୋଗ କରିଥିଲେ ।

# ଇତିହାସ ବହିରୁ ଏନ୍ସିଇଆର୍ଟି ବିଭିନ୍ନ ବିଷୟକୁ ହଟାଇଦେବା ସମ୍ପର୍କରେ ରେଭେନ୍ସାରେ ବିତର୍କ

କଟକ ୪ ।୫ (ଶ୍ରୁ.ମି) : ଏନ୍ସିଇଆର୍ଟି ଦ୍ୱାରା ପାଠ୍ୟପୁସ୍ତକରୁ ବିଭିନ୍ନ ବିଷୟ ଯଥା ଡେମୋକ୍ରାସି ଆଣ୍ଡ ଡାଇଭର୍ସିଟି, ପପୁଲାର ଟିଷ୍ଟଗଲ୍ସ ଆଣ୍ଡ ମୁଭମେଂଟ୍, ଚ୍ୟାଲେଞ୍ଜେସ୍ ଟୁ ଡେମୋକ୍ରାସି, ରୋଲ୍ ଅଫ୍ ଗାନ୍ଧୀ ଇନ୍ ହିନ୍ଦୁ-ମୁସ୍ଲିମ ୟୁନିଟି, ଦି ହିସ୍ଟ୍ରି ଅଫ୍ ମୋଗଲ କୋର୍ଟସ, କଲୋନିଆଲ ସିଟିଜ୍, ପାର୍ଟିସନ୍, ଦି କୋଲ୍ଡ ୱାର, ଦି କମ୍ୟୁନାଲ ରାୟଟ୍ସ ଇନ୍ ଗୁଜୁରାଟ, ଦି ଏମର୍ଜେନ୍ସି, ଦଳିତ ରାଇଟର୍ସ, ଫାଇଟ୍ ଫର୍ ଇକ୍ୱାଲିଟି, ମୌଲାନା ଅବୁଲ କାଲାମ ଅଜାଦ୍ ଏବଂ ଆହୁରି ଅନେକ କିଛି ବିଷୟକୁ ହଟାଇଦେବା ଫଳରେ ଏହା ଛାତ୍ରଛାତ୍ରୀଙ୍କ ଉପରେ କେଉଁ ଧରଣର ପ୍ରଭାବ ପକାଇବ ସଂପର୍କରେ ଗୋପବନ୍ଧୁ ବିଚାର ମଂଚ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଐତିହାସି ପ୍ରଫେସର ଖାରବେଳ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ରେଭେନ୍ସାର ଇତିହାସ ବିଭାଗର ଆସିଷ୍ଟାଂଟ ପ୍ରଫେସର ଡକ୍ଟର ପ୍ରିୟଦର୍ଶୀ କର ସଭାପତିତ୍ୱ କରିଥିଲେ ଯ ଆବାହକ କିଶାନ ମିଶ୍ର ପ୍ରାରମ୍ଭିକ ସୁଚନା ଦେଇଥିବା ବେଳେ, ସଂଗଠକ ସନ୍ଦିପ୍ ଚୌଧୁରୀ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ ଏବଂ ମୁସ୍କାନ ତବସୁମ



ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନାରେ ଏହା ମତବ୍ୟକ୍ତ ହୋଇଥିଲା ଯେ, ଏହି ଧରଣର ପଦକ୍ଷେପ ଦ୍ୱାରା ଛାତ୍ରଛାତ୍ରୀମାନେ ପୂର୍ଣ୍ଣାଙ୍ଗ ଇତିହାସ ଜାଣିବାରୁ ବଂଚିତ ହେବା ସହ ସେମାନଙ୍କର ଚିନ୍ତାର ଧ୍ରୁବୀକରଣ ଘଟିବ ଫଳରେ ସେମାନେ ଉଗ୍ରଜାତୀୟତାବାଦର ଶୀକାର ହେବେ ଯାହାକି ଏକ ଦେଶ ପାଇଁ କ୍ଷତିକାରକ । ଏହି ଆଲୋଚନାରେ ରେଭେନ୍ସାର ବିଭିନ୍ନ ବିଭାଗରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ରିସର୍ଚ୍ଚ ସ୍କଲାର ଓ ଅଧ୍ୟାପକମାନେ ଯୋଗ ଦେଇ ବିତର୍କକୁ ପ୍ରାଣବନ୍ତ ଓ ଶିକ୍ଷଣୀୟ କରିଥିଲେ ।



କଟକ : ଭାରତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତିମୂର୍ତ୍ତି ତିଆରି ରେ ବ୍ୟସ୍ତ ଶିଳ୍ପୀ

# ନର୍ସିଂହୋମ୍, ଡାଇଗ୍ନୋଷ୍ଟିକ୍ ସେଣ୍ଟର ଉପରେ ଚଢଉ: ୭୦ ହଜାର ଜୋରିମାନା

- *ଉର୍ମିଳା ନର୍ସିଂହୋମ୍ ସିଲ କଲା ସିଏମସି*
- *୭ ଦିନ ମଧ୍ୟରେ ନଥିପତ୍ର ଦାଖଲ ନିର୍ଦ୍ଦେଶ*




କଟକ, ୪/୫ (ଶ୍ରୁମି.) : କଟକ ମହାନଗର ନିଗମ(ସିଏମସି) ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ବୁଧବାର ମଙ୍ଗଳାବାଗସ୍ଥିତ ୨ଟି ନର୍ସିଂହୋମ୍ ଓ ଗୋଟିଏ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଉପରେ ଚଢାଉ କରାଯାଇଛି । ନିୟମ ଉଲ୍ଲଙ୍ଘନ କରି ବ୍ୟବସାୟ ଚଳାଉଥିବା, ନଥିପତ୍ର ନଥିବା ଏବଂ ପାର୍କିଂ ସ୍ଥାନ ନଥିବାରୁ ଉର୍ମିଳା ନର୍ସିଂହୋମ ନାମକ ସଂସ୍ଥାକୁ ସିଲ କରିଦିଆଯାଇଛି । ସେହିପରି ସାଇ ଜୀବନ ନାମକ ଅନ୍ୟ ଏକ ନର୍ସିଂହୋମଠାରୁ ଜୋରିମାନା ବାବଦକୁ ୪୦ ହଜାର ଟଙ୍କା ଆଦାୟ କରାଯାଇଛି । ଏତଦ୍ ବ୍ୟତୀତ ନ୍ୟୁ ଲାଇଫ୍ କେୟାର ପଲି କ୍ଲିନିକ ଓ ଡାଇଗ୍ନୋଷ୍ଟିକ୍ ସେ□ରଠାରୁ ୩୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଉପରୋକ୍ତ ବ୍ୟବସାୟିକ ସଂସ୍ଥାଗୁଡିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହ ୭ ଦିନ ମଧ୍ୟରେ ସମସ୍ତ କାଗଜପତ୍ର ଦାଖଲ କରିବାକୁ କର୍ତ୍ତୃପକ୍ଷ ଆଦେଶ ଦେଇଛନ୍ତି । ପ୍ରକାଶ ଥାଉକି, ସହରରେ କିଛି ନର୍ସିଂହୋମ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟର ବେଆଇନ ଭାବେ ବ୍ୟବସାୟ ଚଳାଉଥିବା ସଂକ୍ରାନ୍ତରେ ଖବର ମିଳିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମଓ) ସତ୍ୟବ୍ରତ ଛୋଟରାୟ ଏ ସଂପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ଆଜି ପୂର୍ବାହ୍ନରେ ଉପରୋକ୍ତ ସଂସ୍ଥାଗୁଡିକ ଉପରେ ଚଢାଉ କରାଯିବା ସମୟରେ ସେମାନଙ୍କ ନିକଟରେ ଏନଓସି, ରେଜିଷ୍ଟ୍ରେସନ ସାର୍ଟିଫିକେଟ୍, ଲ୍ୟାଣ୍ଡ ଏଗ୍ରିମେଣ୍ଟ , ଟ୍ରେଡ୍ ଲାଇସେନ୍ସ, ହୋଲ୍ଡିଂ ଟିକସ ରସିଦ୍ ଆଦି ନଥିବା ଜଣାପଡିଥିଲା । ସେହିପରି ଉକ୍ତ ବ୍ୟବସାୟିକ ସଂସ୍ଥାଗୁଡିକର ପାର୍କିଂ ସ୍ଥଳ ନଥିବା ସହ ସୁରକ୍ଷା ସଂକ୍ରାନ୍ତ ଆଇନ ଉଲ୍ଲଙ୍ଘନ କରୁଥିବା ଯାଂଚ ସମୟରେ ଜଣାପଡିଥିଲା । ଏହି ଚଢାଉରେ ସିଏମସି ଏନ୍‌ଫୋର୍ସମେଣ୍ଟ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଅଜୟ ମହାନ୍ତି, ରାଜସ୍ୱ ବିଭାଗ ଡେପୁଟି କମିଶନର ଅମୀୟ କୁମାର ପଣ୍ଡା, ସିଟି ହେଲ୍‌ଥ ଅଫିସର ଡାକ୍ତର ସତ୍ୟବ୍ରତ ମହାପାତ୍ର ନେତୃତ୍ୱ ନେଇଥିଲା ବେଳେ ଏନଫୋର୍ସମେଣ୍ଟ ସ୍କ୍ୱାଡର ଇନ୍‌ଚାର୍ଜ ପଂଚାନନ ପାଲ, ପ୍ରଫୁଲ୍ଲ ମଙ୍ଗଳ, ହୋଲ୍ଡିଂ ଟ୍ୟାକ୍ସ ଟିମ୍, ଲାଇସେନ୍ସ ବିଭାଗ ଟିମ୍ ଓ ସିଡିଇଏଫର ୨ଟି ଟିମ୍ ସାମିଲ ଥିଲେ ।

## *ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା*

*ରାଜନଗର,୪।୫ (ଶ୍ରୁମି.) ; ରାଜନଗର ବ୍ଲକ କଣ୍ଡିରା ପଚାଂୟତସ୍ଥିତ ବାସୁଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ମହେଶ୍ୱର ରାଉତ ଅବସର ଗ୍ରହଣ କରିଛନ୍ତି । ତାଙ୍କ ସ୍ଥାନରେ ଗୋପାଳଚନ୍ଦ୍ର ରଥ ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦ୍ୟାପୀଠରେ ଦୀର୍ଘ ୩୩ବର୍ଷ ଧରି ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ଶ୍ରୀ ରାଉତ ଛାତ୍ରଛାତ୍ରୀ, ଅଭିଭାବକ ମହଲରେ ପ୍ରିୟଭାଜନ ହୋଇପାରିଥିଲେ । ଏହି ଅବସରରେ ନବ ନିଯୁକ୍ତ ପ୍ରଧାନ ଶିକ୍ଷକ ଶ୍ରୀ ରଥଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ।*

# ଅନ୍ତରାଷ୍ଟ୍ରୀୟ ମିଲେଟ କ୍ଷୁଦ୍ରଶସ୍ୟ ବର୍ଷ ୨୦୨୩ ମହା ସମାରୋହରେ ପାଳିତ

ବୌଦ୍ଧ, ୪।୫ (ଶ୍ରୁମି.) : ଜିଲ୍ଲାର ହରଭଙ୍ଗା ଠାରେ ଅନ୍ତରାଷ୍ଟ୍ରୀୟ ମିଲେଟ କ୍ଷୁଦ୍ରଶସ୍ୟ ବର୍ଷ ୨୦୨୩ ମହା ସମାରୋହରେ ପାଳିତ ହୋଇଯାଇଛି । ଓଡିଶା କ୍ଷୁଦ୍ରଶାସ୍ୟ ମିଶନ, ମିଶନ ଶକ୍ତି, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ, ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଭାବରେ କାର୍ଯ୍ୟକ୍ରମଟିକୁ ଆୟୋଜିତ କରିଥିଲେ । ସମଗ୍ର ବିଶ୍ୱରେ ମଣ୍ଡିଆ ବର୍ଷ ୨୦୨୩ ମିଳିତ ଜାତିସଂଘ ଘୋଷଣା କରିଥିବାବେଳେ, ବୌଦ୍ଧ ଜିଲ୍ଲାପାଳ ଶ୍ରୀ ସତ୍ୟରଞ୍ଜନ ସାହୁଙ୍କ ଦିଶାନିର୍ଦେଶ କ୍ରମେ ଜିଲ୍ଲାର ସମସ୍ତ ବ୍ଲକ ମାନଙ୍କରେ ମଣ୍ଡିଆ ମାତୃ ସମାରୋହ, କ୍ରୀଡା, କୁଇଜ, ଆଲୋଚନା ଚକ୍ରମାନ ଆୟୋଜନ ହେଉଛିୟ ଆଜିର କାର୍ଯ୍ୟକ୍ରମରେ ସମୂହ ମହିଳାମାନେ ମଣ୍ଡିଆ ବ୍ୟଞ୍ଜନ ପ୍ରତିଯୋଗିତାରେ ଭାଗନେଇଥିଲେ ଓ ବିଭିନ୍ନ ମଣ୍ଡିଆରେ ପ୍ରସ୍ତୁତି ପିଠା, କେକ, ଯାଉ, ମିଷ୍ଟାଉ, କାଢ଼ା, ଖିରି ପକୁଡି, ଇତ୍ୟାଦି ପ୍ରସ୍ତୁତି କରିଥିଲେ । ଶ୍ରୀମତୀ ସ୍ୱପ୍ନିତା ବିଷ୍ଣୁ ନାୟକ, ବିଡ଼ିଓ ହରଭଙ୍ଗା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ସଭା ରେ ମିଶନଶକ୍ତି ସଂଯୋଜକ ଶ୍ରୀ ଦେବଦତ୍ତ ମିଶ୍ର, ସିଡିପିଓ ଶ୍ରୀମତୀ ନିରୂପମା ପାଣି, ବ୍ଲକ ମିଶନ ଅଧିକାରୀ ସୁଶ୍ରୀ ପଲ୍ଲବୀ, ବ୍ଲକ କୃଷି ଅଧିକାରୀ ଶ୍ରୀ ସବ୍ୟସାଚୀ ଦଶ, ଓଡିଶା କ୍ଷୁଦ୍ରଶାସ୍ୟ ମିଶନ ସଂଯୋଜକ ଶ୍ରୀ ଦିବ୍ୟଜ୍ୟୋତି ପ୍ରକାଶ କାନ୍ତ ଏବଂ ସମସ୍ତ ପଂଚାୟତ ମାନଙ୍କରୁ ସମୂହ ମହିଳା ଏବଂ ଅନ୍ୟ ବର୍ଗର ଜନସାଧାରଣ ଯୋଗଦେଇଥିଲେ । ସିଡିପିଓ କହିଥିଲେ ଯେ, ସମସ୍ତ ପରିବାର ମଣ୍ଡିଆକୁ ଖାଦ୍ୟଥାଳିରେ ସମ୍ମିଳିତ କରନ୍ତୁ, ଏହା ଏକାଥରକେ ରକ୍ତ ହୀନତା, ଅପପୁଷ୍ଟି, ଶାରୀରିକ ଦୁର୍ବଳତା କୁ ଦୂର କରିପାରିବ ଓ ସୁସ୍ଥ ପାରିବାର ଗଠନ ହୋଇପାରିବୟ ସମସ୍ତ ଉପସ୍ଥିତ ପ୍ରତିଭାଗୀଙ୍କୁ ମଣ୍ଡିଆ ପସ୍ତୁତ ଜଳଖିଆ ପ୍ରଦାନ କରିଯାଇଥିଲା ।

## ପିଡିଏସ୍ ଚାଉଳ ଦୁର୍ନିତି ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଦାବି କଲା କଂଗ୍ରେସ

ବଲାଙ୍ଗିର, ୪।୫ (ଶ୍ରୁମି.) : ଖାଦ୍ୟ ସୁରକ୍ଷା ଆଇନକୁ ସୁରକ୍ଷିତ କରିବା ପାଇଁ ସରକାର ଗରିବ ଜନସାଧାରଣଙ୍କ ପାଇଁ ପିଡିଏସ୍ ଚାଉଳ ପ୍ରଦାନ କରୁଛନ୍ତି । କିନ୍ତୁ ଖୁଦ୍ ଶାସକ ଦଳ ର ନେତା ଚାଉଳ ଦୁର୍ନିତିରେ ସାମିଲ ହୋଇଥିବା ନେଇ ପରସ୍ପର ଦୋଷାରୋପ କରୁଛନ୍ତି । ଅନ୍ୟପଟେ କିଛି ମାସ ହେବ ବଲାଙ୍ଗିର ବାସୀ ଚାଉଳ ପାଇପାରି ନ ଥିଲେ ହେଁ ସେହି ବକେୟା ଚାଉଳ ଏସ୍‌ଏଚ୍‌ଜି ଗୃପମାନଙ୍କ ପାଖରେ ନ ଥିବା ବିଭାଗ କହିଛି । ତା ସତ୍ତ୍ୱେ ଉକ୍ତ ଦୁର୍ନିତିଗ୍ରସ୍ତ ଗୃପମାନଙ୍କୁ କ୍ଲିନ ଚିଟ୍ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଏହି ସବୁ ଘଟଣା ପିଡିଏସ୍ ଚାଉଳ ଦୁର୍ନିତିରେ ବିଜେଡି ନେତା, ବଣ୍ଟନ ବିଭାଗ ଓ କିଛି ଦୁର୍ନିତିଗ୍ରସ୍ତ ଏସ୍‌ଏଚ୍‌ଜି ଗୃପର କଳା କାରନାମା ସର୍ବସମ୍ମୁଖରେ ଆଣୁଛି । କିନ୍ତୁ ତା ସତ୍ତ୍ୱେ ଜିଲ୍ଲା ପ୍ରଶାସନ କାହା ସ୍ୱାର୍ଥରେ ଏହି ଦୁର୍ନିତି ପ୍ରତି ଆଖି ବନ୍ଦ କରିଦେଇଛି ବୋଲି ଆଜି ବିଧାୟକ ଙ୍କ ପୌର ପରିଷଦ ପ୍ରତିନିଧି ଅଜୟ ବାଲି ପ୍ରଶ୍ନ କରିଛନ୍ତି । ଆଜି ସକାଳୁ କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ଗରିବ ଜନସାଧାରଣଙ୍କ ଚାଉଳ ବାଟମାରଣା କରିଥିବା ଘଟଣାକୁ ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲା । ଦାବି ପତ୍ରରେ ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ଘଟଣାବଳିର ପର୍ଦ୍ଦାଫାସ ତଥା ଦୋଷୀମାନଙ୍କ ଉପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ତିନି ଦିନର ମହଲତ ଦେଇଥିଲା ।

# ଗଞ୍ଜାମ ଆଇନ ମହା ବିଦ୍ୟାଳୟରେ ଜାତୀୟ ସ୍ତରୀୟ କର୍ମଶାଳା




ବ୍ରହ୍ମପୁର ବ୍ରହ୍ମପୁର (ଶ୍ରୁତି)୪/୫/୨୩ ସ୍ଥାନୀୟ ଗଞ୍ଜାମ ଆଇନ ମହାବିଦ୍ୟକ୍ଷଳୟର ଅଧକ୍ଷ ଡ. ସରୋଜ କୁମାର ସାମନ୍ତଙ୍କ ପୌରୋହିତ୍ୟରେ ଏକ ଜାତୀୟ ସ୍ତରର ପାଠଚକ୍ର ଅନୁଷ୍ଠିତ ହୋଇଥିଲା । ଆଇନ ପେସାରେ ନୂତନ ଦିଗ ଉପରେ ବିଷଦ ଭାବେ ଆଲୋଚନକ୍ଷ ହୋଇଥିଲା । ଏହି ଅବସରରେ ସାଧାନକର୍ମୀ ଭାବେ ପ୍ରଫେସର ଡ଼. ବାନର୍ଜି ଚକ୍ସା ଯୋଗ ଦେଇ ଆଇନଜୀବୀ ମାନେ ନୂତନ ବୈଷୟିକ ଜ୍ଞାନ କୌଶଳ ସହ ନିଜକୁ ଯୋଡିବାକୁ ଅହ୍ୱାନ୍ ଦେଇଥିଲେ । ସମ୍ପ୍ରତି ବିଭିନ୍ନ ଦେଶରେ ଆଇନ କ୍ଷେତ୍ରରେ ବହୁ ପରିବର୍ତ୍ତନ ଆସିଛି ସେ ଗୁଡିକ ସହ ତାଳ ଦେଇ ଆଇନଜୀବୀ ମାନେ ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟଅତିଥି ଭାବେ କଟକ ସ୍ଥିତ ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟ ର କୁଳପତି ପ୍ରଫେସର ଡ଼. କମଲ ଜିତ ସିଂ କର୍ମଶାଳାର ଉପାଦେୟତା ସମ୍ପର୍କରେ ଉଦବୋଧନ ଦେଇଥିଲେ । ଅନ୍ୟତମ ସାଧନକର୍ମୀ ଭାବେ ପ୍ରଫେସର ପ୍ରବୀଣ କୁମାର ତ୍ରିପାଠୀ, ପ୍ରଫେସର ସିଲା ରାମ ସୁନ୍ଦର, ଡ. ନିଧି ଚୌହାନ, ହିରଣ୍ମୟୀ ମିଶ୍ର ପ୍ରମୁଖ ଯୋଗ ଦେଇ ଆଲୋଚ୍ୟ ବିଷୟବସ୍ତୁ ସମ୍ପର୍କରେ ସମସ୍ତ ଉପସ୍ଥାପନ କରି ଛାତ୍ର ଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେୟ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡ଼. ବିନାୟକ ପଟ୍ଟନାୟକ ମଞ୍ଚାସିନ ଥିଲେ, ରାଜ୍ୟ ତଥା ଦେଶର ବିଭିନ୍ନ ଅଂଚଳରୁ ବରିଷ୍ଠ ଆଇନଜୀବୀ, ବିଦ୍ୟକ୍ଷର୍ଥୀ ମାନେ ଏହି କର୍ମଶାଳା ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ପ୍ରଫେସର ମନୋଜ କୁମାର ଜେନା ସାମନ୍ତ, ଡ଼.ତ୍ରିଲୋଚନ ଲେଙ୍କା, ମନିଷା ବିଶ୍ୱାଳ, ସୁଦାମା ରଥ, ଜ୍ୟୋର୍ତିମୟୀ ବାରୁହା, ଡ. ଶ୍ୟାମକନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## *ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆଲୋଚନାଚକ୍ର*

*ମାଲକାନଗିରି, ୪/୫ (ଶ୍ରୁମି) ମାଲକାନଗିରି ଗନ୍ଦିପାଲ୍ଲୀ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ବାଣିଜ୍ୟ ବିଭାଗରେ ଭବିଷ୍ୟକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛିୟ ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଞ୍ଜନ କୁମାର ସ୍ୱାଇଁ ଯୋଗ ଦେଇ ବାଣିଜ୍ୟ ବିଭାଗରେ +୩ ଓ +୨ରେ ପାଠ ପିବା ପରେ କେଉଁ ନିଯୁକ୍ତି ପାଇବେ ଓ ଭବିଷ୍ୟତ କଣ ରହିଛି ସେ ବିଷୟରେ ବିଦ୍ୟାର୍ଥୀଙ୍କୁ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସାମାଜିକ ବିଜ୍ଞାନ ଶିକ୍ଷକ ପ୍ରଫୁଲ କୁମାର ନାୟକ, ଚନ୍ଦ୍ରକାନ୍ତ ମେହେର ଓ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।*

# ନନ୍ଦରାମ ବାଟିକାଠାରେ ସାମୁହିକ ବ୍ରତ୍ତୋପୟନ

ବ୍ୟାସନଗର,୪/୫(ଶ୍ରୁମି) : ବ୍ୟାସନଗର ପୌର ପରିଷଦ ନନ୍ଦରାମ ବାଟିକା ଠାରେ କିଛି ସାଧାରଣ ସ୍ୱଚ୍ଛାସେବୀ ମାନଙ୍କ ପକ୍ଷରୁ ସାମୁହିକ ଭାବରେ ବ୍ରାହ୍ମଣ ପିଲାଙ୍କୁ ବ୍ରତୋପୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏଠାରେ ଯାଜପୁର ଭଦ୍ରକ ଓ କେନ୍ଦୁଝର ଜିଲ୍ଲାର ୧୪ ଜଣ ବ୍ରାହ୍ମଣ ପିଲାଙ୍କୁ ବ୍ରତୋପୟନ କରାଯାଇଥିଲା । କୋରେଇ ବ୍ଲକ ତାହର ପୁର ପଞ୍ଚାୟତ ବଲଦିଆ ଗ୍ରାମର ନାରାୟଣ



ଦାଶଙ୍କ ପୁଅ ସତ୍ୟ, ବଳରାମ ଦାଶଙ୍କ ପୁଅ ବିମଳ ଓ ବିଶ୍ୱଜିତ, ଛୋଟରାୟ ପୁର ଗ୍ରାମର ବଦ୍ରିନାରାୟଣ ପାଢୀଙ୍କ ପୁଅ ଚନ୍ଦନ, ଗୋପାଳପୁର ଗ୍ରାମର ଆମର ବେହେରା ଙ୍କ ପୁଅ ମନୋଜ,ସୋତି ଗ୍ରାମର ମାନସ ଦାଶଙ୍କ ପୁଅ ଦେବାଶିଷ, ରସୁଲପୁର ବ୍ଲକ ରାଉତରାପୁର ଗ୍ରାମର ବାବୁଲା ପଣ୍ଡାଙ୍କ ପୁଅ ସୁରେଶ, ହାଟଡିହି ବ୍ଲକ୍ ବସନ୍ତିଆ ଗ୍ରାମର ଶରତ ଚନ୍ଦ୍ର ଦାଶ ଙ୍କ ପୁଅ ରାମକୃଷ୍ଣ,ସିନତି ଗ୍ରାମର ଶଙ୍କର୍ଷଣ ଦାଶଙ୍କ ଦୁଇପୁଅ ପ୍ରକାଶ ଓ ଆକାଶ ତରଣୀ ସେନଙ୍କ ପୁଅ ଜ୍ଞାନରଞ୍ଜନ ଫଇଲା ଗ୍ରାମର ପଦ୍ମଲୋଚନ ଦାଶଙ୍କ ପୁଅ ଶୁଭମ୍ ପ୍ରଦୀପ ମିଶ୍ର ଙ୍କ ପୁଅ କାହ୍ନା,ଚଗୁଲ ଦାସଙ୍କ ପୁଅ ସୌମ୍ୟରଞ୍ଜନ ଙ୍କର ବ୍ରତପୟନ କରାଯାଇଥିଲାୟ ପୂଜକ ସତ୍ୟବ୍ରତ ପଣ୍ଡା, ପ୍ରକାଶ ଚନ୍ଦ୍ର ଦାସ, ଜ୍ଞାନରଞ୍ଜନ ଦାସ,ଓ ପ୍ରେମାନନ୍ଦ ଦାସ ପୂଜାର୍ଚ୍ଚନା କରିଥିଲେ । ରାମଚନ୍ଦ୍ର ବାରିକ୍ ଉପନୟନ କାର୍ଯ୍ୟରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନା ରେ ଅଶୋକ କୁମାର ସାହୁ, ସୂର୍ଯ୍ୟକାନ୍ତ ଓଝା, ଆନନ୍ଦ ଚକ୍ରବର୍ତ୍ତୀ, ଜ୍ୟୋତି ରଞ୍ଜନ ସାହୁ , ନିରୋଜ ଗୁପ୍ତା, ପବନ ଅଗ୍ରୱାଲ, ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ ।

# ଜିଲାସ୍ତରୀୟ ରେଡକ୍ରସ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ,୦୩।୫ : ବୌଦ୍ଧରେ ଆଗାମୀ ମଇ ୮ ତାରିଖ ଦିନ ଜିଲ୍ଲାସ୍ତରୀୟ ରେଡକ୍ରସ ଦିବସ ପାଳନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସତ୍ୟ ରଂଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀଯୁକ୍ତ ସାହୁ ଜିଲ୍ଲାରେ ଯୋଗଦେବାପରେ ଜିଲ୍ଲା ରେଡକ୍ରସ ପାଣ୍ଠି ସଂଗ୍ରହକୁ ଅଧିକ ଗୁରୁତ୍ୱ ଦେବାସହିତ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିଭିନ୍ନ ସଂସ୍ଥା ଓ ବଦାନ୍ୟ ବ୍ୟକ୍ତିବିଶେଷଙ୍କଠାରୁ ଯୋଗାଡ କରିପାରିଥିବା ନେଇ ବୈଠକରେ ଉପସ୍ଥିତ ସଦସ୍ୟମାନେ ପ୍ରଶଂସା କରିଥିଲେ । ପ୍ରତ୍ୟେକ ଜନଶୁଣାଣି ସମାଧାନ ଶିବିରରେ ଅସହାୟ, ଗରିବଲୋକମାନଙ୍କୁ ଚିକିତ୍ସା ଓ ଜୀବନ ଜିବିକା ପାଇଁ ରେଡକ୍ରସ ପାଣ୍ଠି ଜରିଆରେ ରେକର୍ଡ ପରିମାଣର ସହାୟତା ମଧ୍ୟ ପ୍ରଦାନ କରାଯାଇଛି । ଏହାବ୍ୟତୀତ ରାଜ୍ୟ ରେଡକ୍ରସ ପାଣ୍ଠିକୁ ୨୫ଲକ୍ଷ ୯୫ ହଜାର ୪୧ ଟଙ୍କା ସହଯୋଗ ରାଶି ପ୍ରେରଣ କରାଯାଇଛି । ସୂଚନାଯୋଗ୍ୟଯେ, ୨୦୧୬ ମସିହାଠାରୁ ରାଜ୍ୟ ରେଡକ୍ରସକୁ ଜିଲ୍ଲା ପକ୍ଷରୁ କୌଣସି ଅର୍ଥରାଶି ପ୍ରେରଣ କରାଯାଇନଥିଲା । ରେଡକ୍ରସ ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସହିତ ଆଜୀବନ ସଦସ୍ୟମାନଙ୍କୁ ଏଥିରେ ସାମିଲ କରିବାକୁ ବୈଠକରେ ଜିଲାପାଳ ପରାମର୍ଶ ଦେଇଥିଲେ । ସେହିପରି ଜିଲ୍ଲା ରେକଡ୍ରସର ଆଜୀବନ ସଦସ୍ୟ,ପେଟ୍ରନ ଓ ଭାଇସପେଟ୍ରନ ସଦସ୍ୟ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ଏବଂ ଜିଲ୍ଲା ରେକଡ୍ରସ ପାଣ୍ଠିକୁ ଅଧିକ ସହାୟତା ରାଶି ଯୋଗାଇଦେଇଥିବା ବିଭାଗ ଗୁଡିକୁ ରେଡକ୍ରସ ଦିବସ ଅବସରରେ ପ୍ରଶଂସାପତ୍ର ପ୍ରଦାନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ,ସଂସ୍କାର ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ବାଉଁଶୁଣୀ, କେ.ବି.ହିଷ୍ଟ ମହାବିଦ୍ୟାଳୟ ବୁଟୁପାଲି, କେ.ଏମ. ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁରୁଣାକଟକ, ନବୀନ ପ୍ରସାଦ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାରାୟଣ ପ୍ରସାଦ ଓ ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦମାମୁଣ୍ଡାରେ ନୂତନ ଭାବରେ ଯୁବ ରେଡକ୍ରସ ଶାଖା ଶୁଭାରମ୍ଭ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନଙ୍କୁ ନେଇ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବାକୁ ନିଷ୍ପତି ଗ୍ରହଣ କରାଯିବା ସହିତ ବହୁ ସଂଖ୍ୟାରେ କର୍ମଚାରୀ ଯେପରି ସ୍ୱେଚ୍ଛାକୃତ ରକ୍ତଦାନ କରିବେ ସେଥିପାଇଁ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର ,ଉପଜିଲ୍ଲାପାଳ ରବିନ୍ଦ୍ର ନାଥ କହଁର,ସାଂସଦ ପ୍ରତିନିଧି ତାରେଣି ମହାପାତ୍ର, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ର,ଯୁବରେଡକ୍ରସର ସଂପାଦକ ଅଧ୍ୟାପକ ପ୍ରବୀର କୁମାର ଦାସ,ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମହାପାତ୍ର,ଏଡିଏମଓ ମେଡିକାଲ ଡା.ସଂଘମିତ୍ରା ପଣ୍ଡା, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ସହକାରୀ ଜିଲ୍ଲାପାଳ ଚନ୍ଦ୍ରକାନ୍ତ ବେହେରା,ଓରମାସ ଅଧିକାରୀ ଶିବାଶିଷ ଦାଶ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ

# ବୃଦ୍ଧି ପାଇଲା ସିଡିଏ ପରିସୀମା, ସାମିଲ ହେଲା ୧୪୫ଟି ରାଜସ୍ୱ ଗ୍ରାମ

କଟକ, ୪/୫ (ଶ୍ରୁମି.) : କଟକ ସହରର ଉନ୍ନୟନ ପାଇଁ କାର୍ଯ୍ୟ କରୁଥିବା ’ କଟକ ଉନ୍ନୟନ କର୍ତ୍ତୃପକ୍ଷ’ର ପରିସୀମା ଏବେ ବୃଦ୍ଧି ପାଇଛି । ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତକାଲି ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । କଟକ ସହରର ଆଖପାଖରେ ଥିବା ୧୪୫ଟି ରାଜସ୍ୱ ଗ୍ରାମକୁ ସିଡିଏରେ ସାମିଲ କରାଗଲା ବୋଲି ବିଜ୍ଞପ୍ତିରେ ବିଧିବଦ୍ଧ ଭାବେ କୁହାଯାଇଛି । ଯାହା ଫଳରେ ସହରର ପରିସୀମା ଯଥେଷ୍ଟ ବୃଦ୍ଧି ପାଇଛି । ସାମିଲ ହୋଇଥିବା ଉକ୍ତ ଅଂଚଳଗୁଡିକ ଆଜିଠାରୁ ସିଡିଏ ଅଧୀନକୁ ଯିବା ପରେ ସେଠାର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଯଥା-ରାସ୍ତାଘାଟ, ଭିତ୍ତିଭୂମି, ପାର୍କ, ଗୋଷ୍ଠୀ କେନ୍ଦ୍ର, ଜମି ଆବ□ନ, ଗୃହ ନିର୍ମାଣ ଆଦି କାର୍ଯ୍ୟ ସିଡିଏ ଦ୍ୱାରା କରାଯିବ । ଏତଦ୍ ବ୍ୟତୀତ ଏହିସବୁ ଅଂଚଳରୁ ସିଡିଏ ଜମିଜମା ରେଜିଷ୍ଟ୍ରେସନ ବାବଦ ଷ୍ଟାମ୍ପ ଡ୍ୟୁଟି, ପ୍ଲାନ୍ ଆପ୍ରୁଭାଲ, ପ୍ଲଟ ଡେଭଲପମେ□ ସ୍କିମ୍, ହାଉସିଂ କଲୋନି ଇତ୍ୟାଦିରୁ ରାଜସ୍ୱ ପାଇବ । ଉକ୍ତ ୧୪୫ଟି ରାଜସ୍ୱ ଗ୍ରାମ କଟକ ସଦର ତହସିଲ, ବାରଙ୍ଗ, କଣ୍ଟାପଡା, ନିଶ୍ଚିନ୍ତକୋଇଲି, ଟାଙ୍ଗି-ଚୌଦ୍ୱାର, ଆଠଗଡ, ତମପଡା ଓ ସାଲେପୁର ଆଦି ତହସିଲ ଅଂଚଳର ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ପ୍ରକାଶ ଥାଉକି, ୨୦୨୨ରେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଉପରୋକ୍ତ ଅଂଚଳଗୁଡିକୁ ସାମିଲ କରିବା ସକାଶେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସର୍ବସାଧାରଣଙ୍କ ଗୋଚରାର୍ଥେ ଅବଗତ କରାଯିବା ସହ ଏହାକୁ ନେଇ ଅଭିଯୋଗ/ପରାମର୍ଶ ଦାଖଲ କରିବା ପାଇଁ ଏକ ମାସ ସମୟ ଦିଆଯାଇଥିଲା । ପରେ ସେସବୁ ଗ୍ରହଣ କରାଯାଇ ପଦକ୍ଷେପ ନିଆଯାଇଛି ବୋଲି ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ।

Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-751032, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist- Khordha Tel- 9437279415, 9437770874,0674-2460825 E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର

## ନୀତିଶ୍ଳୋକ

**କାଶ୍ୟଶ୍ଚ ପରମେଷ୍ୱାସଃ ଶିଖଣ୍ଡୀ ଚ ମହାରଥଃ ।**
**ଧୃଷ୍ଟଦ୍ୟୁମ୍ନୋ ବିରାଟଶ୍ଚ ସାତ୍ୟକିଶ୍ଚାପରାଜିତଃ ॥**
**ଦ୍ରୁପଦୋ ଦ୍ରୌପଦେୟାଶ୍ଚ ସର୍ବଶଃ ପୃଥିବୀପତେ ।**
**ସୌଭଦ୍ରଶ୍ଚ ମହାବାହୁଃ ଶଙ୍ଖାନ୍ ଦଧ୍ମୁଃ ପୃଥକ୍ ପୃଥକ୍ ॥**

**ହେ ରାଜନ୍ ! ଶ୍ରେଷ୍ଠ ଧନୁର୍ଦ୍ଧାରୀ କାଶିରାଜ, ମହାରଥୀ ଶିଖଣ୍ଡୀ ଏବଂ ଧୃଷ୍ଟଦ୍ୟୁମ୍ନ, ରାଜା ବିରାଟ, ଅଜେୟ ସାତ୍ୟକି, ରାଜା ଦ୍ରୁପଦ ଓ ଦ୍ରୌପଦୀଙ୍କର ପାଞ୍ଚପୁତ୍ର ତଥା ଦୀର୍ଘ ବାହୁବିଶିଷ୍ଟ ସୁଭଦ୍ରାପୁତ୍ର ଅଭିମନ୍ୟୁ- ଏ ସମସ୍ତେ ସବୁ ଦିଗରୁ ଭିନ୍ନ ଭିନ୍ନ(ନିଜ ନିଜର) ଶଙ୍ଖ ବଜାଇଲେ ।**

# ରାଜନୀତିରୁ ମାଫିଆ ଉଚ୍ଛେଦ

ରାଜନୀତି ସଂଖ୍ୟାର ଖେଳ । ଏଠାରେ ଜଣେ ଚୋର, ଡକାୟତ ବା ଅପରାଧିର ଭୋଟର ମୂଲ୍ୟ ଯେତିକି, ଜଣେ ସମାଜସେବୀଙ୍କ ଭୋଟର ମୂଲ୍ୟ ସେତିକି । ଯେକୌଣସି ଉପାୟରେ ସଂଖ୍ୟାଧିକ ଲୋକଙ୍କ ଭୋଟ ପାଇପାରିଲେ ତେଣିକି ପାଞ୍ଚବର୍ଷ କେହି ହଲେଇ ପାରିବେ ନାହିଁ । ଆମ ଦେଶର ଲୋକେ ଜାତି, ଧର୍ମ, ସମ୍ପ୍ରଦାୟ ଆଧାରରେ ବିଭାଜିତ । ବିଶେଷ କରି ସଂଖ୍ୟାଲଘୁ ସମ୍ପ୍ରଦାୟ ନିଜର ମୁଲ୍ଲା, ମୌଲବି ଓ କୁଜି ନେତାମାନଙ୍କ ଦ୍ୱାରା ସବୁବେଳେ ପ୍ରଭାବିତ । ଏହି ସଂଖ୍ୟାଲଘୁ ଭୋଟକୁ ହାତେଇବା ପାଇଁ ବହୁଦିନ ଧରି ଏକ ଫର୍ମୁଲା କାମ କରୁଛି । ତାହା ହେଲା ହୁସିଆର ବିଜେପି ଜିତିଯିବ । ବିଜେପି ଜିତିଲେ ତୁମ ଜୀବନ ଦୁର୍ବିସହ ହୋଇପଡିବ । ଏପରିକି ତୁମକୁ ପାକିସ୍ତାନ ବି ପଠେଇ ଦେଇ ପାରେ । ଯାହା କିଛି ସରକାରୀ ସୁବିଧା ସୁଯୋଗ ତୁମେ ପାଉଛ ତାହା କାଢିନେବ । ଏକଥା ଜଣେଇବା ପାଇଁ ପୁଣି ସହଜ ଉପାୟ ଅଛି । ତାହା ହେଲା ନିର୍ବାଚନର ଅଳ୍ପଦିନ ପୂର୍ବରୁ ଶୁକ୍ରବାର ଦିନ ପ୍ରାୟ ଅଧିକାଂଶ ପୁରୁଷ ଯେତେବେଳେ ମସଜିଦକୁ ପ୍ରାର୍ଥନା ପାଇଁ ଆସନ୍ତି, ପ୍ରାର୍ଥନା ପରେପରେ ସେମାନଙ୍କୁ କହିଦିଆଯାଏ 'ହୁସିଆର ବିଜେପି ମୁସଲମାନଙ୍କ ଶତ୍ରୁ । ତାକୁ ହରାଇବା ପାଇଁ ଅମୁକ ଅମୁକକୁ ଭୋଟ ଦେବ ।' । ବେଳେବେଳେ ଏହା ମୁଲ୍ଲା ମୌଲବୀମାନଙ୍କ ଦ୍ୱାରା ମଧ୍ୟ କୁହାଯାଏ । ଫଳରେ ସାଧାରଣ ନିରୀହ ମୁସଲମାନଙ୍କ ପାଇଁ ଏହା ଏକ ଧାର୍ମିକ ମାମଲା ହୋଇଥିବାରୁ ସେ ତା ପରିବାରର ସବୁତକ ଭୋଟ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଦେଇଥାଏ । ଆମ ଦେଶର ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗରେ ଅନେକ ନିର୍ବାଚନ ମଣ୍ଡଳୀରେ ମୁସଲମାନମାନଙ୍କ ଭୋଟ ନିର୍ଣ୍ଣାୟକ ହୋଇଥାଏ । ଉତ୍ତରପ୍ରଦେଶରେ ପାଖାପାଖି ୫୦ଟି ନିର୍ବାଚନ ମଣ୍ଡଳୀରେ ଏମାନଙ୍କ ଭୋଟ ୩୦ ପ୍ରତିଶତରୁ ଅଧିକ ହୋଇଥାଏ । ୧୦୦ଟି ନିର୍ବାଚନ ମଣ୍ଡଳୀରେ ୨୦ ପ୍ରତିଶତ ଓ ୧୫୦ ନିର୍ବାଚନ ମଣ୍ଡଳୀରେ ୧୭ ପ୍ରତିଶତରୁ ଅଧିକ । ଏମାନଙ୍କ ଭୋଟ ହାସଲ କରିବା ପାଇଁ ରାଜନୈତିକ ଦଳମାନେ ପ୍ରାର୍ଥୀ ବାଛିବା ଠାରୁ ଆରମ୍ଭ କରି ସବୁକ୍ଷେତ୍ରରେ ଏମାନଙ୍କୁ ଗୁରୁତ୍ୱ ଦେଇଥାନ୍ତି । ଉତ୍ତରପ୍ରଦେଶ ଓ ବିହାରରେ ହିନ୍ଦୁମାନେ ମଧ୍ୟ ଜାତି ଆଧାରରେ ବିଭାଜିତ । ବିଶେଷ କରି ଏହି ଦୁଇଟି ରାଜ୍ୟରେ ପାଖାପାଖି ୧୨ ପ୍ରତିଶତ ଯାଦବ ବାସ କରନ୍ତି । ଏମାନେ ଅପେକ୍ଷାକୃତ ଜାତି ଆଧାରରେ ଏକତ୍ରିତ । ଏଥର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରୁଥିବା ଉତ୍ତରପ୍ରଦେଶ ଦୀର୍ଘକାଳ ଧରି କଂଗ୍ରେସର ଦୁର୍ଗଭାବେ ପରିଚିତ ଥିଲା । ତାହାର କାରଣ ହେଉଛି ରାଜ୍ୟର ପ୍ରାୟ ୧୪ ପ୍ରତିଶତ ଦଳିତ, ୧୫ ପ୍ରତିଶତ ମୁସଲମାନ, ଏବଂ ୮ ପ୍ରତିଶତ ବ୍ରାହ୍ମଣମାନଙ୍କୁ କଂଗ୍ରେସ କୌଶଳକ୍ରମେ ନିଜର ପାରମ୍ପରିକ ଭୋଟର ଭାବେ ବ୍ୟବହାର କରିଆସୁଥିଲା । ଦଳିତ ବର୍ଗ ସାଧାରଣତଃ ଦରିଦ୍ର । ସରକାରଙ୍କ ଦ୍ୱାରା ଏମାନଙ୍କୁ ଦିଆଯାଉଥିବା ବିଭିନ୍ନ ପ୍ରକାର ସାହାଯ୍ୟ କଂଗ୍ରେସ ଦେଉଛି ବୋଲି ସେମାନଙ୍କର ବଦ୍ଧମୂଳ ଧାରଣା ସୃଷ୍ଟି ହୋଇଥିଲା । ସ୍ୱାଧୀନତା ପରଠାରୁ ଦେଶର ବଡ ବଡ ରାଜନୈତିକ ପଦପଦବୀରେ ବ୍ରାହ୍ମଣମାନଙ୍କୁ ନିଯୁକ୍ତି କରି କଂଗ୍ରେସ ବ୍ରାହ୍ମଣମାନଙ୍କ ଭୋଟକୁ ନିଜର କରିପାରିଥିଲା । ବିଭାଜନ ସମୟରେ କଂଗ୍ରେସ ହିଁ ପାକିସ୍ତାନ ପାଇଁ ରାଜି ହୋଇଥିଲା । ଏଣୁ ଏ ଦଳ ମୁସଲମାନମାନଙ୍କର ପ୍ରିୟଭାଜନ ହୋଇ ରହିପାରିଥିଲା । ମୁସଲମାନ, ଦଳିତ ଓ ବ୍ରାହ୍ମଣ ମିଶି ୩୭ ପ୍ରତିଶତରୁ ଅଧିକ ହେଉଥିଲାବେଳେ ଅନ୍ୟମାନେ ବିଭିନ୍ନ ରାଜନୈତିକ ଦଳର ସମର୍ଥକ ହୋଇଥିବା କାରଣରୁ ବହୁ ବର୍ଷ ଧରି କଂଗ୍ରେସର ନିରଙ୍କୁଶ ରାଜୁତି ରହିଲା । ଏହି ସମୟଭିତରେ ବିଭିନ୍ନ ସ୍ଥାନରେ ଥିବା କିଛି ଅସାମାଜିକ ମୁସଲମାନ ଲୋକଙ୍କୁ ରାଜନୈତିକ ପୃଷ୍ଠପୋଷକତା ଯୋଗାଇ ମାଫିଆ ଭାବରେ ପରିଣତ କରାଯାଇଥିଲା । ବିନା ପରିଶ୍ରମରେ ଦାଦାଗିରି କରିବା, ଡରେଇ ଧମକେଇ ଚାନ୍ଦା ଆଦାୟ କରିବା , ଜୋର ଜବରଦସ୍ତି ଅନ୍ୟର ସମ୍ପତ୍ତି ହାତେଇବା ଭଳି କାର୍ଯ୍ୟରୁ ଆରମ୍ଭ କରି ଅପହରଣ ହତ୍ୟା ପରି ଜଘନ୍ୟ ହତ୍ୟାକାଣ୍ଡ କରୁଥିଲେ ମଧ୍ୟ ଏମାନେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ ହୋଇଥିବାରୁ ପୋଲିସ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେଉନଥିଲା । କ୍ରମେ ଏହି ମାଫିଆମାନଙ୍କର ବିଭିନ୍ନ ଗୋଷ୍ଠୀ ଉତ୍ତରପ୍ରଦେଶ ରାଜନୀତିକୁ ପ୍ରଭାବିତ କରିବାରେ ଲାଗିଲା । ତେବେ ୧୯୭୭ ବେଳକୁ ମୁସଲମାନମାନେ କଂଗ୍ରେସଠାରୁ ମୁହଁ ଫେରେଇ ନେଇଥିଲେ । ଏହା ପୂର୍ବରୁ ପ୍ରଚାରିତ ହୋଇଥିଲା ଯେ, ଜରୁରୀକାଳୀନ ପରିସ୍ଥିତିରେ ସଞ୍ଜୟ ଗାନ୍ଧୀ ହଜାର ହଜାର ମୁସଲମାନମାନଙ୍କୁ ଜୋର ଜବରଦସ୍ତି ବନ୍ଧ୍ୟାକରଣ ଅସ୍ତ୍ରପଚାର କରାଇ ଦେଇଥିଲେ । ତାଛଡା ସରକାରୀ ଜାଗାକୁ ଜବରଦଖଲ କରି ବିଭିନ୍ନ ସ୍ଥାନରେ ଗଢି ଉଠିଥିବା ଏମାନଙ୍କ ବସ୍ତି ଓ ଦୋକାନଗୁଡିକୁ ମଧ୍ୟ ଉଚ୍ଛେଦ କରିଦିଆଯାଇଥିଲା । ଏହି ରାଗରେ ମୁସଲମାନମାନେ କଂଗ୍ରେସକୁ ଭୋଟ ଦେଇନଥିଲେ । ଫଳରେ ସମଗ୍ର ଉତ୍ତରଭାରତରେ କଂଗ୍ରେସ ପରାଜୟ ବରଣ କରିଥିଲା । ଉତ୍ତରଭାରତରେ ରାଜନୈତିକ ଶକ୍ତିଭାବେ ଯେଉଁମାନଙ୍କର ଅଭ୍ୟୁଦୟ ହେଲା ସେମାନଙ୍କ ଭିତରୁ ମୁଲାୟମ ସିଂହ ଯାଦବ ଏବଂ ଲାଲୁ ଯାଦବ ଏହି ସୁଯୋଗ ନେଇ ମୁସଲମାନମାନଙ୍କୁ ନିଜ ଆଡକୁ ଟାଣିନେବାରେ ସକ୍ଷମ ହେଲେ । ଚୌଧୁରୀ ଚରଣ ସିଂହ ଓ ଦେବିଲାଲ ଭଳି ନେତା ଜାଠ ଭୋଟକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରୁଥିଲେ । ଜଗଜୀବନ ରାମ ଦଳିତ ନେତା ଥିବାରୁ ସେ କଂଗ୍ରେସ ଛାଡିବା ପରେ ଧିରେ ଧିରେ ଦଳିତମାନେ ମଧ୍ୟ କଂଗ୍ରେସ ଆଡୁ ମୁହଁ ଫେରାଇଲେ । ଅପରପକ୍ଷେ ଭାରତୀୟ ଜନସଂଘ ବା ବର୍ତ୍ତମାନର ବିଜେପିକୁ ଉଚ୍ଚବର୍ଗଙ୍କ ଦଳ ବୋଲି କୁହାଗଲା । ତେଣୁ ବ୍ରାହ୍ମଣମାନେ ମଧ୍ୟ କଂଗ୍ରେସ ଆଡୁ ମୁହଁ ଫେରାଇ ବିଜେପିର ସମର୍ଥନ କଲେ । ରାଜପୁତ , କରଣ ଓ ଭୂମିହାର(ହଳୁଆ ବ୍ରାହ୍ମଣ), ବ୍ୟବସାୟୀ ଅନ୍ୟ କିଛି ପଛୁଆବର୍ଗଙ୍କୁ ନିଜ ସାଙ୍ଗରେ ଯୋଡି ବିଜେପିର ଭୋଟବ୍ୟାଙ୍କ ସୃଷ୍ଟି କଲେ । ଏହି ସବୁନେତା ବ୍ୟକ୍ତିଗତ ଭାବେ ମହତ୍ୱାକାଂକ୍ଷି ହୋଇଥିବାରୁ ଜାତି ଆଧାରରେ ଭୋଟ ବିଭାଜିତ ହେଉଥିଲା । ଏହି କାରଣରୁ ରାଜନୈତିକ ଅସ୍ଥିରତା ଅନେକ ଦିନ ପର୍ଯ୍ୟନ୍ତ ଚାଲିଲା । ଇତିମଧ୍ୟରେ ବିହାରରେ ଲାଲୁଯାଦବ , ମୁସଲମାନ ଓ କିଛି ପଛୁଆ ଜାତିଙ୍କୁ ଏକାଠି କରି କ୍ଷମତାର ସ୍ୱାଦ ପାଇପାରିଲେ । ମୁଲାୟମ ସିଂହ ମଧ୍ୟ ମୁସଲମାନମାନଙ୍କୁ ନିଜଆଡକୁ ଟାଣିବାରେ ସକ୍ଷମହେଲେ । ମୁସଲମାନ-ଯାଦବଙ୍କ ମିଳିତ ଭୋଟ ବ୍ୟାଙ୍କ ପାଖାପାଖି ୩୦ ପ୍ରତିଶତ ହେଉଥିବାରୁ ଅନ୍ୟ ଜଣେ ଦୁଇଜଣ ଦଳୀୟ ଜାତିୟ ନେତାଙ୍କୁ ନିଜ ସହ ଯୋଡି ସେ ଦୀର୍ଘବର୍ଷ କାଳ ଉତ୍ତରପ୍ରଦେଶରେ ଶାସନ କରିବାରେ ସମର୍ଥ ହୋଇଥିଲେ । ତେବେ ତାଙ୍କରି ସମୟରେ ଉତ୍ତରପ୍ରଦେଶର ମାଫିଆମାନେ ଆହୁରି ଶକ୍ତିଶାଳୀ ହୋଇଯାଇଥିଲେ । ଏହି ରାଜ୍ୟରେ ମାଫିଆମାନଙ୍କ ଭିତରେ ପ୍ରୟାଗରାଜରୁ ଅତିକ ଅହମ୍ମଦ, ରାମପୁରରୁ ଆଜମ ଖାନ ଓ ଗାଜିପୁର ବା ମଉରୁ ମୁକ୍ତାର ଅନସାରୀ ପ୍ରମୁଖ । ତେବେ ଏମାନେ କେବଳ ମୁଲାୟମଙ୍କ ସମର୍ଥକ ହୋଇ କ୍ଷମତାର ଭାଗିଦାର ନଥିଲେ । ଏମାନେ ନିଜେ ବା ଏମାନଙ୍କ ପରିବାରର ସମ୍ପର୍କୀୟମାନେ ଅନେକ ସ୍ଥାନରେ ସମାଜବାଦୀପାର୍ଟିରୁ ନିର୍ବାଚିତ ହୋଇ ମନ୍ତ୍ରୀମଣ୍ଡଳରେ ପ୍ରମୁଖ ଭୂମିକା ଗ୍ରହଣ କଲେ । କୁହାଯାଏ ଉତ୍ତରପ୍ରଦେଶରେ ମୁଲାୟମ ସିଂହଙ୍କ ପରେ ସବୁଠାରୁ ଅଧିକ ଶକ୍ତିଶାଳୀ ଥିଲେ ଆଜମ ଖାନ । କ୍ଷମତା ବଳୟକୁ ଅସିଲା ପରେ ଏମାନେ ନିଜ ନିଜ ଗୋଷ୍ଠୀର ପ୍ରଭାବ ବୃଦ୍ଧି କରିବା ସହ ବିପୁଳ ସମ୍ପତ୍ତିର ଅଧିକାରୀ ହେଲେ । ନିକଟରେ ମୃତ୍ୟୁବରଣ କରିଥିବା ଅତିକ ଅହମ୍ମଦ ଏକାକୀ ୧୨ହଜାର କୋଟି ଟଙ୍କାର ସମ୍ପତ୍ତି ସହ ପାକିସ୍ତାନ ଦୁବାଇ ଭଳି ବିଦେଶରେ ମଧ୍ୟ ସମ୍ପର୍କ ଥିଲା । ରାଜ୍ୟର ବଡ ବଡ ସହରରେ ଅନେକ ହୋଟେଲ ରେଷ୍ଟୁରାଣ୍ଟ ଓ ମାର୍କେଟ କମ୍ପ୍ଲେକ୍ସ ଏହା ନାମରେ ଥିଲା । ଆଜମ ଖାନ ନିଜସ୍ୱ ଏକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଶହ ଶହ ଏକର ସରକାରୀ ଓ ବେସରକାରୀ ଜମିକୁ ଜବରଦଖଲ କରି ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ସହ ଇଞ୍ଜିନିୟରିଂ , ମେଡିକାଲ, ଏମବିଏ, ଏମସିଏ ଭଳି ବହୁ ଚାହିଦା ଥିବା ବିଷୟରେ ଛାତ୍ରଛାତ୍ରୀମାନଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଚାନ୍ଦା ଆଦାୟ କରି ବିପୁଳସମ୍ପତ୍ତିର ଅଧିକାରୀ ହୋଇଥିଲେ । ସେହିପରି ଗାଜିପୁର ଓ ମଉ ଅଞ୍ଚଳର ମୁକ୍ତାର ଅନସାରୀ ର ରାଜନୈତିକ ପ୍ରଭାବ ଏଭଳି ଥିଲା ଯେ, ସେ ଯେଉଁ ପ୍ରାର୍ଥୀମାନଙ୍କୁ ତା'ର ସମର୍ଥକ ଭାବେ ଥରେ ଘୋଷଣା କରିଦେଉଥିଲା ତାର ବିରୋଧ କଲେ ପ୍ରତିଦ୍ୱନ୍ଦ୍ୱି ପ୍ରାର୍ଥିଙ୍କୁ ଅପହରଣ କରିବା ଓ ହତ୍ୟା କରିବା ଏକ ମାମୁଲି କଥା ଥିଲା । ପ୍ରୟାଗରାଜରେ ଅତିକ ମହମ୍ମଦର ଭାଇ ଅସରଫଙ୍କୁ ଭୋଟରେ ହରାଇଥିବା ରାଜୁ ପାଲକୁ ହତ୍ୟା କରାଯାଇଥିଲା । ଏହି ହତ୍ୟାକାଣ୍ଡର ସାକ୍ଷି ଥିବା ଓକିଲ ଉମେଶ ପାଲଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା । ମଉରେ ମୁକ୍ତାର ଆନସାରୀର ଅତ୍ୟାଚାର ବିରୋଧରେ ବିଜେପି ପ୍ରାର୍ଥୀ କୃଷ୍ଣାନନ୍ଦ ରାୟ ବିଜୟୀ ହେବା ପରଠାରୁ ତାକୁ ହତ୍ୟା କରିବା ପାଇଁ ଖୋଲା ଧମକ ମୁକ୍ତାର ଦେଇଥିଲା । ତା'ର ଭାଇ ଅଫଜଲ ଅନସାରୀ ଗାଜିପୁରରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲା ।

ସମୟ ଥିଲା ମାଫିଆମାନଙ୍କ ବିରୋଧରେ ଥାନରେ ଏତଲା ଦେଲେ ମଧ୍ୟ ତାହା ଗ୍ରହଣ କରାଯାଉନଥିଲା । କୌଣସି ମାଫିଆକୁ ଆପରାଧିକ ମାମଲାରେ ଥାନାକୁ ଆଣିଲେ ମଧ୍ୟ ହୁଏତ ଉପରୁ ଫୋନ ଆସୁଥିଲା ବା ମାଫିଆ ଡନମାନେ ଥାନା ଭିତରେ ପଶି ସେମାନଙ୍କୁ ଛଡେଇ ନେଉଥିଲେ । ଏଭଳି ଭାବେ ଏକପ୍ରକାର ଉତ୍ତରପ୍ରଦେଶରେ ସେମାନଙ୍କ ଅଖଣ୍ଡ ସାମ୍ରାଜ୍ୟ ଚାଲିଥିଲା । କିନ୍ତୁ ୨୦୧୭ରେ ଯୋଗୀ ଆଦିତ୍ୟନାଥ ରାଜ୍ୟର ମୁଖ୍ୟମନ୍ତ୍ରୀ ହେଲା ପରେ ସ୍ଥିତିର ପରିବର୍ତ୍ତନ ଘଟିଥିଲା । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଠିକ କରିବା ପାଇଁ ଯୋଗୀ ପ୍ରତିଜ୍ଞାବଦ୍ଧ ଥିଲେ । ତାଙ୍କର ଦୃଢତା କାରଣରୁ ପୋଲିସ ଭିତରେ ମଧ୍ୟ ପରିବର୍ତ୍ତନ ଆସିଥିଲା । ମାଫିଆମାନଙ୍କ ସମ୍ପର୍କ ରଖିଥିବା ପୋଲିସ ମାନଙ୍କୁ ସେ ଦଣ୍ଡିତ କରିବାରେ ଲାଗିଲେ । ତାଛଡା ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ କରିବା ସକାଶେ ସମସ୍ତ ସରକାରୀ ଅଧିକାରୀଙ୍କୁ କଠୋର ନିର୍ଦ୍ଦେଶ ଦେଇଥିଲେ । ଯୋଗୀଙ୍କ ସୁଶାସନରେ ଭୟଭୀତ ହୋଇ ଅନେକ ମାଫିଆ ରାଜ୍ୟ ବାହାରକୁ ପଳେଇଥିଲେ । ୨୦୨୨ନିର୍ବାଚନ ବେଳକୁ ବିଜେପିକୁ ହରାଇବା କଷ୍ଟକର ଜାଣି ମୁଲାୟମଙ୍କ ପୁଅ ଅଖିଳେଶ ଜାଠନେତା ଚୌଧୁରୀ ଚରଣ ସିହଙ୍କ ନାତି ଜୟନ୍ତ ସିଂହଙ୍କ ସହ ନିର୍ବାଚନୀ ମେଣ୍ଟ କଲେ । କିନ୍ତୁ ତଥାପି ଯୋଗୀନିଜର ସୁଶାସନ , ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଓ ମାଫିଆମାନଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଯୋଗୁଁ ଦ୍ୱିତୀୟଥର କ୍ଷମତାକୁ ଆସିଲେ । ଗତ ବଜେଟ ଅଧିବେଶନ ସମୟରେ ବିରୋଧୀ ଦଳ ନେତା ଅଖିଳେଶ ସିଂହ ଯାଦବ ଗୃହରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସମାଲୋଚନା କରୁଥିବା ବେଳେ ଯୋଗୀ କ୍ରୋଧରେ ପ୍ରତିଜ୍ଞା କରିଥିଲେ ଯେ, ମୁଁ ମାଫିଆମାନଙ୍କୁ ମାଟିରେ ମିଶାଇଦେବି । ଏହା ପରେ ପରେ ସମଗ୍ର ପ୍ରୟାଗରାଜ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଅତିକ ତା ଭାଇ ଅସରଫ , ପୁଅ ଅସରଦ ସମେତ ଅଧିକାଂଶ ମାଫିଆଙ୍କୁ ପୋଲିସ ଏନକାଉଣ୍ଟର କରିଛି ବା ଜେଲରେ ରଖିଛି । ରାମପୁରରେ ଅବୈଧ ଜାଗାରେ ଠିଆ ହୋଇଥିବା ଆଜମ ଖାନର ବିଶ୍ୱବିଦ୍ୟାଳୟକୁ ଯୋଗୀ ମାଟିରେ ମିଶେଇଦେଇଥିଲେ । ଏବେ ଆଜମର ପୁଅ ଖୋଲାଖୋଲି ଯୋଗୀଙ୍କୁ ଧମକ ଦେବାରୁ ହେଟ ସ୍ପିଚ ମାମଲାରେ ୪ ବର୍ଷ ଜେଲ ଦଣ୍ଡ ଆଦେଶ ପାଇ ନିଜର ବିଧାୟକ ପଦ ହରାଇଛି । ସର୍ବଶେଷ ସମ୍ବାଦ ଅନୁସାରେ ମୁକ୍ତାର ଅନସାରୀକୁ ବିଧାୟକ କ୍ରିଷ୍ଣାନନ୍ଦ ରାୟ ହତ୍ୟା ମାମଲାରେ ୧୦ ବର୍ଷ ଜେଲଦଣ୍ଡ ମିଳିଥିବା ବେଳେ ତାର ଭାଇ ଅଫଜଲ ଅନସାରୀକୁ ୪ ବର୍ଷ ଜେଲ ଦଣ୍ଡାଦେଶ ମିଳିଛି । ଫଳରେ ତାର ସଂସଦ ସଦସ୍ୟପଦ ହରାଇଛି ।

ଜେଲରେ ମଧ୍ୟ ମୁକ୍ତାରର ରାଜୁତି ଚାଲୁଥିଲା । ବିଳାଶପୂର୍ଣ୍ଣ ସେଲରେ ତାକୁ ରଖାଯାଉଥିଲା ଏବଂ ହୋଟେଲରୁ ମୂଲ୍ୟବାନ ଖାଦ୍ୟପଦାର୍ଥ , ମିଠା, ଦଶେରା ଆମ୍ବ ସବୁ ଯୋଗାଇ ଦିଆଯାଉଥିଲା । ଜେଲ ଭିତରେ ଥିବା ଏକ ପୁରୁଣା ପୋଖରୀକୁ ମାଛଚାଷ ପାଇଁ ଉପଯୁକ୍ତ କରି ସେଥିରେ ସେ ମାଛଚାଷ କରୁଥିଲା । ଜେଲ ଅଧିକାରୀମାନଙ୍କ ଜ୍ଞାତସାରରେ ତା ସ୍ୱତନ୍ତ୍ର ସେଲରେ ତା ପତ୍ନୀଙ୍କ ସହ ସେ ଘଣ୍ଟା ଘଣ୍ଟା ଧରି ବିତାଉଥିଲା । କିନ୍ତୁ ଏବେ ଏନକାଉଣ୍ଟର ଡରରେ ମୁକ୍ତାରକୁ ଆଉ ରାତିରେ ନିଦ ହେଉନାହିଁ । ପାପର ଭାରା ବଢିଗଲେ ଦୈବିଶକ୍ତି ଅବତରିତ ହୋଇ ଦୁଷ୍ଟଙ୍କୁ ସଂହାର କରନ୍ତି । ଲୋକେ ଯୋଗୀଙ୍କୁ ସେହିଦୃଷ୍ଟିରେ ଦେଖୁଛନ୍ତି ।

# ନୀରବତାର ଭିଟୋ

**ସୌଭାଗ୍ୟ ରଂଜନ ମହାନ୍ତି**



ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଏସ. ମୁରଲିଧରଙ୍କୁ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସୁପ୍ରିମକୋର୍ଟ କଲେଜିୟମର ସୁପାରିଶ ଉପରେ କେନ୍ଦ୍ର ସରକାର ଦୀର୍ଘ ୭ମାସ ଧରି ବସି ରହିବା ପରେ ଶେଷରେ ଏହାକୁ ପ୍ରତ୍ୟାହାର କରିଦେବା ପାଇଁ କଲେଜିୟମର ନିଷ୍ପତି ଭାରତୀୟ ଗଣତନ୍ତ୍ରର ଦୁଇ ସ୍ତମ୍ଭ କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରେ ମୁହାଁମୁହିଁ ପରିସ୍ଥିତିର ଅବସାନ ଘଟିନଥିବା ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ୨୦୨୨ ସେପ୍ଟେମ୍ବରରେ କଲେଜିୟମ ସୁପାରିଶ କରିଥିଲା। ଏହାର କାରଣ ଥିଲା ମାଡ୍ରାସ ହାଇକୋର୍ଟର ଅସ୍ଥାୟୀ ମୁଖ୍ୟ ବିଚାରପତି ଜଷ୍ଟିସ ଏମ.ଏନ.ଭଣ୍ଡାରୀ ଯେ କି ସେହିଦିନ ଅବସର ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ୮ମାସ ଧରି ସେ ମାଡ୍ରାସ ହାଇକୋର୍ଟର ଅସ୍ଥାୟୀ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟକରି ଆସୁଥିଲେ। ମାଡ୍ରାସ ହାଇକୋର୍ଟ ପରି ଦେଶର ଏକ ମର୍ଯ୍ୟଦା ସମ୍ପନ୍ନ ଉଚ୍ଚ ନ୍ୟାୟାଳୟରେ ଜଣେ ସ୍ଥାୟୀ ମୁଖ୍ୟ ବିଚାରପତି ନିଯୁକ୍ତି ଦେବା ସୁପ୍ରିମକୋର୍ଟର ମୁଖ୍ୟ ଲକ୍ଷ୍ୟ ଥିଲା। ତେବେ ଦୀର୍ଘ ୭ମାସରୁ ଉର୍ଦ୍ଧ୍ୱ ସମୟ ଧରି ସୁପାରିଶକୁ କେନ୍ଦ୍ର ସରକାର ଚାପି ରଖିବା ପରେ ଶେଷରେ କଲେଜିୟମ ସୁପାରିଶକୁ ରଦ୍ଦ କରି ବମ୍ବେ ହାଇକୋର୍ଟର ବରିଷ୍ଠ ବିଚାରପତି ଏସ.ଭି. ଗଙ୍ଗାପୁରୱାଲାଙ୍କୁ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି କେନ୍ଦ୍ର ସରକାରଙ୍କ ନିକଟକୁ ସୁପାରିଶ କରିଛନ୍ତି। ଜଷ୍ଟିସ ଭଣ୍ଡାରୀଙ୍କ ଅବସରଗ୍ରହଣ ପରେ ମାଡ୍ରାସ ହାଇକୋର୍ଟର ବରିଷ୍ଠ ବିଚାରପତି ଟି.ରାଜା ଅସ୍ଥାୟୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ବହନ କରିଥିଲେ। ୨୦୨୨ରେ ନଭେମ୍ବରରେ ଜଷ୍ଟିସ ରାଜ୍ୟଙ୍କୁ ରାଜସ୍ଥାନ ହାଇକୋର୍ଟକୁ ବଦଳି କରିବା ପାଇଁ କଲେଜିୟମ କରିଥିବା ସୁପାରିଶ ଉପରେ ମଧ୍ୟ କେନ୍ଦ୍ର ସରକାର କୌଣସି ନିଷ୍ପତି ଗ୍ରହଣ କରିନାହାଁନ୍ତି। ଆସନ୍ତା ୨୩ ତାରିଖ ଦିନ ଜଷ୍ଟିସ ରାଜା ଅବସର ଗ୍ରହଣ କରିବେ । କହିବା ବାହୁଲ୍ୟ ଯେ, ମାଡ୍ରାସ ହାଇକୋର୍ଟ ପରି ଏକ ମର୍ଯ୍ୟଦା ସମ୍ପନ୍ନ ଉଚ୍ଚନ୍ୟାୟାଳୟ ଦୀର୍ଘ ୧୫ମାସରୁ ଉର୍ଦ୍ଧ୍ୱ ସମୟ ଧରି ସ୍ଥାୟୀ ମୁଖ୍ୟ ବିଚାରପତିଙ୍କ ଅନୁପସ୍ଥିତିରେ ଚାଲିଛି। କେବଳ ମାଡ୍ରାସ ହାଇକୋର୍ଟ ନୁହେଁ, ହିମାଚଳ ପ୍ରଦେଶ ହାଇକୋର୍ଟରେ ଅନୁରୂପ ଅବସ୍ଥା ହିମାଚଳ ହାଇକୋର୍ଟର ଅସ୍ଥାୟୀ ମୁଖ୍ୟ ବିଚାରପତି ଜଷ୍ଟିସ ସବିନାଙ୍କୁ ସ୍ଥାୟୀ ମୁଖ୍ୟ ବିଚାରପତି ପଦବୀକୁ ପଦୋନ୍ନତି ଦେବା ଲାଗି କଲେଜିୟମ ସୁପାରିଶକୁ ମଧ୍ୟ ସରକାର ପକାଇ ରଖିଛନ୍ତି। ଶେଷରେ ଜଷ୍ଟିସ ସବିନା ଅସ୍ଥାୟୀ ମୁଖ୍ୟ ବିଚାରପତି ଭାବେ ଅବସର ଗ୍ରହଣ କରିଛନ୍ତି। କେବଳ ଏହି ଦୁଇ ହାଇକୋର୍ଟ ନୁହେଁ, ମଣିପୁର, କୋଲକତା, ଏବଂ ମାଡ୍ରାସ ହାଇକୋର୍ଟର କେତେକ ବିଚାରପତିଙ୍କ ଅନ୍ୟତ୍ର ବଦଳି ପାଇଁ କଲେଜିୟମ ସୁପାରିଶ କରିନଥିଲେ, ମଧ୍ୟ କେନ୍ଦ୍ର ସରକାର ସେଥିପ୍ରତି ମଧ୍ୟ ଦୃଷ୍ଟି ଦେଇନଥିବା କୁହାଯାଏ। ଏହା ସତ୍ୟ ଯେ, ସୁପ୍ରିମକୋର୍ଟ ସୁପାରିଶର କାର୍ଯ୍ୟକାରୀ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ଏହାର ସୁଯୋଗ ନେଇ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି ବୋଲି କୁହାଯାଇପାରିବ। ତେବେ ଏହା କେବଳ ଗୋଟିଏ କାରଣ ନୁହେଁ। ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ନିଯୁକ୍ତି ଓ ବଦଳି ପାଇଁ କେନ୍ଦ୍ର ସରକାରଙ୍କ ଜାତୀୟ ନ୍ୟାୟିକ ନିଯୁକ୍ତ କମିଶନ (ଏନଜେଏସି)କୁ ସୁପ୍ରିମକୋର୍ଟ ରଦ୍ଦ କରିଦେବା ପରେ ଏବେ କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିଛି। ଉଚ୍ଚ ନ୍ୟାୟାଳୟ ଓ ସୁପ୍ରିମକୋର୍ଟରେ ଖାଲି ପଡିଥିବା ବିଚାରପତି ପଦବୀ ପୂରଣ କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଯାହାଫଳରେ ମାମଲାଗୁଡିକ ଆଶୁ ଫଇସଲା ନହୋଇ ପଡି ରହିଛି। ପରିଣତି ସ୍ୱରୂପ ଦେଶରେ ବକେୟା ମାମଲା ସଂଖ୍ୟା ବଢିଚାଲିଥିବାବେଳେ ଜେଲଗୁଡିକରେ ଜାମିନ ନପାଇ ବିଚାରାଧୀନ କଏଦୀଙ୍କ ସଂଖ୍ୟା ମଧ୍ୟ ବଢିଚାଲିଛି। ଦେଶର ଗଣତନ୍ତ୍ରର ଦୁଇ ସ୍ତମ୍ଭ କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ମଧ୍ୟ ବିବାଦ ଦେଶର ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ, ତେବେ କଲେଜିୟମର ସୁପାରିଶ କାର୍ଯ୍ୟକାରୀ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନଥିବା ଯୋଗୁଁ କେନ୍ଦ୍ର ସରକାରଙ୍କ ନୀରବତା ହେଉଛି ଏକ ପ୍ରକାର ଭିଟୋ ପ୍ରୟୋଗ ବୋଲି କୁହାଯାଇପାରେ।

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୯୪୩୭୯୯୪୩୭୯**

# ଜ୍ଞାନୀଜୈଲ ସିଂହ

**ଅକ୍ଷୟ କୁମାର ରାଉତ**

ସମୟର ସ୍ରୋତରେ ପ୍ରକୃତି କୋଳରେ କେତେ ସାଧୁ,ସନ୍ଥ, ପଣ୍ଡିତ, ବିଦ୍ୱାନ, କବି, ଲେଖକ, ନାଟ୍ୟକାର, ଦାର୍ଶନିକ, ବୈଜ୍ଞାନିକ, ଜନସେବକ ଓ ରାଜନେତା ଜନ୍ମ ନିଅନ୍ତି ସେମାନଙ୍କ ମଧ୍ୟରୁ ଜ୍ଞାନୀଜୈଲ ସିଂହ ଅନ୍ୟତମ। ୧୯୧୬ ମସିହା ମେ ମାସ ୫ ତାରିଖରେ ଫରିଦକୋର୍ଟ ସହର ଠାରୁ ୧୦ କି.ମି. ଦୂରରେ ରେଲଲାଇନ କଡର ଛୋଟିଆ ଗାଁ ସନ୍ଧୱାନରେ ଏକ ଶିଖ୍ ପରିବାରରେ ଭାଇକିଷାନ ସିଂହ ଓ ବିବିଇନ୍ଦ କାଉରଙ୍କ କୋଳମଣ୍ଡନ କରି ଚତୁର୍ଥ ସନ୍ତାନ ଭାବେ ଜନ୍ମନେଲେ ଜୈଲ ସିଂହ। ଅଳ୍ପ ଦିନରେ ମା' ଛେଉଣ୍ଡ ହୋଇ ମାଉସୀ ବିବିଦୟା କଉରଙ୍କ ସ୍ନେହ ଶ୍ରଦ୍ଧାରେ ବଢିଲେ। ଜୈଲ ସିଂହ ୧୨ବର୍ଷ ପର୍ଯ୍ୟନ୍ତ ଜାଣି ପାରିନଥିଲେ ତାଙ୍କର ପ୍ରକୃତ ମା କିଏ। ବାପା ମାଙ୍କ ଧର୍ମ ପରାୟଣତା ତାଙ୍କ ଉପରେ ପ୍ରଭାବ ପକାଇ ଥିଲା। ଅଭାବରୁ ସେ ବେଶି ପାଠ ପଢି ପାରିନଥିଲେ। ପାଂଚବର୍ଷ ବୟସରେ ସେ ଗୁରୁଗ୍ରନ୍ଥ ସାହେବ ପଢିବୁଝି ପାରୁଥିଲେ ଓ ଅନ୍ୟମାନଙ୍କୁ ବୁଝାଉଥିଲେ। ଶିଖ୍ ଧର୍ମ ଉପରେ ଅଗାଧ ପାଣ୍ଡିତ୍ୟ ଲାଭ କରିଥିବାରୁ ତାଙ୍କୁ ଲୋକେ ଜ୍ଞାନୀ ଡାକିବାରୁ ସେ ଜ୍ଞାନୀ ଜୈଲ ସିଂହ ଭାବରେ ପରିଗଣିତ ହେଲେ। ଜ୍ଞାନୀ ନିଜ ଉଦ୍ୟମରେ ହିନ୍ଦୀ ଓ ଉର୍ଦ୍ଧୁ ଭାଷା ଶିକ୍ଷା କରି ସ୍ମୃତିଶାସ୍ତ୍ର, ଉପନିଷଦ, କୋରାନ, ଗୀତା, ଭାଗବତ ଓ ବାଇବେଲ ପଢିବହୁଜ୍ଞାନ ଅର୍ଜନ କଲେ। ସେ ସକାଳ ଓ ସନ୍ଧ୍ୟାରେ କୀର୍ତନ୍ କରନ୍ତି, ଅନ୍ୟ ସମୟରେ ଘରେ ଇତିହାସ ଓ ଅନ୍ୟଗ୍ରନ୍ଥ ଅଧ୍ୟୟନ କରନ୍ତି। ୧୨ବର୍ଷ ବୟସରେ ଜ୍ଞାନୀବସନ୍ତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ। ପିତା ଭାଇକିଷାନ ସିଂହ ଗ୍ରନ୍ଥସାହେବରୁ ଗୋଟିଏ ପ୍ରାର୍ଥନା ପଢି ଈଶ୍ୱରଙ୍କ ସରଣାପନ୍ନ ହେଲେ। ତାପରେ ଜ୍ଞାନୀଙ୍କର ଦେହ ଭଲ ହୋଇଗଲା। ଜ୍ଞାନୀ କିର୍ତନ କରୁକରୁ ଦେଶ ସେବାରେ ମନଦେଲେ। ତାଙ୍କ ଉପରେ ଭଗତସିଂ ଓ ସନ୍ଥ ଅମରସିଂହତେଗଙ୍କର ପ୍ରଭାବ ପଡିଥିଲା। ସନ୍ଥ ଅମର ସିଂହତେଗ ତାଙ୍କୁ ବନ୍ଧୁକଟିଏ ଦେଇ ଆର୍ଶୀବାଦ କରି ଦେଶ ପାଇଁ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଲଢିବାକୁ ଶପଥ କରାଇଥିଲେ। ଏହି ସମୟରେ ସେ ବିବିପ୍ରଧାନ କାଉରଙ୍କୁ ସହଧର୍ମିଣୀ ଭାବରେ ଗ୍ରହଣକଲେ। ଥରେ ଫରିଦ୍ କୋର୍ଟଠାରେ ସବୁ ଧର୍ମ ତରଫରୁ ଗୋଟିଏ ତର୍କସଭାର ଆୟୋଜନ କରାଗଲା। ସେଠାରେ ଜ୍ଞାନୀଜୀ ଜଣେ ଶ୍ରୋତାଭାବରେ ଯାଇଥିଲେ କିନ୍ତୁ ବକ୍ତା ଭାବରେ ଶିଖ୍ ଧର୍ମର ମୌଳିକ ତତ୍ତ୍ୱ ଓ ସାରମର୍ମ କହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲେ।

ସେତେବେଳେ ସାରା ଭାରତରେ ସ୍ୱାଧିନତା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ। ଜ୍ଞାନୀଜୀ ଫରିଦ୍ କୋର୍ଟରେ ଭାରତୀୟ ଜାତୀୟ କଂଗ୍ରେସର ଏକ ଶାଖାଟିଏ ଖୋଲି ବିଭିନ୍ନ ସ୍ଥାନରେ ସଭାସମିତି କରି ଇଂରେଜ ସରକାର ଓ ରାଜାଙ୍କ ବିରୁଦ୍ଧରେ ଭାଷଣ ଦେବାରୁ ଗିରଫ ହେଲେ। ତାଙ୍କ ସହିତ ସର୍ଦ୍ଦାର ଜଙ୍ଗସିଂହ, ମଣିସିଂୱାଲା ଗିରଫ ହୋଇ ଫରିଦ୍‌କୋର୍ଟ କେନ୍ଦ୍ରୀୟ ଜେଲରେ ପାଂଚବର୍ଷ ଜେଲଦଣ୍ଡ ସହିତ ୨୫୦ ଟ. ଜୋରିମାନା ଭୋଗିଥିଲେ। ଜେଲରେ ଥାଇ ଜ୍ଞାନୀଜୀ ବିଭିନ୍ନ ଗ୍ରନ୍ଥ ଅଧ୍ୟୟନ ସହିତ ଜଣେ ସହକାରୀ ଜେଲ ଅଧିକାରୀଙ୍କଠାରୁ ଇଂଗ୍ରାଜୀ ଶିକ୍ଷାକଲେ। ଜେଲରେ ସେ ମାଆଙ୍କ ପାଖକୁ ଖଣ୍ଡେ ଚିଠିଲେଖି ଧରାପଡି ଦଣ୍ଡପାଇଲେ। ମା ପୁଅକୁ ଦେଖାକରିବାକୁ ଯାଇ ଟିକେ ସ୍ନେହରେ କୋଳାଇ ପାରିନଥିଲେ, ଲୁହାବାଡର ପ୍ରତିବନ୍ଧକ ଯୋଗୁ। ଜେଲରେ ଥିବା ସମୟରେ ସେ ପାଳିତ ମାଙ୍କୁ ହରାଇଲେ। ଜେଲରୁ ମୁକୁଳାପରେ ଗାଁରେ ରହି ପାରିନଥିଲେ ଗୁଇନ୍ଦା ବିଭାଗର କଡା ନଜରରୁ, ଭାଇବନ୍ଧୁଙ୍କୁ ଛାଡି ଲାହୋର ସହରକୁ ଚାଲିଗଲେ। ଅକାଳୀ ଦଳର ମୁଖିଆ ତାରାସିଂକୁ ଦେଖାକରି ଶିଖ୍ ମିଶିନାରୀ କଲେଜରେ ଯୋଗଦେଇ ମାସିକ ୧୬ ଟଙ୍କା ଭତାରେ ରହିଲେ। କିଛିଦିନ ପରେ ସେ ମାସିକ ୮୧ ଟଙ୍କା ବିନିମୟରେ ଜ୍ଞାନୀଜିହୋସିଆରପୁର ଶିଖ୍ ସଂଘସେବାରେ କାର୍ଯ୍ୟକଲେ। ଏହି ସମୟରେ ପଞ୍ଜାବ ପ୍ରଦେଶରେ ପ୍ରଜାମଣ୍ଡଳ ତରଫରୁ ଲେକପ୍ରିୟ ସରକାର ଗଠନ ପାଇଁ ଆନ୍ଦୋଳନ ଚାଲୁଥାଏ। ଜ୍ଞାନୀଜୀସେଠାରେ ପହଂଚି ଆନ୍ଦୋଳନ ଚାଲୁରଖିଲେ ଓ ପଣ୍ଡିତ ନେହେରୁଙ୍କ ସହିତ ଘନିଷ୍ଠ ସମ୍ପର୍କ ରକ୍ଷାକଲେ।

ଭାରତ ସ୍ୱାଧୀନ ହେଲା ନେହେରୁ ପ୍ରଧାନମନ୍ତ୍ର, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲ ଜ୍ଞାନୀଜୀଙ୍କୁ ଦିଲ୍ଲୀ ଡକାଇଲେ। ଜ୍ଞାନୀଜୀଙ୍କ ପାଖରେ ପଇସା ନାହିଁ। ତେଣୁ ସେ ବନ୍ଧୁରାମନାଥଙ୍କ ସହିତ ଦୁଇମାଇଲର ବାଟ ଚାଲିଚାଲି ପାତିଆଲା ଷ୍ଟେସନରୁ ଶହେଟଙ୍କା ଧାରକରି ଦିଲ୍ଲୀଗଲେ। ସେଠାରେ ୧୦ ମିନିଟ୍ ବିଳମ୍ବ ଯୋଗୁ ଦେଖାକରିନପାରିବାରୁ ଭୋକଉପାସରେ ଅପେକ୍ଷାକଲେ। ପଟେଲଙ୍କ ନିର୍ଦ୍ଦେଶରେ ମନ୍ତ୍ରମଣ୍ଡଳ ଗଠନ ହେଲା। ମୁଖ୍ୟମନ୍ତ୍ରୀ ଜ୍ଞାନୀସିଂହ ରାରେୱାଲଙ୍କ ମନ୍ତ୍ରୀମଣ୍ଡଳରେ ରାଜସ୍ୱମନ୍ତ୍ରୀ ଭାବେ ଜ୍ଞାନୀଜୀ ଦାୟିତ୍ୱ ଗ୍ରହଣ କଲେ। ପରେ ପରେ ଦୁଇବର୍ଷ ପାଇଁ ପେପସୁ ପ୍ରଦେଶର କଂଗ୍ରେସ କମିଟିର ସଭାପତି ଭାବରେ ଜ୍ଞାନୀଜୀ ନିର୍ବାଚିତ ହେଲେ। ୬ ବର୍ଷ ପାଇଁ ସେ ରାଜ୍ୟସଭାର ସଦସ୍ୟଭାବରେ ନିର୍ବାଚିତ ହେଲେ। ରାଜ୍ୟସଭାର ସଭ୍ୟ ଭାବରେ କାର୍ଯ୍ୟକାଳ ପୂରଣ କରି ସେ ପଞ୍ଜାବ ବିଧାନସଭାରୁ ନିର୍ବାଚିତ ହେଲେ। ୧୯୭୧ ମସିହା ଜୁନ୍ ୯ ତାରିଖରେ ପଞ୍ଜାବରେ ରାଷ୍ଟ୍ରପତି ଶାସନ ଜାରିହେଲା। ଏହି ସମୟରେ ଭାରତ ପାକିସ୍ତାନ ଯୁଦ୍ଧ ଆରମ୍ଭ ହୋଇଗଲା। ଯୁଦ୍ଧ ପରେ ପଞ୍ଜାବ ବିଧାନସଭାର ନିର୍ବାଚନ ହେଲା। ଜ୍ଞାନୀଜୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ ମନ୍ତ୍ରୀମଣ୍ଡଳ ଗଠନ କଲେ। ସେ ହେଲେ ମୁଖ୍ୟମନ୍ତ୍ରୀ। ତାଙ୍କର ଶାସନକାଳକୁ ଲୋକମାନେ ମହାରାଜା ରଣଜିତ୍ ସିଂହଙ୍କ କାର୍ଯ୍ୟ ସହିତ ତୁଳନାକଲେ।

ସପ୍ତମ ଲୋକସଭା ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ ଜ୍ଞାନୀଜୀ ଘରୋଇ ବିଭାଗର ମନ୍ତ୍ରୀଭାବରେ ଦାୟିତ୍ୱ ଗ୍ରହଣ କଲେ। ସେ ତାଙ୍କ ରାଜନୈତିକ ଜୀବନ ଆରମ୍ଭରୁ ଏକ 'ଖାଲସସେବକ' ନାମରେ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ତାହା ଦୈନିକ ସମ୍ବାଦପତ୍ର ଭାବରେ ଆତ୍ମ ପ୍ରକାଶ କଲା। ସେ ଗୃହମନ୍ତ୍ରୀ ହିସାବରେ ସମ୍ପାଦକମାନଙ୍କର ଏକ ସମ୍ମିଳନୀ କରାଇ ସାମ୍ବାଦିକମାନଙ୍କର ସୁରକ୍ଷା ଓ ସ୍ୱାଧୀନତା ସରକାର ବହନ କରିବା ପାଇଁ ଆହ୍ୱାନ ଦେଇଥିଲେ। ୧୯୮୨ମସିହା ଜୁଲାଇ ମାସ ୨୪ ତାରିଖରେ ଜ୍ଞାନୀଜୀ ଭାରତର ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିଲେ। ତାଙ୍କ ନିର୍ଦ୍ଦେଶରେ 'ବ୍ଲୁଷ୍ଟାର ଅପରେସନ' କରାଗଲା। ସ୍ୱର୍ଣ୍ଣମନ୍ଦିରରେ ସୈନ୍ୟ ବାହିନୀ ପଶି ସନ୍ତ୍ରାସବାଦୀମାନଙ୍କୁ ଧରିଲେ ଓ ଦେଶଟା ବଡ ବିପଦରୁ ରକ୍ଷା ପାଇଗଲା।

୧୯୯୪ ମସିହା ନଭେମ୍ବର ମାସ ୨୯ତରିଖରେ ଜ୍ଞାନୀଜୀ ଏକ କାରରେ ଆନନ୍ଦପୁର ସାହିବରୁ ଚଣ୍ଡୀଗଡକୁ ଫେରୁଥିଲେ। ହଠାତ୍ ରୋପତ୍ ଜିଲ୍ଲାର ବୁଙ୍ଗାସାହିବ ନିକଟରେ ଗୋଟିଏ ଟ୍ରକ ସହିତ କାରଟି ଧକ୍କାଲାଗିଲା, ସେ ଗୁରୁତର ଆହତ ହେଲେ। ଦୀର୍ଘ ୨୭ ଦିନ ଧରି ମୃତ୍ୟୁ ସହିତ ସଂଗ୍ରାମ କରି ୧୯୯୪ ମସିହା ଡିସେମ୍ବର ମାସ ୨୫ ତାରିଖ ସକାଳ ସାତଟା ଚାଳିଶ ମିନିଟରେ ୭୮ ବୟସରେ ଶେଷ ନିଶ୍ୱାସ ତ୍ୟାଗ କଲେ।

ଜଣେ ଦେଶ ସେବକ ରାଜନେତା, କବି, ଲେଖକ ଓ ପୂର୍ବତନ ରାଷ୍ଟ୍ରପତିଙ୍କ ମୃତ୍ୟୁରେ ଦେଶରେ ଶୋକର ଛାୟା ଖେଳିଗଲା। କେନ୍ଦ୍ରସରକାର ୭ ଦିନ ପାଇଁ ଜାତୀୟ ଶୋକ ପାଳିବାକୁ ଘୋଷଣା କଲେ। ଜାତୀୟ ପତକା ଅର୍ଦ୍ଧ ନିର୍ମିତ କରାଗଲା। ଦିଲ୍ଲୀର ବିଜୟଘାଟ ନିକଟରେ ଥିବା ଏକତାସ୍ଥଳରେ ରାଷ୍ଟ୍ରୀୟ ସମ୍ମାନର ସହିତ ଦାହ କରାଗଲା। ଦେଶର ଚାରିଆଡେ 'ଜୈଲସିଂହ ଅମରରହେ' ମୁଖରିତହେଲା।

**ପାରାଦ୍ୱୀପଗଡ, କୁଜଙ୍ଗ**
**ଜଗତ୍‌ସିଂହପୁର**
**ମୋ-୯୯୩୭୬୯୧୪୭୫**

# ଶିକ୍ଷା କ୍ଷେତ୍ରରେ ସାର୍ଟିଫିକେଟ ଦୁର୍ନୀତି

**କାଳି ଦାସ**

ଭାରତରେ ଅନେକ ବିଭାଗରେ ଦୁର୍ନୀତି ଦେଖିବାକୁ ମିଳିଛି ଯେମିତି କି ଶିକ୍ଷା, ସ୍ୱାସ୍ଥ୍ୟ ବିଜୁଳି ଏମିତି ଅନେକ ବିଭାଗରେ ଦୁର୍ନୀତି ହେବାର ଅଭିଯୋଗ ହେଉଛି। ଦୁର୍ନୀତିକୁ ସମସ୍ତେ ନା ପସନ୍ଦ କଲେ ମଧ୍ୟ ଦୁର୍ନୀତି ହୋଇଚାଲିଛି। ଦୁର୍ନୀତି କରୁଥିବା ବ୍ୟକ୍ତିମାନଙ୍କ ଉପରେ ତୁରନ୍ତ କାର୍ଯ୍ୟନୁଷ୍ଠାନ କଣ ପାଇଁ ହେଉନାହିଁ। ?

କୃତି ଛାତ୍ର ଛାତ୍ରୀମାନେ ପାଠ ପାଢୀ ପରିଶ୍ରମ କରି ଯୋଗ୍ୟତା ପାଇଥାନ୍ତି। ସେମାନଙ୍କର ଶିକ୍ଷା ସରିଗଲା ପରେ ମଧ୍ୟ ଋକିରିର କୌଣସି ଆଶା ନ ଥାଏ। ଆଜି କାଲି ଉଚ୍ଚରୁ ଉଚ୍ଚ ଯୋଗ୍ୟତା ପାଇ ମଧ୍ୟ ଋକିରି ଟିଏ ମିଳିବା କଷ୍ଟ ହେଉଛି। ନିକଟରେ ଜାଲି ସାର୍ଟିଫିକେଟର ର୍‍ୟାକେଟ ପେନ ଇଣ୍ଡିଆ ଲିଙ୍କ ସହିତ ବଲାଙ୍ଗିରରେ ଧାରା ପଡିଥିଲା। ପାଖା ପାଖି ୨୦୦୦ ଜାଲି ସାର୍ଟିଫିକେଟକୁ ସିଜ କରାଯାଇଛି। ଏହା ରିଲାଏନ୍ସ ଏଜୁକେସନ ନାମକ ଗୋଟିଏ କୋଚିଂ ସେଣ୍ଟରରୁ ମିଳିଥିଲା। ଏହି ସାର୍ଟିଫିକେଟ ଗୁଡିକ ଅସଲି ସାର୍ଟିଫିକେଟ ବା ଅରିଜିନାଲ ସାର୍ଟିଫିକେଟ ପରି ଦିଶୁଥିଲା। ଏହାକୁ ଧରି ଓଡିଶାର ରାଜନୀତିରେ ଝଡ ସୃଷ୍ଟି ହୋଇଛି। କଥା ହେଉଛି ଏହି ଜାଲି ସାର୍ଟିଫିକେଟ ପାଇଥିବା ବ୍ୟକ୍ତି ମାନେ ଋକିରିରେ ପଶିଯାଉଛନ୍ତି କିନ୍ତୁ ପାଠ ପଢିଥିବା କୃତି ଛାତ୍ର ଓ ଛାତ୍ରୀମାନେ ଋକିରିରୁ ବଞ୍ଚିତ ହେଉଛନ୍ତି। ଓଡିଶାର ବିରୋଧୀ ଦଳ ଏହି ବିଷୟରେ ସିବିଆଇ ଯାଞ୍ଚ ପାଇଁ ଦାବି କରୁଛନ୍ତି। ଯେତେବେଳେ ଜାଲି ସାର୍ଟିଫିକେଟ ଧରି ଥିବା ପ୍ରାର୍ଥୀ ମାନେ ଋକିରି କ୍ଷେତ୍ରରେ ପ୍ରବେଶ କରୁଛନ୍ତି ସେମାନଙ୍କ ସାର୍ଟିଫିକେଟକୁ ଭଲ ଭାବରେ ଯାଞ୍ଚ କାହିଁକି କରାଯାଉନାହିଁ ? ସେମାନେ କେଉଁଠୁ ଏହି ସାର୍ଟିଫିକେଟ ପାଉଛନ୍ତି। ଶିକ୍ଷାକ୍ଷେତ୍ରରେ ଦୁର୍ନୀତି ହେଉନି ତ ? ଭାରତୀୟ ଜନତା ପାର୍ଟିର ସାଂସଦଙ୍କ ଦ୍ୱାରା ଜାଲି ସାର୍ଟିଫିକେଟ ରେକେଟ ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ନେବା ପାଇଁ ସରକାର ଉପରେ ଋପ ପକାଦିଆଯାଇଛି। ସ୍କେମ ର ପରଦାଫାସ ହେଲା ପରେ ଓଡିଶା ବାସୀଙ୍କ ପାଇଁ ଏହା ଏକ ଦୁଷ୍ଚିନ୍ତା ହୋଇଛି। ଏହି ଜାଲି ସାର୍ଟିଫିକେଟକୁ ଧରି ବିରୋଧୀ ଦଳ ସିବିଆଇ ଯାଞ୍ଚ ପାଇଁ ଦାବି କରିଛନ୍ତି। ବିରୋଧୀ ଦଳ ଜାଣିବାକୁ ଋହିଁଛନ୍ତି କି ଏହି ଜାଲି ସାର୍ଟିଫିକେଟର ଦୁର୍ନୀତିରେ ବିଜେଡି ର ହାତ ନାହି ତ ? ଆମେ ଆଗ ରୁ ଜାଲି ସାର୍ଟିଫିକେଟର ଦୁର୍ନୀତି ୟୁପି, ବିହାର ଏବଂ ଝାରଖଣ୍ଡରେ ହୋଇଥିବାର ଖବର ପାଇଛୁ କିନ୍ତୁ ବର୍ତ୍ତମାନ ଓଡିଶାରେ ପୋଷ୍ଟାଲ ଡିପାର୍ଟମେଣ୍ଟରେ ଋକିରି କରିବା ପୂର୍ବରୁ ୬୦ ଲୋକଙ୍କ ଭିତରୁ ୩୮ଜଣ ଜାଲି ସାର୍ଟିଫିକେଟ ଦେଇଛନ୍ତି ଏବଂ ବଲାଙ୍ଗିରର ଅନେକ ପ୍ରାଥୀ ୯୮ ରୁ ୯୯ମାର୍କ ରଖି କ୍ଲାସ ୧୦ପାସ କରିଛନ୍ତି। ଏହି ସମସ୍ତ ପ୍ରାଥୀମାନେ ଉତ୍ତର ପ୍ରଦେଶର ମାଧ୍ୟମିକ ଶିକ୍ଷା ପରିଷଦରୁ ପାସ କରିଛନ୍ତି। ସେମାନଙ୍କ ଭିତରୁ ୧୯ ଜଣ ଜାଲି ସାର୍ଟିଫିକେଟ ପାଇଁ ଗିରଫ ହୋଇଛନ୍ତି ଏବଂ ୧୦୦୦ରୁ ୫୦୦୦ଜଣଙ୍କ ସାର୍ଟିଫିକେଟ ସିଜ ହୋଇଛି। ଏହି ଘଟଣାକୁ ଧରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି କି ଏହା ଏକ ବଡ ସ୍କେମ ଏବଂ ଜାଲି ସାର୍ଟିଫିକେଟ ଦେଇଥିବା ଲୋକମାନଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ଯେଉଁ ଲୋକମାନେ ଏହି ସ୍କାମରେ ସମ୍ପୃକ୍ତ ତାଙ୍କୁ ମଧ୍ୟ ଗିରଫ କରାଯାଉ। ବିଭିନ୍ନ ଗଣମାଧ୍ୟମରେ ପ୍ରଶ୍ନ ଉଠିଛି ଯେ ବିନା ସ୍କ୍ରିନିଙ୍ଗରେ ଜାଲି ସାର୍ଟିଫିକେଟ ଦେଇଥିବା ପ୍ରାଥୀଙ୍କୁ କେମିତି ପୋଷ୍ଟାଲ ବିଭାଗରେ ଋକିରି ମିଳିଲା। ଏହା ପୂର୍ବରୁ ଅନେକ ଛାତ୍ର ଛାତ୍ରୀ ୧୦ମ ଶ୍ରେଣୀ ପାସ ନ କରିପାରି ଜାଲି ସାର୍ଟିଫିକେଟ କିଣି ଉପରେ କ୍ଲାସରେ ନୂତନ ଛାତ୍ର ରୂପେ ଯୋଗ ଦେବା ବିଭିନ୍ନ ଖବର କାଗଜରେ ଖବର ପ୍ରକାଶ ପାଇଛି। ଏହି ସାର୍ଟିଫିକେଟ ଦୁର୍ନୀତିକୁ ଧରି ପ୍ରଶ୍ନ ଉଠୁଛି କି ଜାଲି ସାର୍ଟିଫିକେଟ ତିଆରି କରୁଥିବା ଲୋକଙ୍କୁ କାହିଁକି ଆଜି ଯାଏଁ ଗିରଫ କରାଯାଇନି। ଏହି ସ୍କାମର ଚେର କେତେ ଯାଏଁ ଯାଇଛି ଏବଂ ଏହା ଦ୍ୱାରା ଲାଭବାନ କିଏ କିଏ ହେଉଛନ୍ତି।




**ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର ,**
**ଫୋନ ନମ୍ବର - ୭୨୦୫୧୦୦୮୩୯**

# ଭାରତ ଗସ୍ତରେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ




ନୂଆଦିଲ୍ଲୀ, ୪/୫ (ଏଜେନ୍ସି) : ଭାରତ ଗସ୍ତରେ ଆସିଛନ୍ତି ପାକିସ୍ତାନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ । ପାକିସ୍ତାନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଏକ ଭିଡିଓ ଟ୍ୱିଟ୍ କରି ଏହି ସୂଚନା ଦେଇଥିଲେ। ଗୋଆରେ ଆଜି ଓ ଆସନ୍ତାକାଲି ହେବାକୁ ଥିବା ସଂଘାଇ କୋଅପରେସନ୍ ଅର୍ଗାନାଇଜେସନ୍-SCO ସମ୍ମିଳନୀରେ ଯୋଗଦେବେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ । ଗୋଆରେ ଝଉଙ୍ଗ ବୈଦେଶିକ ମନ୍ତ୍ରୀ ସମ୍ମିଳନୀରେ ଯୋଗଦେବା ପାଇଁ ଭାରତରେ ଆସି ପହଞ୍ଚିଛନ୍ତି ରୁଷ ବିଦେଶ ମନ୍ତ୍ରୀ ସର୍ଗେଇ ଲାଭରୋଭ । ସେ ଆଜି ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ସାଂଘାଇ ସହଯୋଗ ସଂଗଠନ-ଝଉଙ୍ଗ ବିଦେଶ ମନ୍ତ୍ରୀ ବୈଠକରେ ଯୋଗଦେବା ପାଇଁ ସଦସ୍ୟ ରାଷ୍ଟ୍ରର ପ୍ରତିନିଧି ମାନେ ଭାରତରେ ପହଞ୍ଚିବାରେ ଲାଗିଛନ୍ତି । ଗୋଆରେ ଆଜି ଓ ଆସନ୍ତାକାଲି ଝଉଙ୍ଗ ବିଦେଶମନ୍ତ୍ରୀ ବୈଠକ ହେବ । ତେବେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ପାକ୍ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ କି ନାହିଁ ଜଣାପଡ଼ିନାହିଁ । ଚଳିତବର୍ଷ ଅନ୍ତର୍ଜାତୀୟ ଦୃଷ୍ଟିରୁ ଭାରତ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏବର୍ଷ ଭାରତ ଏ-୨୦ର ଅଧ୍ୟକ୍ଷତା କରିବା ସହିତ SCOର ମଧ୍ୟ ଅଧ୍ୟକ୍ଷତା କରୁଛି । ଗୋଆରେ ଅନୁଷ୍ଠିତ ଏହି ବୈଠକରେ ଚୀନ, ଉଜବେକିସ୍ଥାନ, କାଜାକସ୍ଥାନ, ତାଜିକିସ୍ଥାନ ଓ କିରଗିଜସ୍ଥାନର ବୈଦେଶିକ ମନ୍ତ୍ରୀ ମନ୍ତ୍ରୀ ଯୋଗଦେବେ।

## ଜାମ୍ମୁ କାଶ୍ମୀରର କିଶତୱାଡରେ ସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

ଶ୍ରୀନଗର, ୪/୫ (ଏଜେନ୍ସି) : ଜାମ୍ମୁ କାଶ୍ମୀରର କିଶତୱାଡରେ ଭାରତୀୟ ସେନାର ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି । କୁହାଯାଉଛି ଯେ ଭାରତୀୟ ସେନାର ତିନିଜଣ ଅଧିକାରୀ ଏଥିରେ ଥିଲେ । ଖବର ପାଇ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । କୁହାଯାଉଛି ଯେ ଏହି ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ସ୍ଥାନ ହେଉଛି କିଶତୱାଡରର ଦୁର୍ଗମ ଅଞ୍ଚଳ । ଗତ ଦୁଇ-ତିନି ଦିନ ହେବ ଏଠାରେ ମଧ୍ୟମ ଧରଣର ବର୍ଷା ହେଉଥିଲା । ତିନିଜଣ ସେନା ଅଧିକାରୀ ହେଲିକପ୍ଟରରେ ଯାଉଥିଲେ । ଭାରତୀୟ ସେନା ଦେଇଥିବା ପ୍ରାରମ୍ଭିକ ସୂଚନା ଅନୁଯାୟୀ, ସେନାବାହିନୀର ଇଖଏ ଧ୍ରୁବ୍ ହେଲିକପ୍ଟର ଚିନାବ ନଦୀରେ ପଡ଼ିଥିବା ଜଣାପଡିଛି । କୁହାଯାଉଛି ଯେ ଏହି ହେଲିକପ୍ଟରରେ ଦୁଇଜଣ ପାଇଲଟ୍ ଏବଂ ଜଣେ କମାଣ୍ଡିଂ ଅଫିସର ଥିଲେ ।

# ଜୁଲାଇରେ ଫେରିବ 'ଏଲ ନିନୋ', ବଢ଼ିବ ବିଶ୍ୱ ତାପମାତ୍ରା



ନୂଆଦିଲ୍ଲୀ ୪।୫ (ଏଜେନ୍ସି) : ଆଗାମୀ ଜୁଲାଇ ମାସରୁ ସମ୍ପୂର୍ଣ୍ଣ ବିଶ୍ୱକୁ ଭୀଷଣ ଉତାପର ସମ୍ମୁଖୀନ ହେବାକୁ ପଡିପାରେ। ସମୁଦ୍ରରେ 'ଏଲ ନିନୋ'ର ପ୍ରଭାବ ବିଶ୍ୱ ତାପମାତ୍ରା ବୃଦ୍ଧିର କାରଣ ହୋଇପାରେ। ସମୁଦ୍ରରେ ଏଲ ନିନୋ ପ୍ରଭାବ ଯୋଗୁ ଭୂମଧ୍ୟରେଖିଅ ପ୍ରଶାନ୍ତ ମହାସାଗର ଉଷ୍ମ ହେବାର ସମ୍ଭାବନା ଦେଖାଦେଇଛି, ଯାହାକୁ ଏଲ ନିନୋ ଗତିବିଧି ବୋଲି କୁହାଯାଉଛି। ଯାହାର ସମ୍ପର୍କ ଉଚ୍ଚ ବୈଶ୍ୱିକ ତାପମାତ୍ରା ସହିତ ନିହିତ। ଏହାର ପ୍ରଭାବ ଭାରତ ସମେତ ସମଗ୍ର ବିଶ୍ୱ ଉପରେ ପଡିବ। ପାଣିପାଗ ବିଶେଷଜ୍ଞ ଏଥି ଯୋଗୁ ବୈଶ୍ୱିକ ତାପମାତ୍ରାରେ ରେକର୍ଡ ବୃଦ୍ଧି ଦେଖା ଦେବା ସହ ଭାରତରେ ମୌସୁମୀକୁ ମଧ୍ୟ ପ୍ରଭାବିତ କରିବ ବୋଲି କହିଛନ୍ତି। ଜାତି ସଂଘ ବିଶ୍ୱ ପାଣିପାଗ ବିଜ୍ଞାନ ସଙ୍ଗଠନ (ଡବ୍ଲୁଏମଓ) ଏଲ ନିନୋ ପ୍ରଭାବ ଜୁଲାଇ ଶେଷ ବେଳକୁ ଅନୁଭୂତ ହେବ ବୋଲି ଆକଳନ କରିଛନ୍ତି। ଡବ୍ଲୁଏମଓଙ୍କ ଆକଳନ ଅନୁସାରେ ଜୁଲାଇରେ ଏଲ ନିନୋର ସମ୍ଭାବନା ୬୦ ପ୍ରତିଶତ ଥିବା ବେଳେ ସେପ୍ଟେମ୍ବର ଶେଷ ବେଳକୁ ୮୦ ପ୍ରତିଶତ ସମ୍ଭାବନା ରହିଛି। ଭାରତରେ ମୌସୁମୀ କାଳରେ ଏଲନିନୋର ସମ୍ଭାବନା ୭୦ ପ୍ରତିଶତ ପର୍ଯ୍ୟନ୍ତ ରହିବ। ଏଲ ନିନୋ ପ୍ରଭାବ ଅନୁଭୂତ ହେବା ସହ ଦୀର୍ଘ ଲା ନିନୋ ପ୍ରଭାବ ସମାପ୍ତ ହୋଇଯିବ। ୧୯୫୦ ମସିହା ପରେ ତୃତୀୟ ବାର ଏଲ ନିନୋ ପ୍ରଭାବ ଅନୁଭୂତ ହେବାକୁ ଯାଉଛି। ଯାହା ସାରା ବିଶ୍ୱକୁ ପ୍ରଭାବିତ କରିବ। ଏଲ ନିନୋ ଯୋଗୁ ବର୍ଷା, ଶୀତ ଓ ଗ୍ରୀଷ୍ମ ସବୁଥିରେ ଅନ୍ତର ଦେଖାଯିବ। ସମୁଦ୍ର ପୃଷ୍ଠର ତାପମାତ୍ରା ବୃଦ୍ଧି ଯୋଗୁ ଏହାର ପ୍ରଭାବରେ ଭାରତ ଓ ଅଷ୍ଟ୍ରେଲିଆରେ ମରୁଡି ଭଳି ପରିସ୍ଥିତି ଉପୁଜିବ। ଏଲ ନିନୋ ଯୋଗୁ ଫସଲ ଉତ୍ପାଦନ ମଧ୍ୟ ହ୍ରାସ ହେବ। ତାପମାତ୍ରାରେ ବୃଦ୍ଧି ସାଙ୍ଗକୁ ବର୍ଷା ସଂକଟ ପରିସ୍ଥିତିରେ ତୀବ୍ର ପରିବର୍ତ୍ତନ ହେବ। ଲଗାତାର ତୃତୀୟ ଥର 'ଲା ନିନା' ପ୍ରଭାବ ପରେ ଚଳିତ ବର୍ଷ ଏଲ ନିନୋ ସ୍ଥିତି ଉପୁଜିବାକୁ ଯାଉଛି। ଲା ନିନା ଏଲ ନିନୋର ବପିରୀତ ପରିସ୍ଥିତି ଯେଉଁଥିରେ ସମୁଦ୍ର ପୃଷ୍ଠ ଶୀତଳ ରହେ। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଗତ ସପ୍ତାହରେ ମୌସୁମୀ କାଳରେ ଏଲ ନିନୋ ପରିସ୍ଥିତି ଉପୁଜିପାରେ ବୋଲି କହିଥିଲେ। ଯାହାର ପ୍ରଭାବ ମୌସୁମୀର ଦ୍ୱିତୀୟ ଭାଗରେ ଅନୁଭବ କରାଯାଇପାରେ। ତେବେ ମହାପାତ୍ର କହିଥିଲେ ଯେ ୧୯୫-୨୦୨୨ ମଧ୍ୟରେ ଯେତେ ବର୍ଷ ଏଲ ନିନୋ ସକ୍ରିୟ ଥିଲା ସେ ସବୁ ବର୍ଷ ମୌସୁମୀ ଦୃଷ୍ଟିରୁ ଖରାପ ନଥିଲା। ଏହି ସବୁ ବର୍ଷରୁ ୧୫ ବର୍ଷ ଏଲ ନିନୋର ପ୍ରଭାବ ଥିଲା। ଏଥିରେ ୬ ଥର ସ୍ୱାଭାବିକରୁ ଅଧିକ ବର୍ଷା ହୋଇଥିଲା ବୋଲି କହିଛନ୍ତି।

## ଅଜୟ ବାଙ୍ଗା ହେବେ ବିଶ୍ୱ ବ୍ୟାଙ୍କ୍ ଅଧ୍ୟକ୍ଷ

ନୂଆଦିଲ୍ଲୀ, ୩/୫ (ଏଜେନ୍ସି) : ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ହେବେ ମାଷ୍ଟରକାର୍ଡର ପୂର୍ବତନ ସିଇଓ ଏବଂ ଭାରତୀୟ ବଂଶୋଦ୍ଭବ ଅଜୟ ବାଙ୍ଗା। ବୁଧବାର ବିଶ୍ୱ ବ୍ୟାଙ୍କର ୨୫ ଜଣିଆ କାର୍ଯ୍ୟନିର୍ବାହୀ ବୋର୍ଡ ଅଜୟ ବାଙ୍ଗାଙ୍କ ନାମରେ ମୋହର ମାରିଛନ୍ତି। ଜୁନ୍ ୨ ତାରିଖ ଠାରୁ ସେ ଏହି ପଦ ସମ୍ଭାଳିବେ। ବାଙ୍ଗା ବିଶ୍ୱ ବ୍ୟାଙ୍କର ବର୍ତ୍ତମାନର ଅଧ୍ୟକ୍ଷ ଡେଭିଡ୍ ମାଲପାସ୍‌ଙ୍କ ସ୍ଥାନ ନେବେ। ଗତ ଫେବୃଆରୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ପଦ ପାଇଁ ଅଜୟ ବାଙ୍ଗାଙ୍କୁ ମନୋନୀତ କରିଥିଲେ । ବାଇଡେନ କହିଥିଲେ ଯେ ଇତିହାସର ସବୁଠୁ ଜଟିଳ ସମୟରେ ଏହି ବିଶ୍ୱ ସଂସ୍ଥାର ନେତୃତ୍ୱ ନେବା ପାଇଁ ବାଙ୍ଗା ହେଉଛନ୍ତି ସବୁଠୁ ଯୋଗ୍ୟ ବ୍ୟକ୍ତି । ଜଳବାୟୁ ପରିବର୍ତ୍ତନ ପରି ପ୍ରସଙ୍ଗର ସମାଧାନ କ୍ଷେତ୍ରରେ ତାଙ୍କର ଅଭିଜ୍ଞତାକୁ ରାଷ୍ଟ୍ରପତି ଜୋ ବାଇଡେନ ମଧ୍ୟ ପ୍ରଶଂସା କରିଥିଲେ। କିଏ ଅଜୟ ବାଙ୍ଗା ?୧୯୫୯ ନଭେମ୍ବର ୧୦ରେ ପୁଣେରେ ଜନ୍ମ ଗ୍ରହଣ କରିଥିବା ଅଜୟ ବାଙ୍ଗା ବର୍ତ୍ତମାନ ଜେନେରାଲ ଅଟଲାଣ୍ଟିକର ଉପାଧ୍ୟକ୍ଷ ଅଛନ୍ତି ।

# ଦୁର୍ଘଟଣାରେ ଗଲିଗଲା ୧୧ ଜୀବନ

ଛତିଶଗଡ ୪/୫ (ଏଜେନ୍ସି) : ଛତିଶଗଡରେ ମର୍ମନ୍ତୁଦ ଦୁର୍ଘଟଣା । ବୋଲେରୋ ସହ କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ଗୋଟିଏ ପରିବାରର ୧୧ ଜଣଙ୍କ ମୃତ୍ୟୁ । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଘଟଣାସ୍ଥଳରେ ହିଁ ପରିବାର ଲୋକଙ୍କ ଜୀବନ ଗଲିଯାଇଥିଲା । ମୃତକଙ୍କ ମଧ୍ୟରେ ୧୦ ଜଣ ଗୋଟିଏ ପରିବାରର । ତେବେ ଦୁଃଖ ଓ ପରିତାପର ବିଷୟ ଏମାନଙ୍କ ମଧ୍ୟରେ



ଗୋଟିଏ ଦେଢ ବର୍ଷର ଶିଶୁ ଅଛି । ଘଟଣା ଘଟିଛି ଚଥିଗଡ କାଙ୍କେର ଜାତୀୟ ରାଜପଥ ଜଗତରା ନିକଟରେ ଘଟିଛି । କୁହାଯାଉଛି, ପରିବାର ସମସ୍ତ ସଦସ୍ୟ ଘମତରୀ ସୌରମ ଗାଁକୁ ବୋଲେରୋ ଯୋଗେ ଯାଉଥିଲେ। ବିବାହ ଉତ୍ସବକୁ ଯୋଗଦେବାକୁ ପରିବାର ଲୋକ ଯାଉଥିଲେ । ତେବେ ହଠାତ୍ ଟ୍ରକ୍ ସହ ପିଟିହୋଇଥିଲା ବୋଲେରୋ । କେହି କିଛି ବୁଝିବା ପୂର୍ବରୁ ନିମିଷକେ ହୋଇଯାଇଥିଲା ଓଲଟପାଲଟ । ଘଟଣାସ୍ଥଳରେ ହିଁ ୧୦ ଜଣଙ୍କ ମୃତ୍ୟୁ ହୋଇଥିଲା । ଜଣେ ଗୁରୁତର ଶିଶୁ ଥିଲେ । ସଂଗେ ସଂଗେ ତାଙ୍କୁ ହସ୍ପିଟାଲ ନିଆଯାଉଥିଲା । କିନ୍ତୁ ହସ୍ପିଟାଲ ଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା ଯ ସେପଟେ ଘଟଣା ଜଣାପଡିବା ପରେ ମୁଖ୍ୟମନ୍ତ୍ରୀ ଭୂପେଶ ସିଂହ ବଘେଲ ଦୁଃଖପ୍ରକାଶ କରିଛନ୍ତି । ଟ୍ୱିଟ୍ କରି କହିଛନ୍ତି ମୁଁ ଦିବଂଗତଙ୍କ ଅମର ଆତ୍ମାର ସଦଗତି କାମନା କରୁଛି ।

# ନିମ୍ନ ଅଦାଲତ ଯିବା ପାଇଁ କୁସ୍ତିଯୋଦ୍ଧାଙ୍କୁ କହିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୪।୫ (ଏଜେନ୍ସି) : କୁସ୍ତି ମହାସଂଘର ଅଧ୍ୟକ୍ଷ ବ୍ରଜିଭୂଷଣ ଶରଣ ସିଂଙ୍କ ବିରୋଧରେ ପୁଣି ଥରେ ସୁପ୍ରିମକୋର୍ଟ ପହଞ୍ଚିଥିବା କୁସ୍ତିଯୋଦ୍ଧାଙ୍କୁ ନିମ୍ନ ଅଦାଲତ ଯିବା ପାଇଁ ସର୍ବୋଚ୍ଚ ଅଦାଲତ କହିଛନ୍ତି । ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କ ପୀଠ କହିଛନ୍ତି ଯେ ଏଫଆଇଆର ରୁଜୁ ପାଇଁ ଆପଣଙ୍କ ଦାବି ଥିଲା, ଯାହା ପୂରଣ ହୋଇଛି । ସୁପ୍ରିମକୋର୍ଟ କହିଛନ୍ତି ଯେ ଏବେ ଯଦି ଆପଣଙ୍କ ଦାବି ଅଛି ତେବେ ମାଜିଷ୍ଟ୍ରେଟ୍ କୋର୍ଟ କିମ୍ବା ହାଇକୋର୍ଟ ଯାଇପାରିବେ । ଏହାସହ ସୁପ୍ରିମକୋର୍ଟ ନିଜ ପାଖରେ ମାମଲାକୁ ବନ୍ଦ କରିଛନ୍ତି । ଏହାପରେ କୁସ୍ତିଯୋଦ୍ଧାଙ୍କ ପାଖରେ ନିମ୍ନ ଅଦାଲତ ଯିବାର ବିକଳ୍ପ ରହିଛି । ମହିଳା ରେସଲରଙ୍କ ପକ୍ଷରୁ ଯୁକ୍ତି ରଖି ଆଇନଜୀବୀ ନରେନ୍ଦ୍ର ହୁଡ୍ଡା ଶୁଣାଣି ସମୟରେ କହିଥିଲେ ଯେ ସୁପ୍ରିମକୋର୍ଟ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ତଦନ୍ତର ନୀରକ୍ଷଣ ଦାୟିତ୍ୱ ଦିଆଯିବା ଦରକାର । ସେ କହିଥିଲେ, 'ଦିଲ୍ଲୀ ପୋଲିସର ବ୍ୟବହାରକୁ ଦେଖନ୍ତୁ । ଏଥିରେ ମୋର କୌଣସି ସନ୍ଦେହ ନାହିଁ ଯେ ଯଦି ଶୁଣାଣି ଏଠାରେ ବନ୍ଦ ହୁଏ ତେବେ ପୋଲିସ ତଦନ୍ତକୁ ଶିଥିଳ କରିବ'। ଏହା ଉପରେ ସୁପ୍ରିମକୋର୍ଟ ରହିଥିଲେ ଯେ ଆମ ଆଦେଶରେ ଆପଣଙ୍କୁ ହାଇକୋର୍ଟ କିମ୍ବା ମାଜିଷ୍ଟ୍ରେଟଙ୍କ ନିକଟରୁ ଯିବାକୁ ବିକଳ୍ପ ଦିଆଯାଇଛି । ପୀଠ କହିଥିଲେ, 'ଆମ ପାଖରେ ଥିବା ସୂଚନା ଅନୁସାରେ ଏଫଆଇଆର ରୁଜୁ ପାଇଁ ଆବେଦନ ହୋଇଥିଲା । ଆମେ ଏହା କହୁନୁ ଯେ ମାମଲା ନୀରକ୍ଷଣ ପାଇଁ ଯୋଗ୍ୟ ନୁହେଁ । କିନ୍ତୁ ଏଥିପାଇଁ ଆପଣ ହାଇକୋର୍ଟ ଯାଇପାରିବେ'। ଦିଲ୍ଲୀର ଜନ୍ତରମନ୍ତରରେ ଧାରଣାରେ ମହିଳା କୁସ୍ତିଯୋଦ୍ଧା ସୁପ୍ରିମକୋର୍ଟ କହିଛନ୍ତି, 'ଏଠାରେ ଆବେଦନ ଦାଖଲର ଉଦ୍ଦେଶ୍ୟ ପୂରଣ ହୋଇଛି । ରେସଲରଙ୍କ ଦାବି ଉପରେ ଏଫଆଇଆର ରୁଜୁ ହୋଇଛି ଏବଂ ସେମାନଙ୍କୁ ସୁରକ୍ଷା ମଧ୍ୟ ଦିଆଯାଉଛି । ବର୍ତ୍ତମାନ ଆମେ ଏହି କେସକୁ ଏଇଠି ବନ୍ଦ କରୁଛୁ । ଯଦି ଆବେଦନକାରୀ ଅଧିକ କିଛି ଚାହୁଁଛନ୍ତି ତେବେ ସେମାନେ ମାଜିଷ୍ଟ୍ରେଟ୍ କିମ୍ବା ହାଇକୋର୍ଟରେ ଆବେଦନ କରିପାରିବେ'। ଉଲ୍ଲେଖଯୋଗ୍ୟ ଯେ ବ୍ରିଜଭୂଷଣ ସିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି କୁସ୍ତିଯୋଦ୍ଧାମାନେ ପୁଣି ଥରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ଘୋର ଆର୍ଥିକ ସଙ୍କଟରେ ଗୋ ଫାଷ୍ଟ, ମେ ୯ ପର୍ଯ୍ୟନ୍ତ ରଦ୍ଦ କଲା ସବୁ ଉଡ଼ାଣ

ନୂଆଦିଲ୍ଲୀ, ୪/୫ (ଏଜେନ୍ସି) : ଆର୍ଥିକ ସଙ୍କଟର ସାମ୍ନା କରୁଥିବା ଗୋ ଫାଷ୍ଟ ଏବେ ମେ ୯ ତାରିଖ ପର୍ଯ୍ୟନ୍ତ ଏହାର ସବୁ ଉଡ଼ାଣ ରଦ୍ଦ କରିଛି। ଏନେଇ ଏୟାରଲାଇନ୍ ଟ୍ୱିଟ୍ କରି ସୂଚନା ଦେଇଛି। ତେବେ ବିମାନ ରଦ୍ଦ ଯୋଗୁଁ ଯାତ୍ରୀଙ୍କୁ ହେଉଥିବା ଅସୁବିଧାକୁ ନେଇ ଦୁଃଖ ପ୍ରକାଶ କରିଛି କମ୍ପାନୀ। ଏହା ସହ ଏୟାର ଲାଇନ୍ ଆଗରୁ ଟିକେଟ୍ ବୁକ୍ କରିଥିବା ସବୁ ଯାତ୍ରୀଙ୍କ ଟଙ୍କା ଫେରସ୍ତ କରିବା ନେଇ ମଧ୍ୟ କହିଛି। ସୂଚନାଥାଉକି, ମେ ୩ରୁ ତିନି ଦିନ ଧରି ଉଡ଼ାଣ ବନ୍ଦ କରିବା ନେଇ ଘୋଷଣା କରିଥିଲା। କିନ୍ତୁ ଏବେ ଏହି ସମୟକୁ ମେ ୯ ପର୍ଯ୍ୟନ୍ତ ବଢ଼ାଇଛି। ଗୋ ଫାଷ୍ଟ ଡଜିସିଏକୁ କହିଛି ଯେ ଏୟାରଲାଇନ ମେ ୧୫ ପର୍ଯ୍ୟନ୍ତ ଟିକେଟ ବିକ୍ରି ସସପେଣ୍ଡ କରିଛି। ଏମିତିରେ କୁହାଯାଉଛି ଯେ ମେ ୧୫ ପର୍ଯ୍ୟନ୍ତ ଉଡ଼ାଣ ରଦ୍ଦ ହୋଇପାରେ। ସେହିପରି ଡିଜିସିଏ ଗୋ ଫାଷ୍ଟକୁ ଉଡ଼ାଣ ରଦ୍ଦ ହେବା ପରେ ଖୁବ୍‌ଶୀଘ୍ର ଯାତ୍ରୀଙ୍କ ଟଙ୍କା ଫେରସ୍ତ କରିବାକୁ କହିଛି। ଗୋ ଫାଷ୍ଟକୁ ରାଷ୍ଟ୍ରୀୟ କମ୍ପାନି ବିଧି ନ୍ୟାୟଧିକରଣ (ଏନସିଏଲଟି)ରୁ ମଧ୍ୟ ନିରାଶା ମିଳିଛି। ଏନସିଏଲଟି ଗୋ ଫାଷ୍ଟର ଯାଚିକା ଉପରେ ଶୁଣାଣି କରି ଅନ୍ତରୀଣ ଆଶ୍ୱସ୍ତି ଦେବାକୁ ମନା କରିଛନ୍ତି। ଗୋ ଫାଷ୍ଟ ଏନସିଏଲଟିରେ




ଅପିଲ୍ କରିଥିଲା ଯେ, ବିମାନ ଲିଜ୍ରେ ଦେଇଥିବା କମ୍ପାନୀଙ୍କୁ ବିମାନ ଫେରାଇ ନେବାରୁ ମନା କରିବା ଏବଂ ଡଜିସିଏକୁ କେଣସି କାର୍ଯ୍ୟାନୁଷ୍ଠାନ କରିବାରୁ ରୋକିବା ନେଇ ଅପିଲ୍ କରିଥିଲା। ୱାଡିଆ ମାଲିକାନାରେ ଥିବା ଗୋ ଫାଷ୍ଟ ଉପରେ ୧୧,୪୬୩ କୋଟିର ବକେୟା ରହିଛି। ତେବେ ଏନସିଏଲଟି ଆଇବିସି ଅନୁଯାୟୀ ଏଭଳି କୌଣସି ନିୟମ ନଥିବା କହି ଅନ୍ତରୀଣ ଆଶ୍ୱସ୍ତି ଦେବାକୁ ମନା କରିଥିଲେ।

# ୟୁପି ଏସଟିଏଫ୍ ଏନକାଉଣ୍ଟରରେ ଗ୍ୟାଙ୍ଗଷ୍ଟର ଅନିଲ ଦୁଜାନା ମୃତ

ନୂଆଦିଲ୍ଲୀ, ୪/୫ (ଏଜେନ୍ସି) : କୁଖ୍ୟାତ ଗ୍ୟାଙ୍ଗଷ୍ଟର ଅନିଲ୍ ଦୁଜାନା ଓରଫ୍ ଅନିଲ୍ ନାଗର ପୋଲିସ୍ ଏନକାଉଣ୍ଟରରେ ମୃତ। ମେରଠରେ ଏସଟିଏଫ ଏନକାଉଣ୍ଟରରେ ଦୁଜାନାର ମୃତ୍ୟୁ ହୋଇଛି। ଗ୍ରେଟର ନୋଏଡାର ବାଦଲପୁର ଥାନା ଅଞ୍ଚଳରେ ଦୁଜାନା ଗ୍ୟାଙ୍ଗଷ୍ଟର ଥିଲେ। ନେପାଳ ପଳାଇଯିବାକୁ ଯୋଜନା କରୁଥିଲା ଦୁଜାନା। ତେବେ ଏହାରି ମଧ୍ୟରେ ଜଣାପଡ଼ିଥିଲା ଯେ ଗାଜିଆବାଦରେ କୌଣସି ବଡ଼ ଘଟଣା ଘଟାଇବାକୁ ଯାଉଛ। ଦୁଜାନାର ମୃତ୍ୟୁ ୟୁପି ଏସଟିଏଫ୍ ପାଇଁ ବଡ଼ ସଫଳତା କୁହାଯାଉଛି। କୁହାଯାଉଛି ଦୁଜାନା ସହଯୋଗୀଙ୍କ ସହ ମିଶି କୌଣସି ବଡ଼ ଯୋଜନା କରୁଥିଲା। ତେବେ ଏସଟିଏଫ ମେରଠ ୟୁନିଟ୍ ଘେରାବନ୍ଦୀ କରିଥିଲେ। ଦୁଜାନା



ଉପରେ ୧୮ ହତ୍ୟା ୬୨ ଗୁରୁତର ଅପରାଧିକ ମାମଲା ରୁଜୁ ହୋଇଛି। କୁଖ୍ୟାତ ଅପରାଧୀ ଅନିଲ୍ ଦୁଜାନା ଅନେକ ସମୟରୁ ଦିଲ୍ଲୀର ତିହାଡ଼ ଜେଲ୍ରେ ବନ୍ଦୀ ଥିଲା। ତେବେ ଜାମିନ୍ରେ ବାହାରକୁ ଆସିବା ପରେ ଜୟଚନ୍ଦ୍ର ପ୍ରଧାନ ମର୍ଡର କେସରେ ତାଙ୍କ ପତ୍ନୀ ଏବଂ ସାକ୍ଷୀଙ୍କୁ ଧମକାଇଥିଲା। ଏହା ପରେ ଉଚ୍ଚ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେବା ସହ ଅନିଲ ଦୁଜାନା ବିରୋଧରେ ଜତ ସପ୍ତାହରେ ୨ ମାମଲା ରୁଜୁ କରିଥିଲା। ଦୁଜାନାର ଗିରଫ ପାଇଁ ନୋଏଡା ପୋଲିସର ସ୍ୱତନ୍ତ୍ର ଟିମ୍ ଏବଂ ଏସଟିଏଫ୍ ଟିମ୍ ଗିରଫ ପାଇଁ ଲାଗିଥିଲେ। କୁହାଯାଉଛି ଯେ ଗତ କିଛି ଦିନ ମଧ୍ୟରେ ୭ ଟିମ୍ ୨୦ରୁ ଅଧିକ ସ୍ଥାନରେ ଲଗାତାର ଚଢ଼ଉ କରିଥିଲା।

# ଦି କେରଳ ଷ୍ଟୋରୀ : ରିଲିଜ୍ ପୂର୍ବରୁ ତାମିଲ୍ନାଡୁରେ ହାଇଆଲର୍ଟ

ମୁମ୍ବାଇ, ୪।୫ (ଏଜେନ୍ସି) : ସୁଦୀପ୍ତୋ ସେନଙ୍କ ଫିଲ୍ମ ଦ କେରଳ ଷ୍ଟୋରୀ। ଏହା ରିଲିଜ ହେବା ପୂର୍ବରୁ ମଧ୍ୟ ବିବାଦରେ ଛନ୍ଦି ହୋଇଯାଇଛି। ଅନେକ ରାଜନୈତିକ ଦଳ ଚଳଚ୍ଚିତ୍ରକୁ ବିରୋଧ କରୁଛନ୍ତି। ଚଳଚ୍ଚିତ୍ରର ଟ୍ରେଲରରେ ଦାବି କରାଯାଇଛି ଯେ କେରଳରୁ ନିଖୋଜ ହୋଇଯାଇଥିବା ୩୨,୦୦୦ ଝିଅଙ୍କୁ ସିରିଆ ପଠାଇ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ କରାଯାଇଛି। ଟ୍ରେଲରରେ ଏପରି ଅନେକ ଦୃଶ୍ୟ ଅଛି ଯାହା ଆପଣଙ୍କୁ ଚକିତ କରିଦେବ। ଏହି ଚଳଚ୍ଚିତ୍ରକୁ ନେଇ ବିବାଦ ବଢୁଥିବା ବେଳେ ବର୍ତ୍ତମାନ ଫିଲ୍ମ ରିଲିଜ ହେବା ପୂର୍ବରୁ ତାମିଲନାଡୁରେ ଏକ ହାଇ ଆଲର୍ଟ ଜାରି କରାଯାଇଛି। ଖବର ଅନୁଯାୟୀ, ବିବାଦୀୟ ଚଳଚ୍ଚିତ୍ର ଦି କେରଳ ଷ୍ଟୋରୀ ରିଲିଜ ହେବାର ଗୋଟିଏ ଦିନ ପୂର୍ବରୁ ତାମିଲନାଡୁ ହାଇ ଆଲର୍ଟରେ ହୋଇଛି। ଖବର ପ୍ରକାଶ ପାଇଛି ଯେ ଫିଲ୍ମ ରିଲିଜ ହେବା ସମୟରେ କିଛି ଗୋଷ୍ଠୀ ବିରୋଧ ପ୍ରଦର୍ଶନ କରିପାରନ୍ତି। ଯାହାର ବାର୍ତ୍ତା ସୋସିଆଲ ମିଡିଆରେ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଏକ ସତର୍କ ସୂଚନା ଜାରି କରାଯାଇଛି। କେତେକ ଇସଲାମ ଗୋଷ୍ଠୀ ମଧ୍ୟ ଫିଲ୍ମ ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରି ପୋଲିସ ନିକଟକୁ ଯାଇଛନ୍ତି। କିନ୍ତୁ ସରକାର ଏହାକୁ ବନ୍ଦ କରୁନାହାଁନ୍ତି। ଏପରିକି କେରଳ ମଧ୍ୟ ଏହା ଉପରେ ପ୍ରତିବନ୍ଧକ ଲଗାଇ ନାହିଁ । ଏହି କାରଣରୁ କର୍ତ୍ତୃପକ୍ଷ ସମସ୍ତ ଏଜେନ୍ସିକୁ ହାଇ ସଜାଗ ରହିବାକୁ କହିଛନ୍ତି।

# ସବୁଠୁ ଧନୀ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ




ନ୍ୟୁୟର୍କ ୪/୫ (ଏଜେନ୍ସି) : ୩୮ ବର୍ଷୀୟ ପର୍ତ୍ତୁଗାଲ ଫରୱାର୍ଡ କ୍ରିଷ୍ଟିଆନୋ ରୋନାଲ୍ଡୋ ୨୦୨୩ରେ ବିଶ୍ୱର ସବୁଠାରୁ ଧନୀ ଖେଳାଳି । ୨୦୧୭ ମସିହା ପରେ ସେ ପୁଣି ବର୍ଷର ସବୁଠାରୁ ଦାମୀ ଖେଳାଳି ତାଲିକାର ଶୀର୍ଷ ସ୍ଥାନକୁ ଫେରିଛନ୍ତି । ଫୋର୍ବସ ରିପୋର୍ଟ ଆଧାରରେ, ରୋନାଲ୍ଡୋ ଗତ ବର୍ଷକ ମଧ୍ୟରେ ୧୩୬ ମିଲିୟନ ଡଲାର ରୋଜଗାର କରିଛନ୍ତି । ଅଲ୍ ନାସର କ୍ଲବ୍ ସହ ଚୁକ୍ତି କଲା ପରେ ସେ ବିଶ୍ୱର ସର୍ବାଧିକ ରୋଜଗାରିଆ କ୍ରୀଡ଼ାବିତ ହୋଇପାରିଛନ୍ତି । ଅଲ ନାସର ତାଙ୍କୁ ବର୍ଷକୁ ୨୦୦ ମିଲିୟନ ୟୁରୋ ଦେବା ପାଇଁ ଚୁକ୍ତି କରିଛି । ଏ ଚୁକ୍ତି ୨୦୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ । ରୋନାଲ୍ଡୋଙ୍କ ପରେ ସର୍ବାଧିକ ରୋଜଗାରିଆ ଖେଳାଳି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନା ଦଳର ଅଧିନାୟକ ଲିଓନେଲ ମେସି । ତାଙ୍କର ବାର୍ଷିକ ରୋଜଗାର ୧୩୦ ମିଲିୟନ ଡଲାର । ତୃତୀୟ ଫୁଟବଲ ଖେଳାଳି ଭାବେ କିଲିୟାନ ଏମବାପେ ତୃତୀୟ ସ୍ଥାନରେ ଅଛନ୍ତି । ତାଙ୍କର ବାର୍ଷିକ ରୋଜଗାର ହେଉଛି ୧୨୦ ମିଲିୟନ ଡଲାର । ଟେନିସ ଭେଟେରାନ ରୋଜର ଫେଡେରର ଏହି ତାଲିକାରେ ନବମ ସ୍ଥାନରେ ଅଛନ୍ତି । ସେ ବର୍ଷକୁ ୯୫ ମିଲିୟନ ଡଲାର ପାଉଛନ୍ତି । ସେମିତି ଶ୍ରେଷ୍ଠ ୧୦ ଜଣ କ୍ରୀଡ଼ାବିତଙ୍କ ତାଲିକାର ଚତୁର୍ଥ ସ୍ଥାନରେ ଲେବ୍ରନ ଜେମ୍ସ (ବାସ୍କେଟବଲ) ଅଛନ୍ତି । ତାଙ୍କର ବାର୍ଷିକ ରୋଜଗାର ୧୧୯.୫ ମିଲିୟନ ଡଲାର । ପଞ୍ଚମ ସ୍ଥାନରେ ଅଛନ୍ତି ବକ୍ସର କାନେଲୋ ଆଲଭାରେଜ (୧୧୦ ମିଲିୟନ ଡଲାର), ଷଷ୍ଠ ସ୍ଥାନରେ ଗଲ୍ଫର ଜଷ୍ଟିନ ଜନସନ (୧୦୭ ମିଲିୟନ ଡଲାର), ସପ୍ତମ ସ୍ଥାନରେ ଗଲ୍ଫର ଫିଲ ମିକେଲସନ (୧୦୬ ମିଲିୟନ ଡଲାର), ଅଷ୍ଟମ ସ୍ଥାନରେ ଷ୍ଟିଫେନ କରି (୧୦୦.୪ ମିଲିୟନ ଡଲାର) ଏବଂ ଦଶମ ସ୍ଥାନରେ ବାସ୍କେଟବଲ ଖେଳାଳି କେଭିନ ଡୁରା□ (୮୯.୧ ମିଲିୟନ ଡଲାର) ରହିଛନ୍ତି ।

# ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ୭ ମହିଳା



ନୂଆଦିଲ୍ଲୀ, ୪।୫ (ଏଜେନ୍ସି) : ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ୭ ମହିଳା କୁସ୍ତିଯୋଦ୍ଧା। କୋର୍ଟରେ ଏକ ବନ୍ଦ ଲଫାଫାରେ ସତ୍ୟପାଠ ଦାଖଲ କରିବାକୁ ମହିଳା କୁସ୍ତି ଯୋଦ୍ଧାମାନେ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ବ୍ରିଜ ଭୂଷଣ ଶରଣ ସିଂହଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିବା ମହିଳା ରେସଲର ବୁଧବାର କୋର୍ଟରେ ଏଭଳି ନିବେଦନ କରିଛନ୍ତି। ଏପ୍ରିଲ ୨୮ ତାରିଖରେ ଭାରତୀୟ କୁସ୍ତି ସଂଘର ପୂର୍ବତନ ଅଧ୍ୟକ୍ଷ ବ୍ରିଜ ଭୂଷଣ ଶରଣ ସିଂହଙ୍କ ବିରୋଧରେ ମାମଲା ରୁଜୁ କରିଥିଲା ଦିଲ୍ଲୀ ପୁଲିସ୍। ଏନେଇ ଦିଲ୍ଲୀ ପୁଲିସ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଇଥିଲେ ସରକାରୀ ଓକିଲ ତୁଷାର ମେହେଟ୍ଟା। ବୁଧବାର କୁସ୍ତି ଯୋଦ୍ଧାଙ୍କ ଓକିଲ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଓ ଜଷ୍ଟିସ୍ ପିଏସ୍ ନରସିହ୍ମାଙ୍କ ଖଣ୍ଡପୀଠଙ୍କ ସାମ୍ନାରେ ସେମାନଙ୍କ କଥା ରଖିଛନ୍ତି। ବନ୍ଦ ଲଫାପାରେ ସତ୍ୟପାଠ ଦାଖଲ କରିବାକୁ କୋର୍ଟଙ୍କୁ ନିବେଦନ କରିଛି। ଆସନ୍ତାକାଲି ଏହାର ଶୁଣାଣି ହେବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ସଲିସିଟର ଜେନେରାଲଙ୍କ ପାଖରେ ତଥ୍ୟ ଶେୟାର କରିବାକୁ କୌଣସି ସମସ୍ୟା ନାହିଁ ହେଲେ ଲୋକଙ୍କ ପାଖକୁ ତଥ୍ୟ ନ ଯାଉ ବୋଲି ସେ କହିଛନ୍ତି। ଅନ୍ୟପଟେ ତୁଷାର ମେହେଟ୍ଟା କହିଛନ୍ତି ଯେ ମାମଲାର ତଦନ୍ତ ଚାଲିଛି। ତେଣୁ କୁସ୍ତି ଯୋଦ୍ଧାମାନେ ଯାହା କହିବାକୁ ଚାହୁଁଛନ୍ତି ସେମାନେ ତଦନ୍ତକାରୀ ଅଫିସରଙ୍କୁ କହିବା ଦରକାର।

# ଜାତିଭିତ୍ତିକ ଜନଗଣନା ଉପରେ ରହିତାଦେଶ ଲଗାଇଲେ ପାଟନା ହାଇକୋର୍ଟ



ପାଟନା, ୪।୫ (ଏଜେନ୍ସି) : ବିହାରରେ ଜାତିଭିତ୍ତିକ ଜନଗଣନା ଉପରେ ରହିତାଦେଶ ଲଗାଇଲେ ପାଟନା ହାଇକୋର୍ଟ। ଗୁରୁବାର ଏ ସମ୍ପର୍କିତ ମାମଲାରେ ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବିହାର ସରକାର ରାଜ୍ୟରେ ଜାତିଭିତ୍ତିକ ଗଣନା ଆରମ୍ଭ କରିଦେଇଛନ୍ତି। ହେଲେ ବିଜେପି ଏହାକୁ ବିରୋଧ କରିଛି। ରାଜ୍ୟ ସରକାରଙ୍କର ଜାତିଭିତ୍ତିକ ଜନଗଣନା କରିବାରେ କୌଣସି ଅଧିକାର ନାହିଁ । କେବଳ କେନ୍ଦ୍ର ସରକାର ଏହି ସର୍ଭେ କରିପାରିବେ ବୋଲି ବିଜେପି କହିଛି। ଏନେଇ ହୋଇଥିବା ଏକାଧିକ ଆବେଦନର ଗୁରୁବାର ଶୁଣାଣି କରିଥିଲେ ପାଟନା ହାଇକୋର୍ଟ। ଜଷ୍ଟିସ୍ କେ, ବିନୋଦ ଚନ୍ଦ୍ର ଓ ଜଷ୍ଟିସ ମଧୁରେଶ ପ୍ରସାଦଙ୍କ ଖଣ୍ଡପୀଠ ବିହାର ସରକାରଙ୍କର ଜାତିଭିତ୍ତିକ ଜନଗଣନା ଉପରେ ରହିତାଦେଶ ଲଗାଇଛନ୍ତି। ଏନେଇ ଜେତିକି ଜନଗଣନା ତଥ୍ୟ ନିଆଯାଇଛି, ପରବର୍ତ୍ତି ରାୟ ନଆସିବା ପର୍ଯ୍ୟନ୍ତ ସେସବୁ ଗୁପ୍ତ ରଖାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୩ ତାରିଖରେ ପରବର୍ତ୍ତ ଶୁଣାଣି ହେବ।

# ଆଇଆଇଏମ୍‌ସିରେ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆରମ୍ଭ

## ଆବେଦନର ଶେଷ ତାରିଖ ମେ ୨୨



ଢେଙ୍କାନାଳ, ୪।୫ (ଶ୍ରୁମି.) : ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ଓଡ଼ିଆ, ଉର୍ଦ୍ଦୁ, ମରାଠୀ ଓ ମାଲାୟଲମ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୩-୨୪ ଶିକ୍ଷା ବର୍ଷରେ ନାମଲେଖା ପାଇଁ ଇଚ୍ଛୁକ ଶିକ୍ଷାର୍ଥୀମାନେ ମେ ୨୨ ତାରିଖ ପୂର୍ବରୁ ଆବେଦନ କରିପାରିବେ। ଆଇଆଇଏମ୍‌ସିର ୱେବ୍‌ସାଇଟ୍ www.iimc.gov.inରେ ଆବେଦନ ପତ୍ର ଉପଲବ୍ଧ ରହିଛି। ଜୁନ ୧୮ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସଂସ୍ଥାନ ପକ୍ଷରୁ ସୂଚନା ଦିଆଯାଇଛି। ଆଇଆଇଏମ୍‌ସିର ଆଡ୍‌ମିଶନ ଇନ୍‌ଚାର୍ଜ ପ୍ରଫେସର ରାକେଶ କୁମାର ଗୋସ୍ୱାମୀ କହିଛନ୍ତି, ଆଇଆଇଏମ୍‌ସି ଢେଙ୍କାନାଳରେ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା, ନୂଆଦିଲ୍ଲୀ କ୍ୟାମ୍ପସ୍‌ରେ ଉର୍ଦ୍ଦୁ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା, କୋଟ୍ଟାୟମ୍ କ୍ୟାମ୍ପସ୍‌ରେ ମାଲାୟଲମ୍ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ଓ ଅମରାବତୀ କ୍ୟାମ୍ପସ୍‌ରେ ମରାଠୀ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ଏସବୁ ପାଠ୍ୟକ୍ରମରେ ନାମଲେଖା ପାଇଁ ଜୁନ ୧୮ ତାରିଖ ପୂର୍ବାହ୍ନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପ୍ରବେଶିକା ପରୀକ୍ଷାରେ ସାଧାରଣ ଜ୍ଞାନ ସହ ଗଣମାଧ୍ୟମ ଓ ଗଣ ଯୋଗାଯୋଗ ସମ୍ପର୍କିତ ପ୍ରଶ୍ନ ଆସିବ। ସେହିପରି ଜୁନ୍ ୩୦ରେ ପ୍ରବେଶିକା ପରୀକ୍ଷାର ଫଳାଫଳ ବାହାରିବାର ଅଛି। ତା'ପରେ ନାମଲେଖାର ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ ହେବ। ପ୍ରଫେସର ଗୋସ୍ୱାମୀ ଆହୁରି କହିଛନ୍ତି, ଯେଉଁ ପ୍ରାର୍ଥୀମାନେ ମଞ୍ଜୁରୀପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ କୌଣସି ବିଷୟରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି ସେମାନେ ଏହି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିପାରିବେ। ସେହିପରି ସ୍ନାତକ ଶେଷ ବର୍ଷ ବା ଶେଷ ସେମିଷ୍ଟରର ଶିକ୍ଷାର୍ଥୀମାନେ ମଧ୍ୟ ଆବେଦନ କରିପାରିବେ। ଯଦି ସେମାନେ ନାମଲେଖା ପାଇଁ ଚୟନ ହୁଅନ୍ତି, ତେବେ ସେମାନଙ୍କୁ ୨୦୨୩ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟରୁ ଅରିଜିନାଲ ପ୍ରୋଭିଜିନାଲ୍ ମାର୍କ-ସିଟ୍ ବା ସାର୍ଟିଫିକେଟ୍ ଦେବାକୁ ହେବ। ଆଇଆଇଏମ୍‌ସି କାର୍ଯ୍ୟାଳୟରେ ଯାଞ୍ଚ ପାଇଁ ଅରିଜିନାଲ୍ ଡିଗ୍ରୀ ସାର୍ଟିଫିକେଟ୍ ଯଦି ଦାଖଲ କରନ୍ତି, ତେବେ ସେମାନଙ୍କୁ ଡିପ୍ଲୋମା ଉପାଧି ପ୍ରଦାନ କରାଯିବ ନହେଲେ ସେମାନଙ୍କ ନାମଲେଖାକୁ ଗ୍ରହଣ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ୧୯୯୩ ମସିହାରେ ଭାରତୀୟ ଜନ ସଞ୍ଚାର ସଂସ୍ଥାନର ପ୍ରଥମ ଶାଖା ଢେଙ୍କାନାଳରେ ଖୋଲିଥିଲା। ସେହିଦିନଠାରୁ ଢେଙ୍କାନାଳ କ୍ୟାମ୍ପସ୍‌ରେ ଇଂରାଜୀ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ସେହିପରି ୨୦୦୧-୨୦୦୨ ଶିକ୍ଷାବର୍ଷଠାରୁ ପ୍ରଥମ ଆଞ୍ଚଳିକ ଭାଷା ଭାବେ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ଦିଆହୋଇ ଆସୁଛି। ଏହାସହ ବିଭିନ୍ନ ସମୟରେ ସୂଚନା ସେବା ଅଧିକାରୀ ଓ ଲୋକସମ୍ପର୍କ ଅଧିକାରୀଙ୍କ ପାଇଁ ମଧ୍ୟ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରୁଛି ସଂସ୍ଥାନ। ଦେଶର ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ଆଇଆଇଏମ୍‌ସିର ଏକ ଉଲ୍ଲେଖନୀୟ ଭୂମିକା ରହିଛି। ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ଶିକ୍ଷାର୍ଥୀମାନେ ଦେଶ ବିଦେଶର ବିଭିନ୍ନ ସ୍ଥାନରେ ଗଣ ଯୋଗାଯୋଗ, ଗଣମାଧ୍ୟମ, ଲୋକସମ୍ପର୍କ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନରେ କାର୍ଯ୍ୟ କରୁଛନ୍ତି।

# ନିର୍ବାଚନକୁ କେନ୍ଦ୍ର କରି ପ୍ରାର୍ଥୀ ଓ ସମର୍ଥକଙ୍କୁ ଆକ୍ରମଣ ଅଭିଯୋଗ:

ରମ୍ଭା, ୪/୫ (ଶ୍ରୁ.ମି) : ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ଗ୍ରାମ ପଞ୍ଚାୟତ ଅଧିନସ୍ଥ ଖଜରାପଲ୍ଲୀ ଗ୍ରାମରେ ନିର୍ବାଚନକୁ କେନ୍ଦ୍ର କରି ପ୍ରାର୍ଥୀ ଓ ସମର୍ଥକଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଉଭୟ ସମର୍ଥକ ଓ ପ୍ରାର୍ଥୀଙ୍କ ପକ୍ଷରୁ ହୁମ୍ମା ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି । ଗତ ମଙ୍ଗଳବାର ଦିନ ଖଜରାପଲ୍ଲୀ ଗ୍ରାମରେ ନିର୍ବାଚନ ହୋଇଥିଲା । ସେହି ଗ୍ରାମର ଅଭିଯୋଗକାରୀ ତଥା ଭୋଟର ଶିବରାମ ଗୌଡ଼(୪୮) ଭୁବନେଶ୍ୱରରୁ ଖଜରାପଲ୍ଲୀ ଭୋଟ ମତଦାନ କରିବା ପାଇଁ ନିଜ ଗ୍ରାମକୁ ଆସିଥିଲେ । ସେଦିନ ଭୋଟ ମତଦାନ କାର୍ଯ୍ୟକ୍ରମ ଶେଷ ହେବା ପରେ ଶିବରାମ ହୁମ୍ମା ରେଲୱେ ଷ୍ଟେସନକୁ ଟିକେଟ କାଟିବାକୁ ଗଲା ବେଳେ ଷ୍ଟେସନ ନିକଟସ୍ଥ ବରଗଛ ନିକଟରେ ତିନି ଅସାମାଜିକ ବ୍ୟକ୍ତି ନିର୍ବାଚନ କେନ୍ଦ୍ରକରି ବିଭିନ୍ନ ମାରଣାତ୍ମକ ଅସ୍ତ୍ର ସାହାର୍ଯ୍ୟରେ ଆକ୍ରମଣ ଉଦ୍ୟମ କରିଥିଲେ । ଭୋଟର ମତଦାନ କରିଥିବା ପ୍ରାର୍ଥୀ କିଶୋର ମହାଙ୍କୁଡ଼ ଭୋଟ ଦେବା ଯୋଗୁଁ ଏହି ଆକ୍ରମଣ ଉଦ୍ୟମ ହୋଇଥିବା ଅଭିଯୋଗକାରୀ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ।

# ସୁନ୍ଦରଗଡ ସମ୍ବାଦ...

## ସଡ଼କ ଦୂର୍ଘଟଣାରେ ଜଣେ ଗୁରୁତର



ନୂଆଁଗା, ୪।୫ (ଶ୍ରୁ.ମି) : ହାତିବାଡି ଥାନା ଅଞ୍ଚଳର ନୂଆଁଗା ଫାଣ୍ଡି ଅଧିନରେ ଥିବା ଦାରିଲେତା ଗ୍ରାମ ପଞ୍ଚାୟତର ଗୁଦୁଗୁଦା ଗ୍ରାମ ନିକଟରେ ହୋଇଥିବା ଏକ ସଡ଼କ ଦୂର୍ଘଟଣାରେ ଜଣେ ବାଇକ ଚାଳକ ଗୁରୁତର ଭାବେ ଆହତ ହୋଇ ତଳେ ପଡିଥିଲେ । ଖବର ପାଇ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିବାବେଳେ ଦୂର୍ଘଟଣା କରିଥିବା ଗାଡିକୁ ଅଟକ ରଖି ତଦନ୍ତ ଚଳାଇଛି ।

## ଡାହାଣୀ ଆକ୍ଷେପକୁ ନେଇ ଦୁଇ ପକ୍ଷ ମାଡପିଟ୍

ବିଶ୍ରା, ପାନପୋଷ ଉପଖଣ୍ଡ ଅଞ୍ଚଳରେ ଥିବା ବିଶ୍ରା ଥାନା ଅଞ୍ଚଳର ସୋରଡା ଗ୍ରାମର ଆମ୍ବଟୋଲିରେ ରହୁଥିବା ଜୈନିକ ମହିଳାଙ୍କୁ ସେହି ଗ୍ରାମର ବାସିନ୍ଦା ଗଣେଷ ପ୍ରଧାନ ଡାହାଣିଟୋଲି ଆକ୍ଷେପ କରିବାରୁ ସଂପୃକ୍ତ ମହିଳା ଏହାର ପ୍ରତିବାଦ କରିଥିଲେ । ଫଳରେ ଉଭୟଙ୍କ ମଧ୍ୟରେ କଥାକଟାକଟି ହେବା ସହ ମାଡପିଟ ପର୍ଯ୍ୟନ୍ତ କଥା ଯାଇଥିଲା । ଫଳରେ ମହିଳା ଜଣଙ୍କ ଆହତ ହୋଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ପରେ ଏନେଇ ପୀଡିତା ମହିଳାଙ୍କ ଝିଅ ଏବଂ ଗଣେଷଙ୍କ ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତି କରି ଥାନାରେ ଦୁଇଟି କେସ ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି ।

## ବିରଳ ପ୍ରଜାତିର ପେଚା ଉଦ୍ଧାର



ବଣେଇଗଡ, ବଣେଇଗଡ ବନଖଣ୍ଡ ଅଞ୍ଚଳରେ ଥିବା ସାପ୍ତାହିକ ବଜାରରେ ଥିବା ଏକ ଗଛରେ ଏକ ବିରଳ ପ୍ରଜାତିର ପେଚା ବସିଥିବା ଦେଖି ଲୋକମାନେ ବନବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ପେଚାଟିକୁ ଉଦ୍ଧାର କରିବା ପରେ ତାର ଡେଣାରେ ଆଘାତ ଲାଗିଥିବା ଜଣାପଡିଥିଲା । ଆହତ ପେଚାକୁ ବନବିଭାଗ ନିଜ ପାଖରେ ରଖି ଚିକିତ୍ସା କରାଇଥିଲେ ସୁସ୍ଥ ହେଲେ ପେଚାକୁ ନନ୍ଦନକାନନକୁ ପଠାଯିବ ବୋଲି ଜଣାପଡିଛି ।

## ସର୍ବସାଧାରଣରେ ଆତଙ୍କ ସୃଷ୍ଟି କରି ୨ ଗିରଫ

ରାଉରକେଲା, ପ୍ଲାଣ୍ଟସାଇଟ ଥାନା ଅଞ୍ଚଳ ଦେଇ ନଲାରୋଡ ନିକଟରେ ଥିବା ହସନପୁର ଗଳିରେ ରହୁଥିବା ମହମ୍ମଦ ହନିସ ଏବଂ ମହମମଦ ସୋହେଲ କୁରେସୀ ନଜିର ୪/୫ ଜଣ ସାଙ୍ଗମାନଙ୍କ ସହ ମିଶି ପାଖରେ ଥିବା ଆଜାଦ ମହଲ୍ଲାକୁ ଯାଇ ସର୍ବସାଧାରଣରେ ଗାଳିଗୁଲଜ କରିବା ସହ ଆତଙ୍କ ସୃଷ୍ଟି କରିଥିଲେ । ଏମାନଙ୍କ ଆତଙ୍କରେ ଜୟଦା ଖାଁ ନାମକ ଜଣେ ଯୁବକ ସାମାନ୍ୟ ଆହତ ହୋଇଥିଲେ । ପରେ ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨ ଜଣ ଅଭିଯୁକ୍ତକୁ ଗିରଫ କରିବା ସହ ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଚେଷ୍ଟା ଚଳାଇଛି ।

## ଟ୍ରକ ଚାଳକକୁ ଆକ୍ରମଣ ଅଭିଯୋଗ

ରାଜଗାଙ୍ଗପୁର, ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଥିବା ପାଟିଗେଟ ନିକଟରେ ଥିବା ପେଟ୍ରୋଲପମ୍ପ ନିକଟରେ ଥିବା ନିଜ ଟ୍ରକକୁ ବୁଲାଉଥିବାବେଳେ ପଛପଟୁ ଏକ ବାଇକ ଆସୁଥିବା ୩ ଜଣ ଯୁବକ ସାଇଟ ଦେବାକୁ ନେଇ ଟ୍ରକ ଚାଳକ ମହମ୍ମଦ ସମିମ ସହ ଯୁକ୍ତିତର୍କ କରିବା ସହ ଏକ ଛୁରୀରେ ଆକ୍ରମଣ କରିବାରୁ ଟ୍ରକ ଚାଳକ ସମିମ ଆହତ ହୋଇଥିଲେ । ଏନେଇ ଥାନାରେ ଖବର ଦେବା ପରେ ପୋଲିସ ପହଞ୍ଚି ଆହତ ସମିମକୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନକୁ ନେବା ସହ ଏକ କେସ ରୁଜୁ କରି ତଦନ୍ତ ଚଳାଇଛି ।

## ବଣେଇଗଡ ଉପଖଣ୍ଡରେ ହାତୀ ଆତଙ୍କ

ବଣେଇଗଡ, : ବଣେଇଗଡ ଉପଖଣ୍ଡ ଅଞ୍ଚଳରେ ଥିବା ପୁଡିଆଲି ଗ୍ରାମରେ ଗତକାଲି ହାତୀପଲ ଆସି ଉତ୍ପାତମ ମଚାଇଥିଲେ । ଫଳରେ ଗ୍ରାମରେ ରହୁଥିବା ଲକ୍ଷ୍ମୀ କିଷାନଙ୍କ ଘର ଭାଙ୍ଗି ଯାଇଥିବାବେଳେ ଘରେ ରଖାଯାଇଥିବା ଧାନ ଓ ଚାଉଳକୁ ହାତୀମାନେ ଖାଇଦେଇଥିଲେ । ଖବର ପାଇ ବନବିଭାଗର କର୍ମଚାରୀମାନେ ପହଞ୍ଚି କ୍ଷୟକ୍ଷତିର ଅନୁଧ୍ୟାନ କରୁଥିବା ଜଣାପଡିଛି ।

## ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସଂପର୍କ ଅଭିଯୋଗ

ରାଜଗାଙ୍ଗପୁର, ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଥିବା କୁଟୁନିଆ ଗ୍ରାମ ପଞ୍ଚାୟତର ରନ୍ଥୁପଡାରେ ରହୁଥିବା ମନୀଷ କୁମାର ନାମକ ଜଣେ ଯୁବକ କୁତ୍ରା ଥାନା ଅଞ୍ଚଳରେ ରହୁଥିବା ଜୈନିକା ଯୁବତୀକୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସଂପର୍କ ରଖଥିଲେ । ଦୀର୍ଘ ୨ ବର୍ଷ ଧରି ସଂପର୍କ ରଖିବା ପରେ ବର୍ତ୍ତମାନ ଯୁବକ ଜଣଙ୍କ ବିବାହ ପାଇଁ ମନା କରି ଦେବାରୁ ନ୍ୟାୟ ପାଇଁ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲଣ କରିଥିବା ଜଣାପଡିଛି ।

# ରେଳ ରାଷ୍ଟ୍ରମନ୍ତ୍ରୀଙ୍କ ଦ୍ୱାରା ଖଲିକୋଟ ରେଳ ଷ୍ଟେସନ ନୀରିକ୍ଷଣ

### *ଷ୍ଟେସନରେ ଆବଶ୍ୟକ ଯାତ୍ରୀ ସୁବିଧା ଯୋଗାଇବା ପାଇଁ ରେଳ ଅଧିକାରୀଙ୍କୁ ପରାମର୍ଶ*



ଭୁବନେଶ୍ୱର, ୪।୫ (ଶ୍ରୁ.ମି) : ମାନ୍ୟବର କେନ୍ଦ୍ର ରେଳ ଏବଂ ବୟନଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଦର୍ଶନା ଜର୍ଦୋଷ ଆଜି ଖଲିକୋଟ ରେଳ ଷ୍ଟେସନ ନିରୀକ୍ଷଣ କରି ଷ୍ଟେସନରେ ଯୋଗାଇ ଦିଆଯାଇଥିବା ଯାତ୍ରୀଙ୍କ ସୁବିଧା ସମ୍ବନ୍ଧରେ ରେଳ ଅଧିକାରୀଙ୍କୁ ପଚାରି ବୁଝିଥିଲେ ଲୋକମାନଙ୍କର ସୁବିଧା ପାଇଁ ବିଶେଷ କରି ଯାତ୍ରୀମାନଙ୍କୁ ଟ୍ରେନ୍ ଓ ଷ୍ଟେସନ ଠାରେ ଆବଶ୍ୟକୀୟ ସୁବିଧା ଯୋଗାଇବା ପାଇଁ ସେ ରେଳ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ଏହା ବ୍ୟତୀତ ମାନ୍ୟବର ମନ୍ତ୍ରୀ ଷ୍ଟେସନରେ ଚାଲିଥିବା ବିଭିନ୍ନ ଭିତ୍ତିଭୂମି କାର୍ଯ୍ୟ ସମ୍ବନ୍ଧରେ ମଧ୍ୟ ପଚାରି ବୁଝିଥିଲେ ।

# ବନ୍ୟପ୍ରାଣୀ ଆକ୍ରମଣ ଜନିତ ମୃତ୍ୟୁ ଅନୁକମ୍ପା ରାଶି ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ରାଜ୍ୟସଭା ସାଂସଦ



ବଲାଙ୍ଗିର ୪।୫ (ଶ୍ରୁମି.) : ବନ୍ୟପ୍ରାଣୀ ଙ୍କ ଦ୍ୱାରା କ୍ଷୟ କ୍ଷତି ସହୁଥିବା ଲୋକଙ୍କ ପାଇଁ ରାଜ୍ୟ ସରକାର ସହାୟତା ରାଶି ବୃଦ୍ଧି କରିଛନ୍ତି । ମନୁଷ୍ୟ ଏବଂ ବନ୍ୟପ୍ରାଣୀ ସଂଘର୍ଷ ରେ ମୃତ୍ୟୁ ମୁଖରେ ପଡୁଥିବା ଲୋକଙ୍କ ନିକଟ ଆତ୍ମୀୟ ମିଳୁଥିବା ଅନୁକମ୍ପା ରାଶି ୪ ଲକ୍ଷରୁ ୬ ଲକ୍ଷକୁ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରିଛନ୍ତି । ଅନୁରୂପ ଭାବରେ ଗୃହ ପାଳିତ ପଶୁ ଙ୍କ ମୃତ୍ୟୁ, ବନ୍ୟ ପ୍ରାଣୀ ଦ୍ୱାରା ଫସଲ ନଷ୍ଟ ଆହତ ଙ୍କୁ ଦିଆଯାଉଥିବା ସହାୟତା ରାଶି ମଧ୍ୟ ବୃଦ୍ଧି କରାଯାଇଛି । ୬୦%ରୁ ଅଧିକ ଅକ୍ଷମତା କ୍ଷେତ୍ରରେ ମିଳିବ ଅଢ଼େଇ ଲକ୍ଷ ଟଙ୍କା ସେହିପରି ୬୦%ରୁ କମ୍ ଅକ୍ଷମତା କ୍ଷେତ୍ରରେ ସହାୟତା ମିଳିବ ଦେଢ଼ଲକ୍ଷ ଟଙ୍କା ଏବଂ ଗାଈ, ମଇଁଷି, ବଳଦଙ୍କ ମୃତ୍ୟୁ ପାଇଁ ବି ସହାୟତା ରାଶି ବୃଦ୍ଧି କରାଯାଇଛି ଅର୍ଥାତ ଗାଈ, ମଇଁଷିର ମୃତ୍ୟୁ ହେଲେ ମିଳିବ ୩୭ ହଜାର ୫୦୦ ଟଙ୍କା,ବଳଦ ମୃତ୍ୟୁ ପାଇଁ ୩୨ ହଜାର, ବାଛୁରୀ ପାଇଁ ୫ ହଜାର ମିଳିବ,ଛେଳି ମେଣ୍ଢାଙ୍କ ପାଇଁ ୪ ହଜାର, ଛେଳିମେଣ୍ଢା ଛୁଆ ମୃତ୍ୟୁ ପାଇଁ ୧୫୦୦ ଟଙ୍କା ବୃଦ୍ଧି କରାଯାଇଛି, ଯାହାକି ସାରା ଦେଶରେ ପ୍ରଥମ ଘଟଣା । ମୁଖ୍ୟମନ୍ତ୍ରୀ ଙ୍କ ଏଭଳିଆ ଜନକଲ୍ୟାଣକାରି ଯୋଜନା ସାରା ଦେଶ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ରାଜ୍ୟସଭା ସାଂସଦ ତଥା ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବ[illegible]ନ ବିଭାଗ ର ସଂସଦୀୟ ସ୍ଥାୟୀ କମିଟି ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଙ୍କୁ କୃତଜ୍ଞତା ଜଣାଇଛନ୍ତି।

## *ମହିନ୍ଦ୍ରା ପିକଅପ୍ ଖଇର କାଠ ସହିତ ଜବତ ୧ ଗିରଫ*

*ବଲାଙ୍ଗିର ୪।୫ (ଶ୍ରୁ.ମି) : ଗତକାଲି ୨ ମଇ ୨୦୨୩ ରେ ଶ୍ରୀ ସୁଧୀର ଜେନା, ଫରେଷ୍ଟର, ରାଜେନ୍ଦ୍ର ଧରୁଆ, ଫୋରେଷ୍ଟ ଗାର୍ଡ, ପିତାମ୍ବର ମାଝୀ, ଫୋରେଷ୍ଟ ଗାର୍ଡ, ଏବଂ ହରିଶଙ୍କର ବନ୍ୟଜନ୍ତୁ ସୁରକ୍ଷା ସ୍କ୍ୱାଡ଼ ଶ୍ରୀ ଗିରିଧାରୀ ନାଗ, ରେଞ୍ଜ ଅଧିକାରୀଙ୍କ ନିର୍ଦ୍ଦେଶରେ ଏକ ମହିନ୍ଦ୍ରା ପିକଅପ୍ ଓ ଆର ୦୩ ସି ୨୫୫୬ ଜବତ କରିଥିଲେ ଏଥିରେ ଖଇର କାଠ ଡୁଡକିପାଦର ଗାଁ ନିକଟରେ ଜବତ କରିଥିଲେ ଗାଁ ରାମପୁରର ଜଣେ ଅଭିଯୁକ୍ତ ଶ୍ରୀ ସରଜୁ ମେହେରଙ୍କୁ ଗିରଫ କରାଯାଇଛି ଏବଂ ଜବତ ସାମଗ୍ରୀକୁ ଅଧିକ ତଦନ୍ତ ପାଇଁ ରେଞ୍ଜ କାର୍ଯ୍ୟାଳୟ ପରିସରକୁ ଅଣାଯାଇଛି । ବନବିଭାଗ ଅଧିକାରୀ କହିଛନ୍ତି ଆମେ ସମସ୍ତ ନାଗରିକଙ୍କୁ ସଜାଗ ରହିବାକୁ ଅନୁରୋଧ କରୁଛୁ ଏବଂ ଏପରି ସନ୍ଦେହଜନକ କାର୍ଯ୍ୟକଳାପକୁ କର୍ତ୍ତୃପକ୍ଷଙ୍କୁ ଜଣାନ୍ତୁ ।*

# ଜଗତଗୁରୁ ସଙ୍କରାଚାର୍ଯ୍ୟଙ୍କ ରାଜକନିକା ଗସ୍ତନେଇ ପ୍ରସ୍ତୁତି ବୈଠକ



ରାଜକନିକା-୪/୫ (ଶ୍ରୁମି.) :-ପୁରୀ ଗୋବର୍ଦ୍ଧନ ପୀଠାଧିସ ଜଗତ ଗୁରୁ ସଙ୍କରା ଚର୍ଯ୍ୟ ଙ୍କ ରାଜକନିକା ଦଶଭଗରିଆ ଠାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇ ଯାଇଛି.। ସୂଚନା ମୁତାବକ ଦଶଭଗରିଆ ଗାଁରେ ନିର୍ମାଣ ହୋଇଥିବା ମହାଦେବ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଗତ ୧ ମେ ଦିନ ପୁରୀରୁ ଆଜ୍ଞାମାଳ ଆଣିବା ପରେ ଜଗତଗୁରୁଙ୍କ ରାଜକନିକା ଦଶଭଗାରିଆ ଗସ୍ତକୁ ନେଇ ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ଏହି ବୈଠକରେ ଗୋବର୍ଦ୍ଧନ ପୀଠରୁ ସ୍ୱତନ୍ତ୍ର ପାଞ୍ଚ ଜଣିଆ ଟିମ ପହଁଚି ଗୁରୁଜୀ ଙ୍କର ଆଗମନ ନେଇ ଥିବା ବିଧି ନିୟମ ଓ ସରକାରୀ ବିଧି ବ୍ୟବସ୍ଥା ଉପରେ ଆଲୋଚନା କରିବା ପରେ ଏହି ସୂଚନା କେନ୍ଦ୍ର ଗୃହ ବିଭାଗକୁ ପଠାଇ ଅନୁମତି ଆଣିବା ପରେ ରାଜ୍ୟ,ଜିଲ୍ଲା ପ୍ରଶାସନ ଓ ପୋଲିସ ଅନୁମତି ଅନୁମୋଦନ ହେବାପରେ ଆସନ୍ତା ଫେବ୍ରୁଆରୀ ମାସରେ ଜଗତଗୁରୁଙ୍କ ଆଗମନ କୁ ଧାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି । ତେବେ ଜଗତଗୁରୁଙ୍କ ଆଗମନ କୁ ନେଇ ରାଜକନିକା ଅଞ୍ଚଳରେ ଆନନ୍ଦ ଉତ୍ସାହ ଦେଖିବାକୁ ମିଳିଛି। ତେବେ ଆଜିର ଏହି ପ୍ରସ୍ତୁତି ବୈଠକ ରେ ରାଜକନିକା ଧର୍ମ ରକ୍ଷା ସେନା ର ସଂଯୋଜକ ମଦନ ମୋହନ ସେଠି ଳ, ଦିଲୀପ ପରିଡା ଓ ସଦଶ୍ୟ, ଗ୍ରାମର ରଞ୍ଜନ ରାଉତ, ହରିହର ରାଉତ, ଶ୍ୟାମସୁନ୍ଦର ବେହେରା, ସୁକାନ୍ତ ପଲାଇ ଙ୍କ ସମେତ ଗ୍ରାମର ଏକାଧିକ ଲୋକ ସାମିଲ ଥିବା ଦେଖା ଯାଇଥିଲା । ଗୋବର୍ଧନ ପୀଠର ସ୍ୱତନ୍ତ୍ର ଟିମ କୁ ଭଜନ କୀଳାୟର୍ତ୍ତନ ଓ ହରିବୋଲ ହୁଳହୁଳି ରେ ପାଛୋଟି ନେଇଥିଲେ ଗାଁ ଲୋକେ।

# ବିଦ୍ୟୁତ ଫାନ୍ଦ ଧରା ଯାଇ ବନ୍ୟଜନ୍ତୁ ଓ ବନ କର୍ମଚାରୀ ମାନଙ୍କୁ ବିପଦ ରୁ ରକ୍ଷା କରାଗଲା

ବଲାଙ୍ଗିର ୪।୫ (ଶ୍ରୁମି.) : ଲୋଇସିଂହା ରେଞ୍ଜ କର୍ମଚାରୀ ଏବଂ ବୈଦ୍ୟୁତିକ କର୍ମଚାରୀଙ୍କ ମିଳିତ ପାଟ୍ରୋଲିଂ ସମୟରେ ବନ୍ୟଜନ୍ତୁକୁ ଫାନ୍ଦରେ ପକାଇବା ଏବଂ ଶିକାର କରିବା ପାଇଁ ଲୋଇସିଂହା ରେଞ୍ଜର ଗାଁ ଦାସପାଲି ନିକଟରେ ଟ୍ରାନ୍ସମିସନ ଲାଇନ ସହିତ ବେଆଇନ ଭାବେ ସଂଯୋଗ ହୋଇଥିବା ବୈଦ୍ୟୁତିକ ତାର ପାଇଥିବାର ଦେଖିବାକୁ ପାଇଥିଲେ। ଏହି ବର୍ବର କାର୍ଯ୍ୟ କେବଳ ଆମର ମୂଲ୍ୟବାନ ବନ୍ୟଜନ୍ତୁଙ୍କ ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରେ ନାହିଁ ବରଂ ଆମ ଜଙ୍ଗଲ ଅଧିକାରୀଙ୍କ ସୁରକ୍ଷା ପାଇଁ ମଧ୍ୟ ଘୋର ବିପଦ ସୃଷ୍ଟି କରେ।

# *ରମ୍ଭାରେ ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି*

*ରମ୍ଭା, ୩/୫ (ଶ୍ରୁମି.) : ରମ୍ଭାରେ ଐତିହାସିକ ଚନ୍ଦନ ଯାତ୍ରା ଚଳିତ ମାସ ୭ ତାରିଖ ଠାରୁ ଆରମ୍ଭ ହେବାକୁ ଯାଉଛି । ଏହି ଯାତ୍ରା ପ୍ରତିବର୍ଷ ବୈଶାଖ ମାସ ପୂର୍ଣ୍ଣିମା ୫ ଦିନ ପରେ ଏହି ପର୍ବ ଚନ୍ଦନ ଯାତ୍ରା ହୋଇଥାଏ । ଏହି ପ୍ରସିଦ୍ଧ ଐତିହାସିକ ଚନ୍ଦନ ଯାତ୍ରା ଦୁଇ ପାର୍ଟି ମଧ୍ୟରେ ହୋଇଥାଏ ଯଓଡ଼ିଆ ପାର୍ଟି ଓ କରଣ ପାର୍ଟି ମଧ୍ୟରେ ଏହାର ପ୍ରଥମ ଶୁଭାରମ୍ଭ ସଂକେତ ଦେଇଥାଏ । ନିଜ ନିଜ ପାର୍ଟି ପକ୍ଷରୁ ଶୋଳ ଶଗଡ଼ ଅଣାଯାଇ ସେହି ସୁଲ ଶଗଡ଼ ଅଣାଯିବା ପରେ ମୃଦଙ୍ଗ ,ଗିନି, ଢୋଲ ,ଘଣ୍ଟ ତୋରି ଶଙ୍ଖନାଦ ସହ ରମ୍ଭା ସହର ପରିକ୍ରମା କରାଯାଇଥାଏ । ସେହିପରି ଚଳିତ ବର୍ଷ ପ୍ରଥମେ ଓଡ଼ିଆ ପାର୍ଟି ପକ୍ଷରୁ ଶୋଳ ଶଗଡ଼ ସହର ପରିକ୍ରମା ପରେ ନିଜ ପାର୍ଟି ପକ୍ଷରୁ ଯାତ୍ରାର ଆୟୋଜନ ପାଇଁ ସଜବାଜ ନିର୍ଦ୍ଧାରଣ ହୋଇଥାଏ ଯସେହିପରି କରଣ ପାର୍ଟି ପକ୍ଷରୁ ଗତ ମଙ୍ଗଳବାର ଦିନ ଶୋଳ ଶଗଡ଼ ସହର ପରିକ୍ରମା କରାଯାଇଥିଲା । ଏହି ଐତିହାସିକ ଚନ୍ଦନ ଯାତ୍ରା ଆସନ୍ତା ସାତ ଦିନ ଧରି ଲାଗି ରହିବ ।*

# *ଝାରସୁଗୁଡା ଉପ ନିର୍ବାଚନରେ ହିଂସା*

## ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କୁ ଫେରାଦ ହେଲା ବିଜେପି



ଝାରସୁଗୁଡା / ଭୁବନେଶ୍ୱର, ୪/୫ (ଏଜେନ୍ସି) : କୁଶାସନ କାରଣରୁ ୨୩ବର୍ଷର ନବୀନ ସରକାରଙ୍କଠାରୁ ମୁହଁ ଫେରାଉଛନ୍ତି ଓଡିଶାବାସୀ । ନିରାଶ ଏବଂ ହତାସ ହୋଇ ବିଜୁ ଜନତା ଦଳ ଗୋଟିଏ ପରେ ଗୋଟିଏ ଭୁଲ କରିଚାଲିଛି । ନିର୍ବାଚନରେ ଯେଣତେଣ ଭାବେ ଭୋଟ ହାତେଇବା ପାଇଁ ସରକାରୀ କଳ ଓ ବଳକୁ ବ୍ୟବହାର କରି ଶାସକ ବିଜେଡି ସମସ୍ତ ପ୍ରକାରର ଆଇନ ଉଲ୍ଲଂଘନ କରିଚାଲିଛି । ନିର୍ବାଚନ ହାରିବା ଭୟରେ ଗତ କିଛି ବର୍ଷ ହେବ ବିରୋଧୀଙ୍କ ଉପରେ ହିଂସା କାର୍ଯ୍ୟକଳାପକୁ ମୁଖ୍ୟ ଅସ୍ତ୍ର ଭାବେ ଆୟୁଧ କରି ନିର୍ବାଚନୀ ସଫଳତା ପାଇବାର ପ୍ରୟାସ ଆରମ୍ଭ କରିଦେଇଥିବା ଶାସକ ବିଜେଡି ଚଳିତ ଝାରସୁଗୁଡା ଉପନିର୍ବାଚନରେ ମଧ୍ୟ ଅବିକଳ ପନ୍ଥା ଆପାଣାଇଛି । ଗତ କାଲି ଗୋଟିଏ ଦିନରେ ଦଳୀୟ ପ୍ରାର୍ଥୀ ଶ୍ରୀ ଟଙ୍କଧର ତ୍ରିପାଠୀଙ୍କ ଉପରେ ଶାସକ ବିଜେଡିର କର୍ମୀମାନଙ୍କ ଦ୍ୱାରା ଦୁଇ ଦୁଇ ଥର ଢେଲା, ପଥର ଓ ଅଣ୍ଡା ଦ୍ୱାରା ଆକ୍ରମଣ କରାଯିବା ଘଟଣା ଶାସକ ବିଜେଡିର ହିଂସାତ୍ମକ ମନୋଭାବକୁ ପୁଣି ଥରେ ପ୍ରମାଣିତ କରିଛି । ଏପରିକି ତାଙ୍କ ସହ ପ୍ରଚାର କରୁଥିବା ସୁନ୍ଦରଗଡ ବିଧାୟିକା ତଥା ତାରକା ପ୍ରଚାରକ ଶ୍ରୀମତୀ କୁସୁମ ଟେଟେଙ୍କୁ ମଧ୍ୟ ଆକ୍ରମଣ କରାଯିବା ସହିତ ତାଙ୍କ ଗାଡିକୁ ଭାଙ୍ଗିରୁଜି ଦିଆଯାଇଥିଲା । ସ୍ଥାନୀୟ ଲଇକେରା ଥାନାରେ ଏତଲା ଦେବା ପାଇଁ ଯାଇଥିବା ଜନଜାତି ସଂପ୍ରଦାୟର ଶ୍ରୀମତୀ ଟେଟେଙ୍କ ଅଭିଯୋଗ ଆଧାରରେ ଏଫଆଇଆର ମଧ୍ୟ ରୁଜୁ କରାଯାଇନଥିଲା । ଥାନାରେ ନିଜ ସମର୍ଥକଙ୍କ ସହ ଥିବାବେଳେ ଶ୍ରୀମତୀ ଟେଟେଙ୍କୁ ବିଜେଡି କର୍ମୀମାନେ ଅତ୍ୟନ୍ତ ଅଭଦ୍ର ଆଚରଣ କରିବା ସହିତ ବନ୍ଧୁକ, ଖଣ୍ଡା, ଲୁହାରଡ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ମାରି ଦେବାର ଧମକ ଦେଇଥିଲେ ବିଜେଡି କର୍ମୀମାନେ ଏବଂ ସ୍ଥାନୀୟ ପୋଲିସ ସଂପୂର୍ଣ୍ଣ ନୀରବଦ୍ରଷ୍ଟା ସାଜି ରହିଥିଲା । ଏହି ଘଟଣା ଗଣତନ୍ତ୍ର ପ୍ରତି ଉପହାସ, ଯାହାକି ଅତ୍ୟନ୍ତ ନିନ୍ଦନୀୟ । ଚଳିତ ଝାରସୁଗୁଡା ଉପନିର୍ବାଚନ ସମୟରେ ଶାନ୍ତି ବଜାୟ ରହିବା ନିହାତି ଆବଶ୍ୟକ। ଗତ କାଲି ଘଟିଯାଇଥିବା ଘଟଣା ପ୍ରସଙ୍ଗରେ ଲଇକେରା ଥାନାରେ ଲାଗିଥିବା ସିସି ଟିଭିର ଫୁଟେଜ ଆଧାରରେ ଦୋଷୀମାନଙ୍କୁ ଗିରଫ କରିବା ସହ ମାମଲା ରୁଜୁ କରି ତଦନ୍ତ କରିବାକୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଦାବୀ କରିଛନ୍ତି । ଗତ କାଲିର ଘଟଣା ଏବଂ ଚଳିତ ଝାରସୁଗୁଡା ଉପ ନିର୍ବାଚନରେ ଶାସକ ବିଜେଡିର କର୍ମୀମାନଙ୍କ ଦ୍ୱାରା ପ୍ରତିଦିନ ବୃଦ୍ଧି ପାଇଚାଲିଥିବା ହିଂସାକାଣ୍ଡ ପ୍ରସଙ୍ଗରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ନେତୃତ୍ୱରେ ଆଜି ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକ ଶ୍ରୀ ଡି.କେ.ତିୱାରୀ (ଆଏଏସ) ଏବଂ କେନ୍ଦ୍ରୀୟ ପୋଲିସ ପର୍ଯ୍ୟବେକ୍ଷକ ମହମ୍ମଦ ଅନସାରୀ (ଆପିଏସ)ଙ୍କୁ ଭେଟି ବିସ୍ତୃତ ଭାବେ ଅବଗତ କରାଇଥିଲେ । ଚଳିତ ଝାରସୁଗୁଡା ଉପ ନିର୍ବାଚନ ଭୟମୁକ୍ତ, ଅବାଧ, ମୁକ୍ତ, ନିରପେକ୍ଷ ହେବା ଉଚିତ୍ । ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ସମସ୍ତ ସରକାରୀ କର୍ମଚାରୀମାନେ ଶାସକ ବିଜେଡିର ହାତବାରିସୀ ନହୋଇ ନିଜ ସାମ୍ବିଧାନିକ ଦାୟୀତ୍ୱ ସଠିକ ଭାବେ ନିର୍ବାହ କରନ୍ତୁ । ଶାସନ ଓ କ୍ଷମତାର ଅପବ୍ୟବହାର କରି ଶାସକ ବିଜେଡି ବାରମ୍ବାର ଏଭଳି ଘଟଣା ଘଟାଉଛି । ଭାରତୀୟ ଜନତା ପାର୍ଟୀ ବାରମ୍ବାର ପୋଲିସ ଓ ପ୍ରଶାସନ ନିକଟରେ ଅଭିଯୋଗ କରିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏହି ନିର୍ବାଚନକୁ କୌଣସି ତାମସା ନକରୁ ବିଜେଡି ବୋଲି ଶ୍ରୀ ସାମଲ କହିଛନ୍ତି । ଝାରସୁଗୁଡାରେ ବିଜୁ ଜନତା ଦଳର ପ୍ରଭାବ ଥିବା କାରଣରୁ ସ୍ଥାନୀୟ ପୋଲିସ ଉପରେ ଭରସା କରାଯାଉନାହିଁ । ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ନିୟମିତ ଅପରାଧି ଓ ଦାଗୀମାନଙ୍କୁ ଚିହ୍ନଟ କରି ଗିରଫ କରାଯାଉ । ଭୋଟିଂ ସମୟରେ ବ୍ୟାପକ ମାତ୍ରାରେ ହିଂସାକାଣ୍ଡର ଆଶଂକା ଥିବା କାରଣରୁ ସମସ୍ତ ବୁଥ୍‌ର ଉଭୟ ବାହାରେ ଏବଂ ଭିତରେ ସିସି ଟିଭି କ୍ୟାମେରା ଲଗାଯାଉ । ପର୍ଯ୍ୟାପ୍ତ ପରିମାଣର ପାରାମିଲିଟାରୀ ଫୋର୍ସ ମୁତୟନ କରାଯାଉ । ଆବଶ୍ୟକ ପଡିଲେ କେନ୍ଦ୍ରୀୟ ସୁରକ୍ଷା ବଳକୁ ଆଇନଶୃଙ୍ଖଳା ମୁକାବିଲା ପାଇଁ ନିୟୋଜନ କରାଯିବାକୁ ଶ୍ରୀ ସାମଲ ଦାବୀ କରିଛନ୍ତି ।

## ଝାରସୁଗୁଡ଼ା ଉପ ନିର୍ବାଚନ : ଦଳୀୟ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ସପକ୍ଷରେ ପ୍ରଚାର କଲେ ବିଜେପି ସାଂସଦ ମନୋଜ ତିୱାରୀ



ଝାରସୁଗୁଡ଼ା / ଭୁବନେଶ୍ୱର, ୦୪/୦୫(ଶ୍ରୁ.ମି.) : 'ବହୁତ ହେଲା ଅପରାଧ, ବହୁତ ହେଲା ଭ୍ରଷ୍ଟାଚାର; ଏଥର ଟଙ୍କଧର' । ଏକ ସୁରକ୍ଷିତ, ସୁସ୍ଥ, ଶିକ୍ଷିତ, ସମୃଦ୍ଧ ଝାରସୁଗୁଡ଼ା ଗଢି ତୋଳିବା ପାଇଁ ବିଜେପି ପ୍ରାର୍ଥୀ ଶ୍ରୀ ଟଙ୍କଧର ତ୍ରିପାଠୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଛନ୍ତି ବିଜେପି ସାଂସଦ ତଥା ପ୍ରସିଦ୍ଧ ଭୋଜପୁରୀ ଚଳଚିତ୍ର ଅଭିନେତା ଶ୍ରୀ ମନୋଜ ତିୱାରୀ। ଦଳୀୟ ପ୍ରାର୍ଥୀ ଟଙ୍କଧରଙ୍କ ସପକ୍ଷରେ ଭୋଟ ପ୍ରଚାର କରିବା ପାଇଁ ଦିନିକିଆ ଝାରସୁଗୁଡ଼ା ଗସ୍ତରେ ଆସିଥିବା ଶ୍ରୀ ତିୱାରୀ ଶୋଭାଯାତ୍ରାରେ ଯୋଗ ଦେଇ କହିଛନ୍ତି ଯେ, ମୋର ଓଡିଶା ସହ ବହୁ ଘନିଷ୍ଠ ସଂପର୍କ ରହିଛି । ରାଜ୍ୟର ସବୁଠୁ ବିତଶୀଳ ଜିଲ୍ଲା ହେଉଛି ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲା । ରାଜ୍ୟ ଅର୍ଥନୀତିରେ ଜିଲ୍ଲାର ପ୍ରମୁଖ ଭୂମିକା ରହିଛି । ଝାରସୁଗୁଡ଼ା ସମେତ ଓଡିଶାର ସାମଗ୍ରିକ ବିକାଶ ପାଇଁ ବିଜେପି ସଂକଳ୍ପବଦ୍ଧ । ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟଧାରାରେ ସାମିଲ ହୁଅନ୍ତୁ ଝାରସୁଗୁଡ଼ାବାସୀ । ଆଗାମୀ ଦିନରେ ଜିଲ୍ଲାର ଆଶା ଓ ଭରସାଯୋଗ୍ୟ ହେବେ ଆମର ଦଳୀୟ ପ୍ରାର୍ଥୀ ଶ୍ରୀ ଟଙ୍କଧର ତ୍ରିପାଠୀ ବୋଲି ପ୍ରଚାର ଅବସରରେ ଆସି ଦୃଢତାର ସହ କହିଛନ୍ତି ଶ୍ରୀ ତିୱାରୀ ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର



ରାଇଘର, ୪/୫(ଶ୍ରୁ.ମି.) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଖୁଟୁଗାଁ ଯିବା ରାସ୍ତା ଗାୟତ୍ରୀ ମନ୍ଦିର ନିକଟରେ ଆଜି ପ୍ରାୟ ସକାଳ ୯:୩୦ ଟା ସମୟରେ ଦୁଇଟି ବାଇକ୍ ମୁହାଁ ମୁହିଁ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି।

ସୂଚନା ପ୍ରକାରେ ଡଙ୍ଗରିପାରା ଗ୍ରାମର ରଞ୍ଜିତ ଗଣ୍ଡ କୌଣସି କାର୍ଯ୍ୟରେ ରାଇଘର ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ କଲାରପାରା ଗ୍ରାମର ଅମରସିଂ ଗଣ୍ଡ ଆସୁଥିଲେ ଦୁଇଟି ବାଇକ୍ ମୁହା ମୁହିଁ ଧକ୍କା ହେବା ଫଳରେ ଦୁଇ ବାଇକ ଆରୋହୀ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଫଳରେ ରଞ୍ଜିତ ଗଣ୍ଡ ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସୂଚନା ପାଇଁ ଘଟଣା ସ୍ଥଳରେ ରାଇଘର ପୋଲିସ ମନୋରଞ୍ଜନ ବେହେରା ପହଞ୍ଚି କେସ ନମ୍ବର ୨୭୯/୩୦୪( ଏ ) ରେ ଏକ ମାମଲା ରୁଜୁ କରି ଶବକୁ ଜବତ କରି ଶବ ବ୍ୟାବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲେ।

## ପାରିବାରିକ କଳହରୁ ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା



ରାଜକନିକା, ୪/୦୫(ଶ୍ରୁ.ମି.) : ରାଜକନିକା ଥାନା ଅନ୍ତର୍ଗତ ବଳରାମପୁର ଗାଁର ଜଣେ ମହିଳା ପାରିବାରିକ କଳହରୁ ବିଷ ପିଇ ଆତ୍ମହତ୍ୟା ଅଭିଯୋଗ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଅପର ପକ୍ଷେ ମହିଳାଙ୍କ ଭାଇ ଭଦ୍ରକ ଘଣ୍ଟେଶ୍ୱର ରାଜଗୁରୁପୁର ଗାଁର ସୁଶାନ୍ତ ବେହେରା ତାଙ୍କ ଭଉଣୀଙ୍କୁ ମାରି ଦିଆଯାଇଥିବା ରାଜକନିକା ଥାନାରେ ଲିଖିତଃ ଅଭିଯୋଗ କରିଥିବା ଜଣାପଡିଛି। ତେବେ ବଳରାମପୁର ଗାଁର କୈଳାସ ପୃଷ୍ଟିଙ୍କ ସ୍ତ୍ରୀ ମମତା ପୃଷ୍ଟି (ବୟସ ୪୦) ଆଜି ନିଜ ଶୋଇବା ଘରେ ଭିତର ପଟୁ କବାଟ ବନ୍ଦ କରି ବିଷ ପିଇ ଆତ୍ମହତ୍ୟା କରିଥିବାବେଳେ ପରିବାର ଲୋକ କବାଟ ତାଡି ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡିଛି। ତେବେ ଏହି ଘଟଣାରେ ମୃତା ମମତାଙ୍କର ଭାଇ ତାଙ୍କ ଭଉଣୀଙ୍କୁ ମାରି ଦେଇଥିବା ରାଜକନିକା ଥାନାରେ ଲିଖିତଃ ଅଭିଯୋଗ କରିବା ପରେ ରାଜକନିକା ପୋଲିସ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆଜି ପଠାଇବା ପରେ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ଓଡ଼ଗାଁ ପୋଲିସ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ତହସିଲର କର୍ମଚାରୀ ଓ ୧୧ ଆର ଆଇଙ୍କ କଲମ ଛାଡ ଆନ୍ଦୋଳନ

ଓଡ଼ଗାଁ, ୪/୫(ଶ୍ରୁ.ମି.) : ଓଡ଼ଗାଁ ଆଦର୍ଶ ଥାନା ଆଇଆଇସିଙ୍କ ସଦର ଆର ଆଇ ବିଷ୍ଣୁ ପ୍ରସାଦ ମଲ୍ଲିକଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଓଡ଼ଗାଁ ତହସିଲ ଅନ୍ତର୍ଗତ ୧୩ ରାଜସ୍ୱ ଅଞ୍ଚଳର ୧୧ ଜଣ ଆର ଆଇଙ୍କ ସହିତ ତହସିଲ କର୍ମଚାରୀ ମାନେ ଗୁରୁବାର ଠାରୁ ତହସିଲ କାର୍ଯ୍ୟାଳୟ ଓଡ଼ଗାଁ ଠାରେ କଲମଛାଡ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏବଂ ଘଟଣାର ଫଇସଲା ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ତହସିଲଦାର ଅନିଲ ଆଚାର୍ଯ୍ୟଙ୍କୁ ଦେଇଥିବା ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି। ଏବଂ ଦାବି ସମ୍ପର୍କରେ ତହସିଲଦାର ଜିଲ୍ଲାପାଳଙ୍କୁ ସୂଚନା ପ୍ରଦାନ କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଗତ ୨ ତାରିଖ ମଙ୍ଗଳବାର ଅପରାହ୍ନ ୩ ବେଳେ ଓଡ଼ଗାଁ ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ଏବଂ କର୍ମଚାରୀ ମାନେ ଓଡ଼ଗାଁ କଦଳୀବନ୍ଧ ଠାରେ ଥିବା ଜିତୁ ଢାବ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଶୀତତାପ ନିୟନ୍ତ୍ରିତ କୋଠରୀ ମଧ୍ୟରୁ ମଦ ଜବତ କରିବା ସହିତ ଖାଇବା ସମୟରେ ଓଡ଼ଗାଁ ସଦର ଆର ଆଇ ସହିତ କାଳୁଚରଣ ପୃଷ୍ଟି, ମାନସ ରଞ୍ଜନ ପଣ୍ଡା ଓ ଦଣ୍ଡପାଣି ଦୋରାଙ୍କୁ ଥାନାକୁ ନେଇ ଆସିଥିଲେ। ସଦର ଆର ଆଇ ଆଦୌ ମଦ୍ୟପାନ କରିନଥିବା କହିଥିଲେ ମଧ ତାଙ୍କ କଥାକୁ ପୋଲିସ ବିଶ୍ୱାସକୁ ନେଇନଥିଲେ। ବରଂ ପୋଲିସ ଦୁର୍ବ୍ୟବହାର କରିଥିବା ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ପୋଲିସ ଚଢ଼ାଉବେଳେ ଆମ୍ଭେ ମଦ୍ୟପାନ କରୁଥିବା ଦେଖି ଆଇ ଆଇସି ଆମ୍ଭମାନଙ୍କୁ ଥାନାକୁ ଆଣିଥିଲେ ବୋଲି କର୍ମଚାରୀଙ୍କ ସାଙ୍ଗରେ ଥିବା ଦଣ୍ଡପାଣି ଦୋରା ତାଙ୍କ ସ୍ୱୀକାର ଉକ୍ତିରେ ଦର୍ଶାଇଛନ୍ତି। ଏବଂ ଅନ୍ୟମାନେ ଭୁଲ୍ ସ୍ୱୀକାର କରି ଅନ୍ୟ କେବେ ଢାବାରେ ଖାଇବେ ନାହିଁ ବୋଲି ସ୍ୱୀକାର ଉକ୍ତି ପତ୍ରରେ ସ୍ୱାକ୍ଷର କରି ଥାନାରୁ ଫେରିଥିଲେ। ବେଆଇନ ମଦ ବିକ୍ରି ଅଭିଯୋଗରେ ୭୪/୨୩ରେ ମାମଲା ରୁଜୁ କରି ଢାବା ମାଲିକ ଆରଡାର ଜିତେନ୍ଦ୍ର କୁମାର ପରିଡ଼ା (୩୭) ଙ୍କୁ ପୋଲିସ ଅଟକ ରଖି ପରେ ଥାନାରୁ ଜାମିନ ଦେଇଥିଲେ।

## ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ ପାଳିତ



କୋଣାର୍କ, ୦୪/୦୫(ଶ୍ରୁ.ମି.) : ଚଳିତ ବୈଶାଖ ମାସ ଶୁକ୍ଳ ପକ୍ଷ ୪ ତାରିଖ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଯାଇଛି । ଅର୍କକ୍ଷେତ୍ରର ରକ୍ଷାକର୍ତ୍ତୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ । ଏହା ଓଡ଼ିଆଣୀ କୂଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରେର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ ମହାଅଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆସୁଛନ୍ତି ।

ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରି ଥିଲେ । ମା' ରାମଚଣ୍ଡୀଙ୍କ ନିମନ୍ତେ କୂଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନିତୀ ସମ୍ପନ୍ନ କରିଥିଲେ । ପ୍ରତ୍ୟକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥିଲେ ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାରେ ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୁହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥିଲା । ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷ ଘରଚୂଲାରୁ ଅଗ୍ନୀ ଆଣୀ ପ୍ରତ୍ୟକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବାସହ ଖୀରିକୋଳି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥିଲେ । ମାହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବା ମିଶା ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥିଲେ । ଏହି ସମୟରେ ମା'ଙ୍କ ରୋଷଇଘରେ ପୂଜକ ମଧ ନୂଆ ମାଟିହାଣ୍ଡିରେ ଏତାଦୃଶ୍ୟ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗଲଗାଇ ଥିଲେ । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥିଲେ । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣିଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରିବା ପରେ ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୂଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରୀ ନିରବତା ଅବଲମ୍ବନ କରି ତାଙ୍କୁ ଅନୂସରଣ କରିଥିଲେ । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥିଲେ । ଏହାପରେ ମହିଳାମାନେ ଏକ ମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥିଲେ । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଠୁଳି ଭାଙ୍ଗିନଥିଲା ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଶରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବେ। ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ୨ ତାରିଖରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥିବା ବେଳେ ପ୍ରତେହ୍ୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜି ଗୁରୁବାର ପ୍ରତ୍ୟୁଶରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥିଲା । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଭିଡ ଲାଗିରହିଥିଲା । ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ସଂସ୍କୃତି ରକ୍ଷାକାରୀ ଏକ ସଭା ମୁଖ୍ୟ ଅତିଥି ଭାବେ ଗୃହରଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା, ମୁଖ୍ୟ ବକ୍ତା ଭାବେ ପୁରୀ ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ ପୁରୀ ଜିଲ୍ଲା ଯାଦବ ମହାସଭାର ସଭାପତି ଗୋପାଳ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପାରାଣୀ ସ୍ୱାଇଁ, ସୁତନ ଗ୍ରାମ ପଞ୍ଚାୟତୀ ସରପଞ୍ଚ ମେନକା ବେହେରା, ସୁତନ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ କାଶୀନାଥ ନାୟକ, ତରକୋର ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଶାନ୍ତ ପରିଡା, ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସୋଲାରର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ଅର୍କଶ୍ରୀର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, ସମାଜସେବୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଦିନତମା ଭଜନ କୀର୍ତ୍ତନ ହୋଇଥିବା ବେଳେ ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ । ମା' ରାମଚଣ୍ଡୀ ବଜାର କମିଟିର ସଭାପତି ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ।

## ସତ୍ୟ ରଞ୍ଜନ ସ୍ପୋର୍ଟସ୍ ଏକାଡେମୀ ପକ୍ଷରୁ ଖୋ-ଖୋ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

ଢେଙ୍କାନାଳ, ୪।୫(ଶ୍ରୁ.ମି.) : ଢେଙ୍କାନାଳ ଜିଲ୍ଲା ଆଥ୍ଲେଟିକ୍ ଆସୋସିଏସନ କାର୍ଯ୍ୟାଳୟ ଠାରେ ସତ୍ୟରଞ୍ଜନ ସ୍ପୋର୍ଟସ ଏକାଡେମୀ ତରଫରୁ ସଭାପତି ସତ୍ୟବାନ ପାତ୍ରଙ୍କ ଅଧ୍ୟକ୍ଷକତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ସଂପାଦକ ରଞ୍ଜନ କୁମାର ସାହୁ ପ୍ରସ୍ତାବ ରଖିଥିଲେ କି ଢେଙ୍କାନାଳରେ ଏକ ଷ୍ଟେଟ୍ ଲେଭୁଲ୍ ଫ୍ଲଡ୍‌ଲାଇଟ୍ ଖୋ-ଖୋ ପ୍ରତିଯୋଗିତା କରିବା ପାଇଁ ଏବଂ ତାହା କିପରି ପରିଚାଳନା କରାଯିବ ତା'ର ଏକ ଚିଠା ପ୍ରସ୍ତାବ ଉପସ୍ଥାପନା କରିଥିଲେ । ଶେଷରେ ସମସ୍ତ ସଭ୍ୟଙ୍କ ସହମତି କ୍ରମେ ରବିବାର ମଇ ୪ ତାରିଖରେ ଏକଦିବସୀୟ ଖୋ-ଖୋ ପ୍ରତିଯୋଗିତା ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ ।ଏହି ବୈଠକରେ ଏକାଡେମୀର ଆଡ୍‌ଭାଇଜର ମାନସ ରଞ୍ଜନ ହୋତା, ଅଶୋକ ସ୍ୱାଇଁ, ନର୍ମଦା ମହାପାତ୍ର, ସସ୍ମିତା ସ୍ୱାଇଁ, ସଭ୍ୟ ଅଚ୍ୟୁତ ସାହୁ, ସପନୀ ମହାଖୁଡ, ପଦି ଦଳେଇ, ପୂର୍ବତନ ଜିଲ୍ଲା କ୍ରିଡା ଅଧିକାରୀ ଗିରିଜା ପ୍ରସାଦ ମହାନ୍ତି, ବରିଷ୍ଠ ଖେଳାଳୀ ପର୍ଶୁରାମ ମିଶ୍ର, ଅଭିଜିତ୍ ମିଶ୍ର, ସୁମିତ୍ରା ବିଶ୍ୱାଳ, ପ୍ରତାପ ମହାନ୍ତି, ଯୋଗେଶ ମହାପାତ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଭାପତି ସତ୍ୟବାନ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ।

## ଲାଇଫ୍ ଚେଞ୍ଜିଙ୍ଗ୍ ନ୍ୟୁଟ୍ରିସନ୍ ପକ୍ଷରୁ ଜନସଚେତନତା ବାର୍ତ୍ତା



ଢେଙ୍କାନାଳ, ୪।୫(ଶ୍ରୁ.ମି.) : ବୈଶାଖୀ ମେଳାରେ ଲାଇଫ୍ ଚେଞ୍ଜିଙ୍ଗ୍ ନ୍ୟୁଟ୍ରିସନ୍ ତରଫରୁ ବିଭିନ୍ନ ରୋଗରୁ ମୁକ୍ତ ହେବା ପାଇଁ ସଚେତନତା ବାର୍ତ୍ତା ଦେଇଛନ୍ତି। ଓଜନ ହ୍ରାସ, ଓଜନ ବୃଦ୍ଧି ଏବଂ ସ୍ୱାସ୍ଥ୍ୟ ହିଁ ସଂପଦ ବୋଲି ସଦସ୍ୟମାନେ ମେଳାରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ଜଣାଇଛନ୍ତି। ଏହି ସଚେତନତା ସମୟରେ କୋଚ୍ ରଣଜିତ୍ ଭିଶାଲ୍, ଗଣେଶ ଜୁଏଲାରୀ ମାଲିକ ରାଜେଶ୍ କୁମାର ସେନୀ, କୁନିଲତା ବେହେରା, ସସ୍ମିତା ବେହେରା, ମଧୁସ୍ମିତା ବେହେରା, ପ୍ରଶାନ୍ତ ମହାନ୍ତି, ସବିତା ମହାନ୍ତି, ଦେବେସ୍ମିତା ପଟ୍ଟନାୟକ, ସମରେନ୍ଦ୍ର ମହାନ୍ତି, ଶ୍ରୀକାନ୍ତ ସାହୁ, ସୋନାଲି ସ୍ୱାଇଁ, ସନ୍ତୋଷ ବେହେରା, ବିଶ୍ୱରଞ୍ଜନ ରାଏ, ମାନସୀ ରାଏ, ରଶ୍ମିରେଖା ଦାସ, ପ୍ରିୟତମା ମିଶ୍ରଙ୍କ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସମୂହ ଇସ୍ତଫା ପ୍ରଦାନ କଲେ ଢେଙ୍କାନାଳ ଜିଲ୍ଲା ପ୍ରାଣୀ ଚିକିତ୍ସକ

ଢେଙ୍କାନାଳ, ୪।୫(ଶ୍ରୁ.ମି.) : ଓଡିଶା ପ୍ରାଣୀ ଚିକିତ୍ସା ସେବା ସଂଘର ଆହ୍ୱାନ କ୍ରମେ ଆଜି ଢେଙ୍କାନାଳ ଜିଲ୍ଲା ପ୍ରାଣୀ ଚିକିତ୍ସା ସେବା ସଂଘର ସମସ୍ତ ସଦସ୍ୟ ତଥା ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ ନିଜର ସମୂହ ସର୍ତମୂଳକ ଇସ୍ତଫା ଢେଙ୍କାନାଳ ଜିଲ୍ଲାପାଳଙ୍କ ମାଧ୍ୟମରେ ଓଡିଶା ସରକାରଙ୍କୁ ପ୍ରଦାନ କରିଛନ୍ତି। ସରକାରଙ୍କ ଚରମ ଉଦାସୀନତା ପ୍ରତିବାଦରେ ତଥା ବିଗତ ତିନିମାସ ମଧ୍ୟରେ ବାରମ୍ବାର ନିଜର ଦଶଦଫା ଦାବି ଜଣାଇବା ସତ୍ତ୍ୱେ ପ୍ରାଣୀ ଚିକିତ୍ସକମାନେ ବୀତସ୍ପୃହ ଏବଂ ଅତିଷ୍ଠ ହୋଇ ଏହି ଚରମ ପଦକ୍ଷେପ ନେଇଥିବା ଜଣାଇଛନ୍ତି। ଏହା ପୂର୍ବରୁ ଗତ ମଇ ୧ ତାରିଖରୁ ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସକ ଡିଜିଟାଲ ବୟକଟ୍ କରି ପ୍ରାଣୀ ଚିକିତ୍ସା କାର୍ଯ୍ୟ ଜାରି ରଖିଥିଲେ। କିନ୍ତୁ ସରକାର ବିଧିବଦ୍ଧ ଭାବେ ଆଲୋଚନାକୁ ନିମନ୍ତ୍ରଣ ନକରି ରାଜ୍ୟ ସଂଘର ବରିଷ୍ଠ କର୍ମକର୍ତାଙ୍କ ବିରୋଧରେ ଆକ୍ରୋଶମୂଳକ ପଦକ୍ଷେପ ନେବାରୁ ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସକ ସମୂହ ଇସ୍ତଫା ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ପ୍ରାଣୀ ଚିକିତ୍ସକଙ୍କ କ୍ୟାଡର ପୁନର୍ଗଠନ, ପ୍ରାଣୀ ଚିକିତ୍ସାଳୟରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବା, ଯଥେଷ୍ଟ ଔଷଧ ଯୋଗାଣ କରିବା, ବିଭାଗକୁ ଜରୁରୀକାଳୀନ ସେବା ମଧ୍ୟରେ ଅନ୍ତର୍ଭୁକ୍ତ କରିବା ଓ ପ୍ରାଣୀ ଚିକିତ୍ସାଳୟରେ ନିରାପତା ସେବା ପ୍ରଦାନର କାର୍ଯ୍ୟ ନିର୍ଘଂଟ ପ୍ରଦାନ ଇତ୍ୟାଦି ୧୦ ଦଫା ଦାବି ବିଷୟରେ ଆଗରୁ ଓଡିଶା ସରକାରଙ୍କୁ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ନମିଳିବାରୁ ଆଜି ସମସ୍ତ ପ୍ରାଣୀ ଚିକିତ୍ସକ ସମୂହ ସର୍ତ ମୂଳକ ଇସ୍ତଫା ପ୍ରଦାନ କରିଛନ୍ତି ବୋଲି ଢେଙ୍କାନାଳ ଜିଲ୍ଲା ପ୍ରାଣୀ ଚିକିତ୍ସା ସେବା ସଂଘର ସଂପାଦକ ଡା.ବିଜୟ କୁମାର ପାତ୍ର ଜଣାଇଛନ୍ତି।

## ପୋଖରୀଗୋଛ ଉପ-ନିର୍ବାଚନ; ଶ୍ରୀମନ୍ତ ନାଏକ ବିଜୟୀ

ଦଶପଲ୍ଲା ୪/୫(ଶ୍ରୁ.ମି.) : ଦଶପଲ୍ଲା ବ୍ଲକ ପୋଖରୀଗୋଛା ପଂଚାୟତର ସରପଂଚ ପଦବି ପାଇଁ ହୋଇଥିବା ମତଦାନର ଫଳାଫଳ ଆଜି ଘୋଷଣା ହୋଇଯାଇଛି । ଏଥିରେ ଶ୍ରୀମନ୍ତ ନାଏକ ତାଙ୍କ ନିକଟତମ ପ୍ରତିଦୋନ୍ଦି ବଳଭଦ୍ର କହଁରଙ୍କୁ ୧୦୯ ଖଣ୍ଡ ଭୋଟରେ ପରାଜିତ କରି ସରପଂଚ ଭାବେ ନିର୍ବାଚିତ ହୋଇଛନ୍ତି । ମୋଟ ୧୨ଗୋଟି ବୁଥ୍ ରେ ୧୩୧୪ ଜଣ ମତଦାତା ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିବା ବେଳେ ଶ୍ରୀମନ୍ତଙ୍କ ସପକ୍ଷରେ ୬୯୬ ଖଣ୍ଡ ଭୋଟ ପାଇଥିବା ବେଳେ ବଳଭଦ୍ର ୫୮୭ ଖଣ୍ଡ ଭୋଟ ପାଇଥିଲେ ଓ ୩୧ଖଣ୍ଡ ଭୋଟ ନାକଚ୍ ହୋଇଥିଲା । ସୁଚନା ଥାଉକି ପୂର୍ବତନ ସରପଂଚ ଶୀବସେନ ନାୟକଙ୍କ ବିରୋଧରେ ୪ଟି ସନ୍ତାନ ଥିବା ଅଭିଯୋଗ ହେବା ପରେ ତାଙ୍କ ପଦବୀକୁ ଜିଲ୍ଲାପାଳ ରଦ୍ଧ କରିଦେଇଥିଲେ । ଫଳରେ ପୋଖରୀଗୋଛା ପଂଚାୟତରେ ସରପଂଚା ପଦବୀ ପାଇଁ ପୂନର୍ବାନ ନିର୍ବାଚନ କରାଯାଇଥିଲା । ଯେଉଁଥିରେ ଶୀବସେନ ତାଙ୍କ ସମ୍ମାନ କାୟମ ପାଇଁ ନିଜ ପୁଅ ଶ୍ରୀମନ୍ତ ନାଏକଙ୍କୁ ସରପଂଚ ପ୍ରାର୍ଥୀ ଭାବେ ନିର୍ବାଚନ ମୈଦାନକୁ ଓହ୍ଲାଇ ବିପକ୍ଷଙ୍କୁ ଝଟକା ଦେଇଥିବା ବେଳେ ବିପକ୍ଷ ମଧ୍ୟ ବଳଭଦ୍ର କହଁରଙ୍କୁ ପ୍ରାର୍ଥୀ କରି ସ୍ଥିତି ବରାବରକୁ ଆଣିଥିଲେ ମାତ୍ର ଶେଷରେ ଶ୍ରୀମନ୍ତ ନାଏକ ବିଜୟୀ ହୋଇ ଶୀବସେନଙ୍କ ସମ୍ମାକୁ କାୟମ ରଖିଥିଲେ । ତେବେ ନିର୍ବାଚନ ର ଅଧିକାରୀ ଭାବେ ଅତିରିକ୍ତ ତହସିଲଦାର୍ କେ . ଭେଙ୍କେଟେସ୍ ରାଓ ଏବଂ ପ୍ରକାଶ ସେଠ୍ ନିର୍ବାଚନ ପରିଚାଳନା କରିଥିବା ବେଳେ ଦଶପଲ୍ଲା ଥାନା ଅଧିକାରୀ ବସନ୍ତ କୁମାର ସାହୁ ଉପସ୍ଥିତ ରହି ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ତିକ୍ଷ୍ଣ ଦୃଷ୍ଟି ରଖିଥିଲେ ।



## ଏରସମା ଗଡ଼ବିଶୁନପୁର ଉପ ନିର୍ବାଚନ ୫୧୩ ଖଣ୍ଡରେ ରାଜେଶ ପ୍ରଧାନ ଜିତିଲେ



ଏରସମା, ୪/୫(ଶ୍ରୁ.ମି.) : ଏରସମା ବ୍ଲକ ଗଡ଼ବିଶୁନପୁର ପଂଚାୟତର ଉପ ନିର୍ବାଚନରେ ସରପଞ୍ଚ ସ୍ୱର୍ଗତ ରମେଶ ପ୍ରଧାନଙ୍କ ପୁଅ ଏବଂ କାମଦେବ ପ୍ରଧାନଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଶେଷରେ ରାଜେଶ ପ୍ରଧାନ ୫୧୩ ଖଣ୍ଡରେ କାମଦେବ ପ୍ରଧାନଙ୍କୁ ହରାଇ ବିଜୟି ହୋଇଛନ୍ତି। ଉଭୟ ବିଜୁ ଜନତା ଦଳର ସମର୍ଥକ ଭାବେ ଜଣାଶୁଣା। ବିଜୟୀ ପ୍ରାର୍ଥୀ ରାଜେଶ ଏହି ନିର୍ବାଚନରେ ବିଜୟର ସମସ୍ତ ଶ୍ରେୟ ପଞ୍ଚାୟତ ବାସୀଙ୍କୁ ଦେଇଥିବା ବେଳେ ସ୍ଥାନୀୟ ବିଧାୟକ ରଘୁନନ୍ଦନ ଦାସଙ୍କ ଆଶୀର୍ବାଦ ଏବଂ ବାଲିକୁଦା - ଏରସମା ର୍ନିବାଚନ ମଣ୍ଡଳିର ଯୁବ ବିଜେଡି ସଭାପତି ପାର୍ଥ ସାରଥି ରାଉତ, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ଓ ଦିନବନ୍ଧୁ ନାୟକଙ୍କୁ କୃତଙ୍ଗ୍ୟତା ଜଣାଇଛନ୍ତି। ପୁର୍ବରୁ ରାଜେଶଙ୍କ ବାପା ସ୍ୱର୍ଗତ ରମେଶ ପ୍ରଧାନ ସ୍ୱାଧିନରୁ ୪୧୩ ଖଣ୍ଡରେ ବିଜୟି ହୋଇ ପରେ ବିଧାୟକଙ୍କ ସହମତିରେ ବିଜେଡ଼ିରେ ତାଙ୍କ ସମର୍ଥକଙ୍କ ସହିତ ଯାଇ ମିଶିଥିଲେ। ତାଙ୍କ ମୃତ୍ୟୁ ପରେ ଉପ ର୍ନିବାଚନରେ ବିଜେଡ଼ି ବିଧିବଧ ଭାବେ ରାଜେଶଙ୍କୁ ଘୋଷଣା କରିନଥିଲା। କିନ୍ତୁ ରାଜେଶଙ୍କ ପାଇଁ ଅନ୍ୟପଟେ ବିଧାୟକ ଓ ଯୁବ ନେତା ପାର୍ଥ ସାରଥିଙ୍କ ସମ୍ପର୍ଣ୍ଣ ସର୍ମଥନ ରହିଥିଲା। ସେପଟେ କାମଦେବଙ୍କ ପାଇଁ ବିଜେଡ଼ିର ଟାଣୁଆ ନେତା ମାନେ ପଛରେ ରହି ସମ୍ପର୍ଣ୍ଣ ସହଯୋଗ କରିଥିଲେ। ପ୍ରଥମେ ୫ଟି ରାଉଣ୍ଡ ସୁଧା କାମଦେବ ଆଗରେ ଥିଲେ ମଧ ଶେଷରେ ରାଜେଶ ୫୧୩ ଖଣ୍ଡରେ ଜିତିଥିଲା। ୪୦୦୨ ଖଣ୍ଡ ଭୋଟ ପୁଲିଙ୍ଗ ହୋଇଥିବା ବେଳେ ରାଜେଶ ପ୍ରଧାନ ୨୨୪୪ ଭୋଟ କାମଦେବ ପ୍ରଧାନ ୧୭୩୧ ଭୋଟ ପାଇଥିଲେ। ୨୭ଖଣ୍ଡ ଭୋଟ ନାକଚ ହୋଇଥିଲା।

## ଆଇଆଇଏମସିରେ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆରମ୍ଭ

### ଆବେଦନର ଶେଷ ତାରିଖ ମେ ୨୨



ଢେଙ୍କାନାଳ: ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମସି)ରେ ଓଡ଼ିଆ, ଉର୍ଦ୍ଦୁ, ମରାଠୀ ଓ ମାଲାୟଲମ ସାମ୍ବାଦିକତାରେ ସ୍ନାତକୋତର ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୩-୨୪ ଶିକ୍ଷା ବର୍ଷରେ ନାମଲେଖା ପାଇଁ ଇଚ୍ଛୁକ ଶିକ୍ଷାର୍ଥୀମାନେ ମେ ୨୨ ତାରିଖ ପୂର୍ବରୁ ଆବେଦନ କରିପାରିବେ। ଆଇଆଇଏମସିର ୱେବସାଇଟ ଙ୍ଗଙ୍ଗଙ୍ଗ.ସସଙ୍କମ.ଶକ୍ଟଙ୍ଗ.ସଭରେ ଆବେଦନ ପତ୍ର ଉପଲବ୍ଧ ରହିଛି। ଜୁନ ୧୮ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସଂସ୍ଥାନ ପକ୍ଷରୁ ସୂଚନା ଦିଆଯାଇଛି। ଆଇଆଇଏମସିର ଆଡମିଶନ ଇନଚାର୍ଜ ପ୍ରଫେସର ରାକେଶ କୁମାର ଗୋସ୍ୱାମୀ କହିଛନ୍ତି, ଆଇଆଇଏମସି ଢେଙ୍କାନାଳରେ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତର ଡିପ୍ଲୋମା, ନୂଆଦିଲ୍ଲୀ କ୍ୟାମ୍ପସରେ ଉର୍ଦ୍ଦୁ ସାମ୍ବାଦିକତାରେ ସ୍ନାତକୋତର ଡିପ୍ଲୋମା, କୋଟ୍ଟାୟମ କ୍ୟାମ୍ପସରେ ମାଲାୟଲମ ସାମ୍ବାଦିକତାରେ ସ୍ନାତକୋତର ଡିପ୍ଲୋମା ଓ ଅମରାବତୀ କ୍ୟାମ୍ପସରେ ମରାଠୀ ସାମ୍ବାଦିକତାରେ ସ୍ନାତକୋତର ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ଏସବୁ ପାଠ୍ୟକ୍ରମରେ ନାମଲେଖା ପାଇଁ ଜୁନ ୧୮ ତାରିଖ ପୂର୍ବାହ୍ଣ ୧୧ଟାରୁ ୨ଟା ପର୍ଯ୍ୟନ୍ତ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପ୍ରବେଶିକା ପରୀକ୍ଷାରେ ସାଧାରଣ ଜ୍ଞାନ ସହ ଗଣମାଧ୍ୟମ ଓ ଗଣ ଯୋଗାଯୋଗ ସମ୍ପର୍କିତ ପ୍ରଶ୍ନ ଆସିବ। ସେହିପରି ଜୁନ ୩୦ରେ ପ୍ରବେଶିକା ପରୀକ୍ଷାର ଫଳାଫଳ ବାହାରିବାର ଅଛି। ତା'ପରେ ନାମଲେଖାର ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ ହେବ। ପ୍ରଫେସର ଗୋସ୍ୱାମୀ ଆହୁରି କହିଛନ୍ତି, ଯେଉଁ ପ୍ରାର୍ଥୀମାନେ ମଞ୍ଜୁରୀପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ କୌଣସି ବିଷୟରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି ସେମାନେ ଏହି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିପାରିବେ। ସେହିପରି ସ୍ନାତକ ଶେଷ ବର୍ଷ ବା ଶେଷ ସେମିଷ୍ଟରର ଶିକ୍ଷାର୍ଥୀମାନେ ମଧ୍ୟ ଆବେଦନ କରିପାରିବେ। ଯଦି ସେମାନେ ନାମଲେଖା ପାଇଁ ଚୟନ ହୁଅନ୍ତି, ତେବେ ସେମାନଙ୍କୁ ୨୦୨୩ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟରୁ ଅରିଜିନାଲ ପ୍ରୋଭିଜିନାଲ ମାର୍କ-ସିଟ ବା ସାର୍ଟିଫିକେଟ ଦେବାକୁ ହେବ। ଆଇଆଇଏମସି କାର୍ଯ୍ୟାଳୟରେ ଯାଞ୍ଚ ପାଇଁ ଅରିଜିନାଲ ଡିଗ୍ରୀ ସାର୍ଟିଫିକେଟ ଯଦି ଦାଖଲ କରନ୍ତି, ତେବେ ସେମାନଙ୍କୁ ଡିପ୍ଲୋମା ଉପାଧି ପ୍ରଦାନ କରାଯିବ ନହେଲେ ସେମାନଙ୍କ ନାମଲେଖାକୁ ଗ୍ରହଣ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ୧୯୯୩ ମସିହାରେ ଭାରତୀୟ ଜନ ସଞ୍ଚାର ସଂସ୍ଥାନର ପ୍ରଥମ ଶାଖା ଢେଙ୍କାନାଳରେ ଖୋଲିଥିଲା। ସେହିଦିନଠାରୁ ଢେଙ୍କାନାଳ କ୍ୟାମ୍ପସରେ ଇଂରାଜୀ ସାମ୍ବାଦିକତାରେ ସ୍ନାତକୋତର ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ସେହିପରି ୨୦୦୧-୨୦୦୨ ଶିକ୍ଷାବର୍ଷଠାରୁ ପ୍ରଥମ ଆଞ୍ଚଳିକ ଭାଷା ଭାବେ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତର ଡିପ୍ଲୋମା ପାଠ୍ୟକ୍ରମ ଦିଆହୋଇ ଆସୁଛି। ଏହାସହ ବିଭିନ୍ନ ସମୟରେ ସୂଚନା ସେବା ଅଧିକାରୀ ଓ ଲୋକସମ୍ପର୍କ ଅଧିକାରୀଙ୍କ ପାଇଁ ମଧ୍ୟ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରୁଛି ସଂସ୍ଥାନ। ଦେଶର ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ଆଇଆଇଏମସିର ଏକ ଉଲ୍ଲେଖନୀୟ ଭୂମିକା ରହିଛି। ଏଠାରୁ ଉତୀର୍ଣ୍ଣ ହୋଇଥିବା ଶିକ୍ଷାର୍ଥୀମାନେ ଦେଶ ବିଦେଶର ବିଭିନ୍ନ ସ୍ଥାନରେ ଗଣ ଯୋଗାଯୋଗ, ଗଣମାଧ୍ୟମ, ଲୋକସମ୍ପର୍କ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନରେ କାର୍ଯ୍ୟ କରୁଛନ୍ତି।

# ଡାଲମିଆ ସିମେଣ୍ଟ ପ୍ରଚଳନ କଲା ନୂଆ ବ୍ରାଣ୍ଡ୍- ଡାଲମିଆ ସୁପ୍ରିମ ସିମେଣ୍ଟ

- *ଭାରତର ପୂର୍ବାଞ୍ଚଳ ବଜାର- ପଶ୍ଚିମବଙ୍ଗ, ଓଡ଼ିଶା, ବିହାର ଓ ଝାଡଖଣ୍ଡରେ ନିଜର ଉତ୍ପାଦସମୂହକୁ ଅଧିକ ମଜଭୁତ କରୁଛି*
- *ପ୍ରିମିୟମ୍ ବ୍ରାଣ୍ଡ୍ ଗୃହ ନିର୍ମାଣ ନିମନ୍ତେ ଦେଉଛି ତିନିଟି ଫାଇଦା- ଉଚ୍ଚତର ମଜଭୁତପଣ, ଦ୍ରୁତତର ସେଟିଂ ଏବଂ ଉତ୍ତମ କାର୍ଯ୍ୟକାରିତା*

ରାଜଗାଙ୍ଗପୁର, ୪ ।୫ (ଶ୍ରୁମି.) : ଏକ ଅଗ୍ରଣୀ ଭାରତୀୟ ସିମେଣ୍ଟ କମ୍ପାନୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ୍) ଏହାର ନୂଆ ବ୍ରାଣ୍ଡ୍ ଡାଲମିଆ ସୁପ୍ରିମ ସିମେଣ୍ଟର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ପ୍ରବେଶ ସମ୍ପର୍କରେ ଘୋଷଣା କରିଛି ଏବଂ ଏହା ୨୦୨୩ ମେ ୧ ତାରିଖରୁ ପଶ୍ଚିମବଙ୍ଗ, ଓଡ଼ିଶା, ବିହାର ଏବଂ ଝାଡଖଣ୍ଡର ଖୁଚୁରା ଗ୍ରାହକଙ୍କ ନିମନ୍ତେ ଉପଲବ୍ଧ ହେଉଛି । ଏହି ପ୍ରିମିୟମ୍ ବ୍ରାଣ୍ଡ୍ ଏକ ଉଚ୍ଚମାନର ପୋର୍ଟଲ୍ୟାଣ୍ଡ୍ ପୋଜୋଲାନା ସିମେଣ୍ଟ (ପିପିସି) ଉତ୍ପାଦ ଯାହା ଉଚ୍ଚତର ମଜଭୁତପଣ, ଦ୍ରୁତତର ସେଟିଂ ଏବଂ ଉତ୍ତମ କାର୍ଯ୍ୟକାରିତା ଆଦି ତିନିଟି ଫାଇଦା ଯୋଗାଉଛି ଏବଂ ସେଥିପାଇଁ ଏହା ମଜଭୁତ ଓ ଦୀର୍ଘସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ଉପଯୁକ୍ତ ପସନ୍ଦ ହୋଇଛି । ଏହି ବ୍ରାଣ୍ଡ୍ ପୂର୍ବାଞ୍ଚଳରେ ରହିଥିବା ସମସ୍ତ ଖୁଚୁରା ବ୍ୟବସାୟ ପ୍ରତିଷ୍ଠାନଗୁଡିକ ଜରିଆରେ ବିକ୍ରି କରାଯିବ । ଏହି ବ୍ରାଣ୍ଡ୍ ବଜାର ପ୍ରବେଶ ଅବସରରେ ପ୍ରକାଶ କରି ଶ୍ରୀ ରାଜୀବ ପ୍ରସାଦ, ସିନିୟର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଏବଂ ହେଡ୍ ସେଲ୍ସ, ଲଜିଷ୍ଟିକ୍ସ, ଟେକ୍ନିକାଲ ସର୍ଭିସେସ୍ ଆଣ୍ଡ ମାର୍କେଟିଂ, ଡିସିବିଏଲ୍ କହିଥିଲେ, ପୂର୍ବାଞ୍ଚଳ ବଜାରରେ ଡାଲମିଆ ସୁପ୍ରିମ ସିମେଣ୍ଟ ପ୍ରଚଳନ ନେଇ ଆମେ ଅତ୍ୟନ୍ତ ଉଲ୍ଲସିତ ଅଛୁ ଯ କମ୍ପାନୀର ଗ୍ରାହକ କୈନ୍ଦ୍ରିକ ଆଭିମୁଖ୍ୟ ଧାରାରେ ଏହି ନୂଆ ଉତ୍ପାଦ ମଜଭୁତ, ଦ୍ରୁତତର ଏବଂ ଉତ୍ତମ ନିର୍ମାଣ ନିମନ୍ତେ ଏକ ସ୍ୱତନ୍ତ୍ର ଉତ୍ପାଦର ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବ । ଏହାର ଉଚ୍ଚତର ମଜଭୁତପଣ ଏବଂ ଦୀର୍ଘସ୍ଥାୟିତ୍ୱ ପାଇଁ ଡାଲମିଆ ସୁପ୍ରିମ ସିମେଣ୍ଟ ଗୃହ ନିର୍ମାଣ ପ୍ରକଳ୍ପଗୁଡିକ ନିମନ୍ତେ ଉପଯୋଗୀ ବିବେଚିତ ହେଉଛି । ଏହି ନୂଆ ବ୍ରାଣ୍ଡ୍ ଆମର ପୂର୍ବରୁ ରହିଥିବା ପ୍ରତିଷ୍ଠିତ ବ୍ରାଣ୍ଡ୍ ଯଥା- ଡାଲମିଆ ସିମେଣ୍ଟ, ଡାଲମିଆ ଡିଏସ୍ପି ସିମେଣ୍ଟ, କୋଣାର୍କ ସିମେଣ୍ଟ ଏବଂ ଡାଲମିଆ (ଇନ୍ଫ୍ରା) ପ୍ରୋ ସହିତ ଆଉ ଏକ ଯୋଗ ହୋଇଛି । ଡାଲମିଆ ସୁପ୍ରିମ ସିମେଣ୍ଟ ଏକ ବିଶେଷ ଗୁଣବତ୍ତା ସମ୍ପନ୍ନ, ଏହି ଶ୍ରେଣୀରେ ସର୍ବୋତ୍ତମ ଉତ୍ପାଦ ଯାହା ଉନ୍ନତ କାର୍ଯ୍ୟକ୍ଷମତା, ଉଚ୍ଚତର ଘନତା ସହିତ ସମସ୍ତ ପ୍ରକାର ନିର୍ମାଣ କ୍ଷେତ୍ରରେ ବ୍ୟବହାର ନିମନ୍ତେ ପ୍ରସ୍ତୁତ କରାଯାଇଛି ଏବଂ ଏହା ରାସାୟନିକ ପ୍ରତିକ୍ରିୟା ବିରୁଦ୍ଧରେ ଉତ୍ତମ ପ୍ରତିରୋଧ ପ୍ରଦାନ କରୁଛି । ଉଚ୍ଚତର ମଜଭୁତପଣ ନିମନ୍ତେ ଏହା ଚିକ୍କଣ ପୋଜୋଲାନିକ୍ ପଦାର୍ଥରୁ ତିଆରି ହୋଇଛି ଏବଂ ଦ୍ରୁତ ଭାବରେ ବାନ୍ଧୁଛି, ପ୍ରତ୍ୟକ୍ଷ । ସକାରାତ୍ମକ ଭାବରେ ନିର୍ମାଣ ଖର୍ଚ୍ଚକୁ ପ୍ରଭାବିତ କରୁଛି । ଏହାର ଏଲ୍ପିପି ପ୍ୟାକେଜିଂ ଉନ୍ନତତର ହୋଇଛି, ଫଳରେ ଏହାର ଜୀବଦ୍ଦଶା ଆପେ ବୃଦ୍ଧିପାଉଛି । ଡାଲମିଆ ସିମେଣ୍ଟ ବର୍ଗମାଳାର ଅଂଶ ଭାବରେ ଏହି ଉତ୍ପାଦ ମଧ୍ୟ ବ୍ୟାପକ ଗବେଷଣା ଏବଂ ବିକାଶ ଜରିଆରେ ଡିଜାଇନ କରାଯାଇଛି ଏବଂ ତାହାସହିତ ଏଥିରେ ଗୁଣାତ୍ମକ ଉତ୍ପାଦ ଯୋଗାଇଦେବା କ୍ଷେତ୍ରରେ ଆଠ ଦଶନ୍ଧିରୁ ଊର୍ଦ୍ଧ୍ୱ ବିଶେଷ ଜ୍ଞାନ ରହିଛି, ଯାହା ସାରାଜୀବନ ପାଇଁ ରହୁଛି । ଡାଲମିଆ ସିମେଣ୍ଟ ତାହାର ଉଚ୍ଚତର ମଜଭୁତପଣ ଏବଂ ଦୀର୍ଘସ୍ଥାୟୀ ଗୁଣ ପାଇଁ ଗୃହ ନିର୍ମାଣ ପ୍ରକଳ୍ପଗୁଡିକ ନିମନ୍ତେ ଉପଯୋଗୀ ହେଉଛି ଏବଂ ଏହା ସମ୍ପ୍ରତି ରହିଥିବା ଡାଲମିଆ ଡିଏସ୍ପି ସିମେଣ୍ଟର ପରିପୂରକ ହେବାରେ ସହାୟକ ହେବ, ଯାହା ଆମର ଢଳାଇ ଏକ୍ସପର୍ଟ ଭାବରେ ପରିଚିତ । ଡାଲମିଆ ସିମେଣ୍ଟ (ଭାରତ) କେବଳ ଶୀର୍ଷ ଗୁଣମାନର ସିମେଣ୍ଟ ଯୋଗାଇ ଦେଉନାହିଁ, ତାହାସହିତ ଏହାର ଗ୍ରାହକମାନଙ୍କୁ ଅନ୍ସାଇଟ ତଦାରଖ, ଇଞ୍ଜିନିୟରିଂ ସେବା ଏବଂ ଆହୁରି ଅନେକ ବିକ୍ରିପର ସେବା ଆକାରରେ ଉତ୍ତତର ବୈଷୟିକ ସେବା ଯୋଗାଇ ଦେଉଛି । ଏକ ସର୍ବଭାରତୀୟ ସିମେଣ୍ଟ କମ୍ପାନୀ ହେବା ଦୂରଦୃଷ୍ଟି ସହିତ ଡାଲମିଆ ଭାରତ ପୂର୍ବ ଭାରତରେ ଏହାର ମଜଭୁତ ଉପସ୍ଥିତି ବୃଦ୍ଧି ଘଟାଇବା ପ୍ରୟାସ ଜାରିରଖିବ ।




# ଜିନ୍ଦଲ ଷ୍ଟେନଲେସ୍ ବ୍ରହ୍ମାକୁମାରି ସହ ମିଳିତ ହୋଇ ଓଡିଶାରେ ସରକାରଙ୍କ ଦ୍ୱାରା ପ୍ରଚାଳିତ ନିଶାମୁକ୍ତ ଅଭିଯାନକୁ ଆର୍ଥିକ ସହାୟତା

## ଦ୍ରୌପଦୀ ମୁର୍ମୁ ରାଇରଙ୍ଗପୁରରେ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି




ଭୁବନେଶ୍ୱର, ୪ ।୫ (ଶ୍ରୁମି.) : ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁ ଆଜି ଓଡ଼ିଶାର ରାଇରଙ୍ଗପୁର ଠାରେ ନିଶାମୁକ୍ତ ଓଡିଶା ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ଅଭିଯାନକୁ ଭାରତ ସରକାରଙ୍କ ସହଯୋଗରେ ବ୍ରହ୍ମାକୁମାରୀ ସହଯୋଗରେ ପରିଚାଳିତ ହେବ। ଜିନ୍ଦଲ ଷ୍ଟେନଲେସ୍ ଏହି ପଦକ୍ଷେପର ପ୍ରାଥମିକ ପୃଷ୍ଠପୋଷକ ହୋଇ ଏହି ଉତ୍ତମ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଭାରତର ରାଷ୍ଟ୍ରପତି ବ୍ରହ୍ମାକୁମାରି ଏବଂ ଜିନ୍ଦଲ ଷ୍ଟେନଲେସଙ୍କ ଉଦ୍ୟମକୁ ପ୍ରଶଂସା କରି ଶ୍ରୀମତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ ଆରମ୍ଭରୁ ମଣିଷ ମାଦକ ଦ୍ରବ୍ୟକୁ ଖାଇଥାଏ, କିନ୍ତୁ ପରିଶେଷରେ ମାଦକ ଦ୍ରବ୍ୟ ମଣିଷକୁ ଗ୍ରାସ କରିଥାଏ। ଏହି ବିପଦକୁ ମୁକାବିଲା କରିବାରେ ତୃଣମୂଳ ସ୍ତରର ସଚେତନତା ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାକୁ ନିଶା ମୁକ୍ତ କରିବା ପାଇଁ ମୁଁ ଏହି ଉତ୍ତମ ପଦକ୍ଷେପକୁ ପ୍ରଶଂସା କରୁଛି। କେବଳ ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ ସମଗ୍ର ସମାଜରେ ସଂସ୍କାର ଆଣିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏଥିରେ ସମ୍ପୃକ୍ତ ସମସ୍ତ ଅଂଶୀଦାରଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ଏବଂ ଏହି ଅଭିଯାନ ପ୍ରତି ସହଯୋଗ ବୃଦ୍ଧି କରିବାକୁ ଓଡିଶାର ନାଗରିକମାନଙ୍କୁ ମଧ୍ୟ ଅନୁରୋଧ କରୁଛି। ଏହି ସରକାରୀ ପଦକ୍ଷେପକୁ ପ୍ରଶଂସା କରି ଜିନ୍ଦଲ ଷ୍ଟେନଲେସ ଫାଉଣ୍ଡେସନର ଅଧ୍ୟକ୍ଷ, ଶ୍ରୀମତି ଦୀପିକା ଜିନ୍ଦଲ କହିଛନ୍ତି ଯେ ଜଣେ ଦାୟିତ୍ୱବାନ କର୍ପୋରେଟ ଭାବରେ ଜିନ୍ଦଲ ଷ୍ଟେନଲେସ ବ୍ରହ୍ମାକୁମାରୀ ଏବଂ ସରକାରଙ୍କ ସହିତ ମିଳିତ ହୋଇ ଭାରତକୁ ନିଶା ସେବନରୁ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଛି। ନିଶାମୁକ୍ତ ଅଭିଯାନ ମାଧ୍ୟମରେ ଆମେ ଆମର ଯୁବକ, ଯେଉଁମାନେ ଦେଶର ଭବିଷ୍ୟତର ନେତା, ସେମାନଙ୍କୁ ନିଶା ସେବନରୁ ରକ୍ଷା କରିବାକୁ ଲକ୍ଷ୍ୟ ରଖିଛୁ। ବ୍ରହ୍ମାକୁମାରୀ ସହିତ ଆମର ଦୀର୍ଘ ଦିନର ସହଭାଗୀତାକୁ ଦୃଷ୍ଟିରେ ରଖି ଆମେ ନିଶ୍ଚିତ ଯେ ସେମାନଙ୍କର ହସ୍ତକ୍ଷେପ କେବଳ ଯୁବପିଢିଙ୍କୁ ନିଶା ସେବନରୁ ମୁକ୍ତ କରିବ ନାହିଁ, ବରଂ ସେମାନଙ୍କର ବିପୁଳ ସମ୍ଭାବନାକୁ ଉନ୍ମୋଚନ କରିବାକୁ ମଧ୍ୟ ମାର୍ଗଦର୍ଶନ କରିବ। ଏହି ଅଭିଯାନ ମାଧ୍ୟମରେ ନିଶାର ଖରାପ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଓଡ଼ିଶାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ରୋଡ ଶୋ, ସେମିନାର ପାଇଁ ପ୍ରତିଶ୍ରୁତି ଦେବ। ଏହି ଅଭିଯାନ ଭାରତ ସରକାରଙ୍କ ଏକ ବୃହତ ପଦକ୍ଷେପର ଏକ ଅଂଶ, ଯାହାର ନାମ ହେଉଛି 'ନିଶାମୁକ୍ତ ଭାରତ' ଯାହାକି ବିଭିନ୍ନ ସଚେତନତା କାର୍ଯ୍ୟ ମାଧ୍ୟମରେ ଜନସାଧାରଣଙ୍କୁ ନିଶା ସେବନ ବିରୁଦ୍ଧରେ ସଚେତନ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ବ୍ରହ୍ମାକୁମାରି ଭାରତ ସରକାରଙ୍କ ସହିତ ସହଭାଗୀ ହୋଇଛି ।

*ବିଧାୟିକାଙ୍କ ଆକ୍ରମଣ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେପି ପ୍ରତିନିଧିମଣ୍ଡଳୀ*

# ବିଜେଡିର ନିମ୍ନଗାମୀ ଲୋକପ୍ରିୟତାକୁ ହିଂସାଦ୍ୱାରା ରୋକାଯାଇ ପାରିବ ନାହିଁ: ସତ୍ୟବ୍ରତ ପଣ୍ଡା



ଭୁବନେଶ୍ୱର, ୪/୫ (ଶ୍ରୁମି.) : ପରାଜୟ ଭୟରେ ଝାରସୁଗୁଡା ଉପନିର୍ବାଚନକୁ ହିଂସାଭିମୁଖୀ କରିବା ପାଇଁ ବିଜୁ ଜନତା ଦଳ ଷଡଯନ୍ତ୍ର ଆରମ୍ଭ କରିଛି। ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଏବଂ ଦଳର ତାରକା ପ୍ରଚାରକମାନଙ୍କର ମୁକ୍ତ ଯାତାୟତକୁ ପ୍ରତିବନ୍ଧକ ସୃଷ୍ଟି କରୁଛି ବିଜେଡି। ଗତ ୩ତାରିଖ ଦିନ ଲାଇକେରା ଥାନା ଅନ୍ତର୍ଗତ ନୀକଡିମାଲ ଗାଁରେ ଦଳର ବନବାସୀ ବିଧାୟିକା କୁସୁମ ଟେଟେଙ୍କ ଉପରେ ଆକ୍ରମଣ କରିଥିଲେ। ଏନେଇ ଶ୍ରୀମତୀ ଟେଟେ ମାମଲା ରୁଜୁ ପାଇଁ ଥାନାକୁ ଯାଇଥିବାବେଳେ ବିଜେଡି ସଶସ୍ତ୍ର ଗୁଣ୍ଡାବାହିନୀ ଥାନା ପରିସରରେ ତାଙ୍କୁ ବାଧା ଦେଇଥିଲେ। କିନ୍ତୁ ସବୁ ଦେଖି ଚୁପ୍ ରହିବା ପୋଲିସକଳର ଅସହାୟତାକୁ ପଦାରେ ପକାଇଛି। ଶ୍ରୀମତୀ ଟେଟେଙ୍କ ଘଟଣା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଆଜି ଭାରତୀୟ ଜନତା ପାର୍ଟିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ରାଜ୍ୟର ଜଣେ ଆଦିବାସୀ ମହିଳା ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀକୁ ଅଳଙ୍କୃତ କରିଥିଲାବେଳେ ଓଡ଼ିଶାର ଜଣେ ଆଦିବାସୀ ମହିଳା ବିଧାୟିକାଙ୍କୁ ବିଜେଡିର ଗୁଣ୍ଡାମାନେ ଆକ୍ରମଣ କରିବା ସହ ଧମକ ଦେବା ଅତ୍ୟନ୍ତ ଲଜ୍ୟା ଓ ପରିତାପର ବିଷୟ। କୌଣସି ସମାଜରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଷୁଡି ପଡିବାର ପରବର୍ତୀ ପର୍ଯ୍ୟାୟରେ ଉକ୍ତ ସମାଜକୁ 'ଆନାର୍କି' କବଳିତ କରିଦିଏ ଏବଂ ଓଡିଶା ସେହି ଦିଗରେ ଗତି କରୁଛି। ଝାରସୁଗୁଡାର ଉପନିର୍ବାଚନରେ ବିଜେଡିର ନିମ୍ନଗାମୀ ଲୋକପ୍ରିୟତାକୁ ହିଂସା ଦ୍ୱାରା ରୋକିବା ପାଇଁ ଚାଲିଥିବା ଷଡଯନ୍ତ୍ର ଶେଷରେ ବିଫଳ ହେବ ବୋଲି ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ଝାରସୁଗୁଡା ଉପନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ସହ ବିଧାୟକଙ୍କ ଏତଲାରେ ଦିଆଯାଇଥିବା ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରାଯାଉ। ଆଗାମୀ ୧୦ତାରିଖ ଦିନ ହେବାକୁ ଥିବା ଉପନିର୍ବାଚନ ଶାନ୍ତି, ଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ଯଥେଷ୍ଟ ସଶସ୍ତ୍ର କେନ୍ଦ୍ରୀୟ ବାହିନୀଙ୍କୁ ମୁତୟନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

## ବଲାଙ୍ଗିର ପ୍ରାଣୀ ଚିକିତ୍ସକମାନଙ୍କର ସମୂହ ଇସ୍ତଫା

ବଲାଙ୍ଗିର, ୪ ।୫ (ଶ୍ରୁମି.) : ସାରା ରାଜ୍ୟର ପ୍ରାଣୀ ଚିକିତ୍ସକମାନେ ୯ ଦଫା ଦାବି ନେଇ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସାଧାରଣ ଡାକ୍ତରମାନଙ୍କ ସହ ସମାନ ଦରମା ଓ ପଦୋନ୍ନତି ସୁବିଧା, ଋଷୀଙ୍କ ହିତ ସକାଶେ ୨୪ ଘଣ୍ଟିଆ ପ୍ରାଣୀ ଚିକିତ୍ସା ସେବା, ବିଶେଷଜ୍ଞ ଚିକିତ୍ସା, ପ୍ରାଣୀ ରୋଗ ନିଦାନ ସୁବିଧା, ଦ୍ୱାର ଦେଶରେ ନିଃଶୁଳ୍କ ପ୍ରାଣୀ ଚିକିତ୍ସା, ନିରବଚ୍ଛିନ୍ନ ଔଷଧ ଯୋଗାଣ, କାର୍ଯ୍ୟ ସମୟ ଓ କାର୍ଯ୍ୟ ସାରଣୀ ନିର୍ଦ୍ଧାରଣ, ସ୍ୱତନ୍ତ୍ର ସୁରକ୍ଷା ଆଇନ, ନ୍ୟୁନତମ ପ୍ରାଣୀ ଚିକିତ୍ସା ଭିତ୍ତିଭୂମି ଓ ମାନବ ସମ୍ବଳ ବ୍ୟବସ୍ଥା ଇତ୍ୟାଦି ଦାବି ମୁଖ୍ୟ ଥିଲା। କିନ୍ତୁ କିଛି ଅନୁରୂପ ଫଳ ନ ପାଇବାରୁ ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସକ କିଛି ଦିନ ପୂର୍ବରୁ ଡିଜିଟାଲ ବୟକଟ କରିଥିଲେ ଏବଂ ଆଗକୁ ଦାବି ପୂରଣ ନ ହେଲେ ସମୂହ ଛୁଟିରେ ଯିବେ ବୋଲି ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ । ମାତ୍ର ତାଙ୍କର ଦାବି ଗୁଡ଼ିକୁ ରାଜ୍ୟ ସରକାର ବୈମାତୃକ ମନୋଭାବ ନେଇ ସହୃଦୟେ ଗ୍ରହଣ ନ କରି ଓଲଟା ଆକ୍ରୋଶମୂଳକ ଭାବେ ଅନ୍ୟତ୍ର ବଦଳି କରି ଅଛନ୍ତି ।

# ସେଲ ଆରଏସପିର ନର୍ସେସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ରେ ପୁଷ୍ଟିକର ଏବଂ ସନ୍ତୁଳିତ ଖାଦ୍ୟ ଉପରେ ସ୍ୱତନ୍ତ୍ର ଶିକ୍ଷାଗତ କାର୍ଯ୍ୟକ୍ରମ



ରାଉରକେଲା, ୪ ।୫ (ଶ୍ରୁ.ମି) : ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ୍ ହସ୍ପିଟାଲର ସେବିକା ତାଲିମ ପ୍ରତିଷ୍ଠାନରେ ପୁଷ୍ଟିକର ଏବଂ ସନ୍ତୁଳିତ ଖାଦ୍ୟ ଉପରେ ଏକ ସ୍ୱତନ୍ତ୍ର ଶିକ୍ଷାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଡାକ୍ତର ବି କେ ହୋତା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅବସରରେ ସମସ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ, ଆଇଜିଏଚ୍ ର ଅନ୍ୟ ବରିଷ୍ଠ ଡାକ୍ତର ଏବଂ ନର୍ସମାନେ ଉପସ୍ଥିତ ଥିଲେ। ଉତ୍ସବରେ ନିଜର ବକ୍ତବ୍ୟରେ ଡାକ୍ତର ହୋତା ଡାକ୍ତରୀ ବିଜ୍ଞାନ ତଥା ଜଣେ ବ୍ୟକ୍ତିର ସାମଗ୍ରିକ କଲ୍ୟାଣରେ ପୁଷ୍ଟିକର ଖାଦ୍ୟ ଏବଂ ସନ୍ତୁଳିତ ଖାଦ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ରୋଗୀଙ୍କୁ ଉତ୍ତମ ସୁସ୍ଥତା ପାଇଁ ମାର୍ଗଦର୍ଶନ କରିବାକୁ ସଠିକ୍ ପୁଷ୍ଟିକର ଖାଦ୍ୟ ବିଷୟରେ ଗଭୀର ଜ୍ଞାନ ରଖିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେଯ ଛାତ୍ରଛାତ୍ରୀମାନେ ବାଲାନ୍ସଡ୍ ଫୁଡ୍ ଥାଳିରେ ଓଡିଶାର ବିଭିନ୍ନ ସୁସ୍ୱାଦୁ ଖାଦ୍ୟ, ଏବଂ ବିଭିନ୍ନ ପୁଷ୍ଟିକର ବିଷୟ ଉପରେ ଆଧାରିତ ମଡେଲ୍, ଋର୍ଟ ଏବଂ ପୋଷ୍ଟର ପ୍ରଦର୍ଶନ କରିଥିଲେ । ଓଡିଶା ମିଲେଟ ମିଶନକୁ ଦୃଷ୍ଟିରେ ରଖି ଏକ ଅଲଗା ମିଲେଟ କର୍ଣ୍ଣର ରଖାଯାଇଥିଲା ଯେଉଁଠାରେ ମାଣ୍ଡିଆ ଓ ବାଜରାରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରକ୍ତହୀନତା ରୋକିବା' ଉପରେ ଏକ ଛୋଟ ନାଟକ ମଧ୍ୟ ମଞ୍ଚସ୍ଥ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀମାନେ ଏନଟିଆଇ ଅଧକ୍ଷା ସୁଶ୍ରୀ ବିଦ୍ୟୁତ ପ୍ରଭା ଗୋଥ ଏବଂ ଅନୁଷ୍ଠାନର ଶିକ୍ଷକ ଟ୍ୟୁଟରମାନଙ୍କ ତତ୍ତ୍ୱାବଧାନରେ ସଂଯୋଜନା କରିଥିଲେ। ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସନ୍ତୁଳିତ ଡାଏଟ୍ ଉପରେ ସାତ ଦିନିଆ ଅଧିବେଶନର ଉଦଯାପନୀ ଅବସରରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା ଯେଉଁଠାରେ ସେମାନଙ୍କୁ ଖାଦ୍ୟର ପୁଷ୍ଟିକର ମୂଲ୍ୟ, ରନ୍ଧନ ପ୍ରଣାଳୀ, ସଂରକ୍ଷଣ ଓ ଅପମିଶ୍ରଣ ଇତ୍ୟାଦି ବିଷୟରେ ଶିକ୍ଷା ଦିଆଯାଇଥିଲା।

## ବକ୍ସ ଡ୍ରେନ୍ କାର୍ଯ୍ୟ ସମୀକ୍ଷା କଲେ ମେୟର ଓ କମିଶନର

କଟକ, ୪/୫ (ଶ୍ରୁ.ମି) : କଟକ ସହରରେ ଜାଇକା ମାଧ୍ୟମରେ ଚାଲିଥିବା ବକ୍ସ ଡ୍ରେନ କାର୍ଯ୍ୟକୁ ବୁଧବାର କଟକ ମହାନଗର ନିଗମ(ସିଏମସି) ମେୟର ସୁବାସ ସିଂହ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣ ତଦାରଖ କରିଛନ୍ତି । ସ୍ଥାନୀୟ ପଟ୍ଟାପୋଲ ଓ ବାରପଥର ନିକଟରେ ଉଭୟେ ବକ୍ସ ଡ୍ରେନ୍ କାର୍ଯ୍ୟ ବୁଲି ଦେଖିବା ସହ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡିସେମ୍ବର ସୁଦ୍ଧା ଏହି କାର୍ଯ୍ୟ ଶେଷ ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ବିଶେଷକରି ବର୍ଷା ଦିନରେ ଡ୍ରେନ୍ କାର୍ଯ୍ୟକୁ ନେଇ ଯେପରି ଜନସାଧାରଣଙ୍କ କୌଣସି ଅସୁବିଧା ନ ହେବ ସେଥିପ୍ରତି ଧ୍ୟାନ ଦେବାକୁ ଉଭୟେ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହାପରେ ସେମାନେ ମେରିଆବଜାର ଅଂଚଳ ପରିଦର୍ଶନ କରି ବଜ୍ରକବାଟି ରୋଡରେ ପହଂଚି ବକ୍ସ ଡ୍ରେନ୍ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ଯେପରି ବର୍ଷା ଦିନରେ ମୁଖ୍ୟ ଡ୍ରେନ୍ର ସ୍ରୋତ ବାଧାପ୍ରାପ୍ତ ନ ହେବ ସେଥିନେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଆଦେଶ ଦେଇଥିଲେ ।

# ଚନ୍ଦ୍ରିକା ସେବା ଟ୍ରଷ୍ଟ ପକ୍ଷରୁ ମେଗା ରକ୍ତଦାନ ଶିବିର



ସୁବର୍ଣ୍ଣପୁର,୪/୫ (ଶ୍ରୁମି.) : ଗତ ମାର୍ଚ୍ଚ ମାସ ୨୨ ତାରିଖରେ ସୁବର୍ଣ୍ଣପୁର ଜିଲ୍ଲା ସରଧାପାଲି ବିଦ୍ୟାଳୟ ଆଗରେ ହୋଇଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ତିନି ଜଣ ମୃତ ଛାତ୍ରମାନଙ୍କ ସ୍ମୃତିରେ ସୁବର୍ଣ୍ଣପୁର ସହରର ନବ ଗଠିତ ଚନ୍ଦ୍ରିକା ସେବା ଟ୍ରଷ୍ଟ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସଦର ବ୍ଲକ କଳାପଥର ନିକଟରେ ଥିବା ପ୍ରତୀକ ରାଇସ ମିଲ ପରିସରରେ ଅନୁଷ୍ଠିତ ଏହି ଶିବିରର କୁ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଉଦଘାଟନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଜେନେରାଲ ନିଶି ପୁନମ ମିଞ୍ଜ, ଜିଲ୍ଲା ପରିବହନ ଅଧିକାରୀ ଅକ୍ଷୟ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ବିଶ୍ୱ ରଞ୍ଜନ ପତି, ବୀରମହାରାଜପୁର ଉପ ଜିଲ୍ଲାପାଳ ଶ୍ରୀ ଅଶୋକ ଭୋଇ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଅରବିନ୍ଦ ବାରିକ, ବୃନ୍ଦାବନ ର ଆଧାତ୍ମିକ ପ୍ରବଚକ ବାଳ କୃଷ୍ଣ ଜି ମହାରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଶିବିର ର ଆୟୋଜକ ଓ ରକ୍ତ ଦାତା ଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମେ ମୃତ ତିନି ଛାତ୍ରଙ୍କ ଅମର ଆତ୍ମାର ଶାନ୍ତି ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ତିନି ଛାତ୍ରଙ୍କ ପରିବାର ଲୋକ ଓ ଶରଧାପାଲି ଗ୍ରାମ ର କିଛି ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଚନ୍ଦ୍ରିକା ସେବା ଟ୍ରଷ୍ଟର ସଭାପତି ବଣ୍ଟୁ ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ସଙ୍ଗୀତଜ୍ଞ ଶାଶ୍ୱତ ତ୍ରିପାଠୀ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଚନ୍ଦ୍ରିକା ସେବା ଟ୍ରଷ୍ଟର ବିଦ୍ଧିବଦ୍ଧ ଶୁଭାରମ୍ଭ ହୋଇଥିଲା । ଟ୍ରଷ୍ଟ ପକ୍ଷରୁ ଆସନ୍ତା ୧୪ ତାରିଖ ଠାରୁ ପ୍ରତି ରବିବାର ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରେ ରୋଗୀ ସମ୍ପର୍କିୟମାନଙ୍କ ପାଇଁ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି । ଏହି ଶିବିରରେ ମୋଟ ୨୦୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସ୍ୱେଚ୍ଛାସେବୀ, ସାଧାରଣ ଲୋକଙ୍କ ସହିତ ମହିଳାମାନେ ମଧ୍ୟ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ରକ୍ତଦାନ ପ୍ରବର୍ତ୍ତକ ମନୋଜ ପଣ୍ଡା, ରାମନାରାୟଣ ଦାସ ଓ ଅକ୍ଷୟ କୁମାର ପୁଜାରୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ରକ୍ତ ସଂଗ୍ରହରେ ସୁବର୍ଣ୍ଣପୁର ରକ୍ତ ଭଣ୍ଡାର ସମେତ ବଲାଙ୍ଗିର ଭିମଭୋଇ ମେଡିକାଲ କଲେଜ ଓ ବୁର୍ଲା ବିର ସୁରେନ୍ଦ୍ର ସାଏ ମେଡିକାଲ ରକ୍ତ ଭଣ୍ଡାର ସାମିଲ ହୋଇଥିଲେ । ବୁର୍ଲାରୁ ଆସିଥିବା ରକ୍ତ ସଂଗ୍ରହ ଦଳରେ ଡା ସଂଗ୍ରାମ ପରିଡା, ଦେବାଶିଷ ମିଶ୍ର, ଲାଲୁ ବିଶ୍ୱାସ, ଜନକ ବେହେରା, ପ୍ରହଲ୍ଲାଦ ବଡେଇ ସାମିଲ ଥିବାବେଳେ ସୁବର୍ଣ୍ଣପୁର ଦଳରେ ଡା. ସରୋଜ ପଟେଲ, ଟିଟୁ ଭୋଇ, ଜଗତ ଦରୁଆନ, ଯୁଧିଷ୍ଠିର ସାହୁ ପ୍ରମୁଖ ସାମିଲ ଥିଲେ ଯ ଟ୍ରଷ୍ଟର ସଦସ୍ୟ ସନ୍ତୋଷ ମିଶ୍ର, ଦେବାଶିଷ ପଟ୍ଟନାୟକ, ସଞ୍ଜୟ ସାହୁ, ସତ୍ୟବ୍ରତ ପଧାନ, ସନ୍ତୋଷିନି ନନ୍ଦ, ଦୀପା ଅଗ୍ରୱାଲ, ଜୟନ୍ତି ରଥ ପ୍ରମୁଖଙ୍କ ସହ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ ।

# ସେଲ ଆରଏସପିର ଷ୍ଟ୍ରକଚରାଲ୍ ଏବଂ ଫ୍ୟାବ୍ରିକେସନ୍ ସପର ପ୍ରୟାସ ଦ୍ୱାରା ବିପୁଳ ସଞ୍ଚୟ ସାଧନ



ରାଉରକେଲା, ୪ ।୫ (ଶ୍ରୁମି.) : ସେଲ ରାଉରକେଲା ଇସ୍ପାତ କାରଖାନାର ଷ୍ଟ୍ରକଚରାଲ୍ ଏବଂ ଫ୍ୟାବ୍ରିକେସନ୍ ସପର କର୍ମଚାରୀମାନେ ନିଜସ୍ୱ ସମ୍ବଳର ବ୍ୟବହାର କରି ଏକ ସେମି ଅଟୋମେଟିକ୍ ସବମର୍ଜ ଆର୍କ ୱେଲଡିଂ ମେସିନ୍ ର ବିକାଶ ସାଧନ ପୂର୍ବକ ସେମାନଙ୍କର ଦକ୍ଷତା ଏବଂ କାର୍ଯ୍ୟନିପୁଣତାର ପ୍ରଦର୍ଶନ କରିଛନ୍ତି। ଉକ୍ତ ସେମି ଅଟୋମେଟିକ୍ ଆର୍କ ୱେଲଡିଂ ମେସିନ୍ କୁ ମଇ ୩ ତାରିଖରେ ସପ୍ସ, ଡିଜାଇନ ଓ ରୋଲ ସପ ବିଭାଗର ସିଜିଏମ, ଶ୍ରୀ ରବି ରଂଜନ ଉଦଘାଟନ କରିଥିଲେ। ଏହି ଅବସରରେ ଡିଜାଇନ, ମେକାନିକାଲ୍ ସପ ଏବଂ ଫାଉଣ୍ଡ୍ରି ବିଭାଗର ଜିଏମ ଇନ ଋର୍ଜ, ଶ୍ରୀ ଶେଖର ନାରାୟଣ , ଆରଏସଏମ ବିଭାଗର ଜିଏମ, ଶ୍ରୀ ଡ଼ି କେ ନାୟକ, ସପ୍ସ ଏସ ଆଣ୍ଡ ଏଫ ବିଭାଗର ଜିଏମ, ଶ୍ରୀ ଏସ ସି ସାବତ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ, ଶ୍ରୀ ଅବକାଶ ବେହେରା ଏବଂ ଷ୍ଟ୍ରକଚରାଲ୍ ଏବଂ ଫ୍ୟାବ୍ରିକେସନ୍ ସପ ତଥା ୟୁଜର ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ସପ୍ସ ର ପୂର୍ବ କଲମ୍ ଏବଂ ବୁମ୍ ଏସଏଡବ୍ଲୁ ମେସିନ୍ଗୁଡ଼ିକ ଉପରେ ଅଧିକ ସଖ୍ୟାରେ ବିଲ୍ଡ ଅପ ଏବଂ ରିକଣ୍ଡିସନିଙ୍ଗ କାର୍ଯ୍ୟ ସହିତ ଅଧିକ କାର୍ଯ୍ୟଭାର ରହିଆସୁଥିଲାଯ ସପ୍ସ ଷ୍ଟ୍ରକଚରାଲ୍ ଏବଂ ଫ୍ୟାବ୍ରିକେସନ୍ ସପର କର୍ମଚାରୀମାନେ ନିଜସ୍ୱ ସମ୍ବଳ ସହିତ ଏହି ଯନ୍ତ୍ରପାତି ବିକାଶ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ବିକାଶ ପ୍ରକ୍ରିୟାର ପରିସର ଶ୍ରୀ ରବି ରଂଜନଙ୍କ ମାର୍ଗଦର୍ଶନରେ ଏବଂ ଶ୍ରୀ ଏସ.ସି ସାବତଙ୍କ ତତ୍ତ୍ୱାବଧାନରେ ସ୍ଥିର କରାଯାଇଥିଲା। ରୋଟେଟର ୟୁନିଟ୍ ଏବଂ କ୍ୟାରେଜ ମାଉଣ୍ଟେଡ ପୋର୍ଟେବଲ୍ ୱେଲଡିଂ ହେଡ୍ ପରି ନିଷ୍କ୍ରିୟ ସ୍ପେୟାରଗୁଡିକ ନିଜସ୍ୱ ଭାବେ କିଛି ବିକଶିତ ବ୍ୟବସ୍ଥା ସହିତ ଜଳମଗ୍ନ ଆର୍କ ୱେଲଡିଂ ମେସିନ୍ ସେଟ୍ ଅପ୍ ନିର୍ମାଣରେ ବ୍ୟବହୃତ ହୋଇଥିଲାଯ ବିଭିନ୍ନ ଷ୍ଟିଲ ମେକିଙ୍ଗ ଏବଂ ରୋଲିଂ ମିଲ୍ ୟୁନିଟଗୁଡିକର ରୋଲଗୁଡିକର କ୍ରମବର୍ଦ୍ଧିଷ୍ଣୁ ରିକଣ୍ଡିସନିଙ୍ଗ ଆବଶ୍ୟକତା ପୂରଣ ସମେତ ଏବଂ ନୂତନ ପ୍ଲେଟ୍ ମିଲ୍ ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୨ ପରି ନୂତନ ୟୁନିଟ୍ ର ଆବଶ୍ୟକତା ପୂରଣ ନିମନ୍ତେ ଏହି ପ୍ରୟାସ ଗ୍ରହଣ କରାଯାଇଛି। ଏହି ମେସିନ୍ କଲମ୍ ଏବଂ ବୁମ୍ ଏସଏଡବ୍ଲୁ ଜଳମଗ୍ନ ଆର୍କ ୱେଲଡିଂ ମେସିନ୍ ପରି କାର୍ଯ୍ୟକରିବ ଏବଂ ଆରଏସପିରେ ବ୍ୟବହୃତ ୧୫୦ ମିଲିମିଟରରୁ ୧୫୦୦ ମିଲିମିଟର ପର୍ଯ୍ୟନ୍ତ ବ୍ୟାସ ବିଶିଷ୍ଟ ବିଭିନ୍ନ ଆକାରର ରୋଲର ୱେଲଡିଂ, ବିଲ୍ଡଅପ୍ ଏବଂ ପୁନଃନିର୍ମାଣ ପାଇଁ ନିୟନ୍ତ୍ରିତ ସୁବିଧା ସହିତ ସେବା ପ୍ରଦାନ କରିବଯ ଅତି ଅଳ୍ପ ମୂଲ୍ୟ ସହିତ ମେସିନର ନିଜସ୍ୱ ରୂପେ ବିକାଶ ସାଧନ ଦ୍ୱାରା ପାରମ୍ପରିକ ଏସଏଡବ୍ଲୁ ମେସିନ୍ କ୍ରୟ ଦିଗରେ ଖର୍ଚ୍ଚ ହେଉଥିବା ପ୍ରାୟ ଏକ କୋଟି ଟଙ୍କାର ନଗଦ ଅର୍ଥ ସଞ୍ଚୟ କରାଯାଇପାରିଛି।

Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-751032, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist- Khordha Tel- 9437279415, 9437770874,0674-2460825 E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର